ବର୍ଷ-୨୪, ସଂଖ୍ୟା-୨୨୧
ଭୁବନେଶ୍ୱର
୧୦ ସେପ୍ଟେମ୍ବର, ୨୦୨୪ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 221
Bhubaneswar
10 September, 2024, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ମାଲକାନିଗିରି ଓ କୋରାପୁଟରେ ଜଳପ୍ରଳୟ

**ଭୁବନେଶ୍ୱର,୯।୯(ମହାଭାରତ):** ବଙ୍ଗୋପସାଗରେ ସୃଷ୍ଟି ହୋଇଥିବା ଲଘୁଚାପ ଗଭୀର ଅବପାତର ରୂପ ନେଇଛି। ଏହାର ପ୍ରଭାବରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ପ୍ରବଳ ବର୍ଷା ହୋଇଛି। ତେବେ ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ବର୍ଷାପ୍ରଳୟ ଦେଖିବାକୁ ମିଳିଛି। ଉଭୟ ଜିଲ୍ଲାରେ ସ୍ଥିତି ସଙ୍ଗିନ ହୋଇପଡିଛି। ଦୁଇ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ହଜାର ହଜାର ଲୋକ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ମାଛକୁଣ୍ଡ ପାୱାର ହାଉସରେ ପଶିଲା ବନ୍ୟା ଜଳ ପଶିବାରୁ ବିଦ୍ୟୁତ ଉତ୍ପାଦନ ବନ୍ଦ ହୋଇଛି। ୪ ଜିଲ୍ଲାକୁ ଏନ୍‌ଡିଆରଏଫ୍ ଟିମ୍ ପଠାଯାଇଛି। ରାୟଗଡ଼ାରେ ଏକ ପୋଲ ଭାଙ୍ଗିଯିବାରୁ ରାୟଗଡ଼ାକୁ ଯୋଗାଯୋଗ ସମ୍ଭବ ହେଉନି। ସେହିପରି ପାଣିପାଗ ବିଭାଗ କେନ୍ଦ୍ର ପକ୍ଷରୁ ଆସନ୍ତାକାଲି ୭ ଜିଲ୍ଲାକୁ ରେଡ ଆର୍ଲଟ ଜାରି କରାଯାଇଛି। ରେଡ ଆର୍ଲଟ ଜାରି କରାଯାଇଥିବା ଜିଲ୍ଲା ଗୁଡିକ ହେଲା ନୟାଗଡ, ଖୋର୍ଦ୍ଧା, ପୁରୀ, ବଲାଙ୍ଗୀର, ବୌଦ୍ଧ, ଗଞ୍ଜାମ, କନ୍ଧମାଳ। ପ୍ରବଳ ବର୍ଷା କାରଣରୁ ଆସନ୍ତାକାଲି ମାଲକାନଗିରି ଓ ଗଞ୍ଜାମ ଜିଲ୍ଲାର ସମସ୍ତ ସ୍କୁଲ, ଅଙ୍ଗନବାଡି କେନ୍ଦ୍ର ବନ୍ଦ ରହିବ ବୋଲି ଜିଲ୍ଲାପାଳ ଘୋଷଣା କରିଛନ୍ତି। ତେବେ ରାଜ୍ୟରେ ଛୋଟ ଧରଣର ବନ୍ୟା ଆଶଙ୍କା କରିଛନ୍ତି ସର୍ବୋଚ୍ଚ ଯନ୍ତ୍ରୀ।





ଗତକାଲି ଠାରୁ ହୋଇଥିବା ବର୍ଷାରେ ମାଲକାନଗିରିରେ ସର୍ବାଧିକ ବର୍ଷା ରେକର୍ଡ ହୋଇଛି। ଜିଲ୍ଲାରେ ସର୍ବମୋଟ ୧୨୭୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଜିଲ୍ଲାରେ ବନ୍ୟା ସ୍ଥିତିକୁ ଅନୁଧ୍ୟାନ କରିବା ପାଇଁ ବରିଷ୍ଠ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ଟିମରେ ଅଗ୍ନିଶମ ଓ ହୋମଗାର୍ଡର ଡିଜି ସୁଧାଂଶୁ ଷଡଙ୍ଗୀ, ଏସଏସଇପିଡିର ପ୍ରିନସପାଲ ସେକ୍ରେଟାରୀ ବିଷ୍ଣୁପଦ ସେଠୀ, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂ ମୀନା ପ୍ରମୁଖ ରହିଛନ୍ତି।

ଗତ ଦୁଇ ଦିନ ଧରି ଲଗାଣ ବର୍ଷାରେ ମାଲକାନଗିରି ଜିଲ୍ଲାର ସ୍ଥିତି ସଙ୍ଗିନ ହୋଇପଡିଛି। ବୁଡିଛି ଜାତୀୟ ରାଜପଥର ସମସ୍ତ ପୋଲ। ପୋଲ ଉପରେ ୮ରୁ ୧୦ ଫୁଟର ପାଣି ବୋହୁଛି। ମାଲକାନଗିରି ଜିଲ୍ଲାର ସମସ୍ତ ବ୍ଲକକୁ ଯାତାୟତ ଠପ ହୋଇଯାଇଛି। ପୋଟେରୁ ଗାଁରେ ୧୦ ଫୁଟର ପାଣି ପ୍ରବାହିତ ହେଉଥିବାବେଳେ ମାଲକାନଗିରି ଜିଲ୍ଲା ଏକ ପ୍ରକାର ବାହ୍ୟ ଜଗତରୁ ବିଛିନ୍ନ ହୋଇଯାଇଛି। ଯାହା ଫଳରେ ଯାତାୟାତ ଠପ୍ ହୋଇଯାଇଛି। ପାଙ୍ଗାମ ନଦୀ ପୋଲ ଉପରେ ୧୦ ଫୁଟର ପାଣି ପ୍ରବାହିତ ହେଉଥିବାରୁ ଜୟପୁର ମାଲକାନଗିରି ମଧ୍ୟରେ ଯୋଗାଯୋଗ ବିଛିନ୍ନ ହୋଇଛି। ସେହିଭଳି ଏମଭି-୭ ନିକଟରେ ତମସା ନଦୀ ଜାତୀୟ ରାଜପଥକୁ ଗିଳିଛି। ପୋଟେରୁ,କାଙ୍ଗୁରୁକୁଣ୍ଡା,ଏମଭି-୯୦,ଏମଭି-୯୬ ,ପାଙ୍ଗାମ ପୋଲ ଉପରେ ବର୍ଷା ପାଣି ପ୍ରବାହିତ ହେଉଛି। ସେହିଭଳି ପୋଟେରୁ ନଦୀର ପାଣି ବଢିଯିବାରୁ ପୋଟେରୁ ଗାଁ ଭିତରେ ପଶିବାରୁ ଲୋକେ ତ୍ରାହିତ୍ରାହୀ ଡାକ ଛାଡିଲେଣି। ପ୍ରଶାସନ ତରଫରୁ ସମସ୍ତ ଲୋକଙ୍କୁ ଉଦ୍ଧାର କରାଯାଇ ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରଖାଯାଇଛି। ସମସ୍ତଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ଜାତୀୟ ରାଜପଥ କଡରେ ଶହ ଶହ ଟ୍ରକ ଠିଆ ହୋଇଛି। ସମସ୍ତ ଟ୍ରକ କର୍ମଚରୀଙ୍କୁ ପ୍ରଶାସନ ତରଫରୁ ଖାଇବାର ବ୍ୟବସ୍ଥା ଏବଂ ରହିବାର ବ୍ୟବସ୍ଥା କରାଯାଇଥିବା କୁହାଯାଇଛି। ଆସନ୍ତାକାଲି ମାଲକାନଗିରି ଜିଲ୍ଲାର ସମସ୍ତ ବିଦ୍ୟାଳୟ ବନ୍ଦ ରହିବ। ତତ ସହିତ ଆସନ୍ତାକାଲି ଜିଲ୍ଲାର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ପ୍ରି ସ୍କୁଲ ଶିକ୍ଷା ବନ୍ଦ ରହିବ।

ଏହି ଅଧିକାରୀମାନେ ଜିଲ୍ଲା ପ୍ରଶାସନକୁ ବନ୍ୟା ସ୍ଥିତିକୁ ସୁଧାରିବା ପାଇଁ ସହଯୋଗ କରିବେ।ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୧୪ଟି ଆଶ୍ରୟସ୍ଥଳୀ କରାଯାଇଛି।ଜିଲ୍ଲାର ୫୪୮ଟି ପରିବାରର ୧୭୬୭ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ପୁରୁଷଙ୍କ ସଂଖ୍ୟା ୧୦୨୨ ଜଣ,ମହିଳାଙ୍କ ସଂଖ୍ୟା ୬୦୨ ଜଣ,ଶିଶୁଙ୍କ ସଂଖ୍ୟା ୧୪୩ ଜଣ ବୋଲି ଜଣାପଡିଛି। ସମସ୍ତ ୧୪ଟି ଅସ୍ଥାୟୀ ଆଶ୍ରୟସ୍ଥଳିରେ ପ୍ରଶାସନ ତରଫରୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚପରୁ ଅବପାତ ପ୍ରଭାବରେ କୋରାପୁଟ ଜିଲ୍ଲାରେ ବ୍ୟାପକ ଭାବେ ଲଗାଣ ବର୍ଷା ଲାଗି ରହିଛି। ଜିଲ୍ଲାର ସବୁ ବ୍ଲକରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଛି।ରାସ୍ତା ଘାଟ ସବୁଠି ପାଣିର ଲହଡି ଭାଙ୍ଗୁଛି ବର୍ଷା ଜଳ ଅନ୍ୟପଟେ ଜିଲ୍ଲାର ଲମତାପୁଟରେ ଥିବା ମାଛକୁଣ୍ଡ ପାୱାର ହାଉସରେ ପଶି ଯାଇଛି ବର୍ଷା ଜଳ। ମାଛକୁଣ୍ଡ ପାୱାର ହାଉସରେ ୨ ନମ୍ବର ୟୁନିଟ୍ ଭିତରେ ବର୍ଷା ଜଳ ପ୍ରବେଶ କରିଛି।ଜଲାପୁଟ ଜଳଭଣ୍ଡାରର ଜଳସ୍ତର ଲଗାତାର ବୃଦ୍ଧି ପାଇବାରୁ ଏହି ଡ୍ୟାମର ୫ଟି ଓ ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପର ଡି.ଡ୍ୟାମର ଜଳସ୍ତର ବଢ଼ିବାରୁ ୪ଟି ଗେଟ ଖୋଲା ଯାଇଛି। ଅନ୍ୟପଟେ ଉପରକୋଲାବ ଜଳଭଣ୍ଡାରରେ ଜଳସ୍ତର ବଢ଼ିଛି। ଉପରକୋଲାବ ଜଳଭଣ୍ଡାରର ଜଳଧାରଣ କ୍ଷମତା ୮୫୮ ମିଟର ସର୍ବୋଚ୍ଚ ସ୍ତର ଥିବାବେଳେ ଏବେ ଏହା ୮୫୬.୪୫ ମିଟରକୁ ପହଞ୍ଚିଲାଣି। ସେହିପରି ତେଲିଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପ ଜଳଭଣ୍ଡାର ୬୩୩.୦୦ମିଟର ଥିବା ବେଳେ ଏହା ଭିତରେ ୬୩୧.୮୯ମିଟର ଜଳ ରହିଛି।

ଗତକାଲି ସକାଳ ୮ଟାରୁ ଆଜି ସକାଳ ୮ଟା ଯାଏଁ ଜିଲ୍ଲାର ବୈପାରୀଗୁଡା ବ୍ଲକରେ ୧୯୮ ମିମି ବର୍ଷା ହୋଇଛି। ଜିଲ୍ଲାର ଜୟପୁର, ବେପାରୀଗୁଡା, ନନ୍ଦପୁର, ଲମତାପୁଟ, ସେମିଳିଗୁଡା, କୋରାପୁଟ, କୋଟପାଡ, ଓ କୁନ୍ଦ୍ର ବ୍ଲକରେ ପ୍ରବଳ ବର୍ଷା ହେବା ଫଳରେ ସବୁ ନଦୀନାଳରେ ପାଣି ଭରି ଯାଇଛି। ଚଷ ଜମି ଗୁଡିକରେ ପାଣି ଜମା ହୋଇ ରହିଥିବା ଦେଖିବାକୁ ମିଳିଛି। ସେହିପରି ଜିଲ୍ଲାର ସବୁ ସହରାଂଚଳର ବସ୍ତି ଓ ନୂଆର କଲୋନୀଗୁଡିକର ସ୍ୱେରେଜ୍ ତଥା ପାଣି ନିଷ୍କାସନ୍ ବ୍ୟବସ୍ଥା ଠିକ ନଥିବାରୁ ବହୁ ସ୍ଥାନରେ ପାଣି ଜମା ହୋଇ ରହିଛି ।ଲାବ ନଦୀ ଓ ବିରୀଗାଡ଼ ସହ ଅନ୍ୟ ନାଳଗୁଡିକରେ ଅଧିକା ପାଣି ଚଳୁଥିବା ଦେଖିବାକୁ ମିଳିଛି।

# କାର୍ଯ୍ୟରେ ଯୋଗଦେବାକୁ ଡାକ୍ତରଙ୍କୁ ସୁପ୍ରିମକୋର୍ଟଙ୍କ ପରାମର୍ଶ

## ଆଜି ସନ୍ଧ୍ୟା ୫ଟା ସୁଦ୍ଧା କାର୍ଯ୍ୟରେ ଯୋଗଦିଅନ୍ତୁ

## ବିଳମ୍ବ କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରେ

ନୂଆଦିଲ୍ଲୀ,୯।୯(ମହାଭାରତ): କୋଲାକାତା ଦୁଷ୍କର୍ମ ଓ ହତ୍ୟା ଘଟଣା ବିରୋଧରେ ମାସେ ହେଲାଣି ବିକ୍ଷୋଭ କରୁଥିବା ଡାକ୍ତରମାନଙ୍କୁ ଆସନ୍ତାକାଲି ସନ୍ଧ୍ୟା ୫ଟା ସୁଦ୍ଧା କାର୍ଯ୍ୟରେ ଯୋଗ ଦେବାକୁ ସୁପ୍ରିମକୋର୍ଟ କହିଛନ୍ତି। ଡାକ୍ତରମାନେ କାର୍ଯ୍ୟକୁ ଥରେ ଫେରିବା ପରେ ସେମାନଙ୍କ ବିରୋଧରେ ଅଧିକାରୀମାନେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ନାହିଁ। କିନ୍ତୁ ଯଦି ଡାକ୍ତରମାନେ କାର୍ଯ୍ୟରେ ଯୋଗ ଦେବାକୁ ବିଳମ୍ବ କରିବେ, ତା'ହେଲେ କୋର୍ଟ ମଧ୍ୟ ସେମାନଙ୍କ ବିରୋଧରେ ରାଜ୍ୟ ସରକାର ନେବାକୁ ଥିବା କାର୍ଯ୍ୟାନୁଷ୍ଠାନକୁ ରୋକି ପାରିବେ ନାହିଁ। କାର୍ଯ୍ୟରେ ଯୋଗ ନ ଦେବାରୁ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରେ ବୋଲି ମଧ୍ୟ ସୁପ୍ରିମକୋର୍ଟ କହିଛନ୍ତି।

କୋଲକାତାର ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିଲା। ଏହାକୁ ନେଇ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିବା ବେଳେ ସୁପ୍ରିମକୋର୍ଟ ନିଜ ଆଡୁ ଏହାର ଶୁଣାଣି କରୁଛନ୍ତି। ଆଜି ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଘଟଣାର ତଦନ୍ତ କରୁଥିବା ସିବିଆଇକୁ ନୂଆ ଷ୍ଟାଟସ ରିପୋର୍ଟ ସେପ୍ଟେମ୍ବର ୧୭ ତାରିଖ ସୁଦ୍ଧା ଦାଖଲ କରିବାକୁ କହିଛନ୍ତି।



ଏଥିସହ ଆରଜି କର ହସ୍ପିଟାଲର ସୁରକ୍ଷା ପାଇଁ ନିୟୋଜିତ ହୋଇଥିବା ୩ କମ୍ପାନୀ ସିଆଇଏସଏଫ ଯବାନଙ୍କ ରହଣୀ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପଶ୍ଚିମବଙ୍ଗର ବରିଷ୍ଠ ଅଧିକାରୀମାନଙ୍କୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼, ଜଷ୍ଟିସ ମନୋଜ ମିଶ୍ରା ଓ ଜଷ୍ଟିସ ଜେବି ପାରଡିୱାଲାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ସିବିଆଇ ପକ୍ଷରୁ ଆଜି ଗୋଟିଏ ଷ୍ଟାଟସ ରିପୋର୍ଟ ଦାଖଲ କରାଯାଇଛି। ଏଥିରୁ ଜଣାପଡ଼ିଛି ଯେ ତଦନ୍ତ ଚାଲିଛି। ଆମେ ସିବିଆଇକୁ ଆଉ ଏକ ନୂଆ ଷ୍ଟାଟସ ରିପୋର୍ଟ ୧୭ ତାରିଖ ସୁଦ୍ଧା ଦାଖଲ କରିବାକୁ କହୁଛୁ। ଆମେ ସିବିଆଇକୁ ତା' ତଦନ୍ତରେ କୌଣସି ପ୍ରକାରର ଗାଇଡ କାରିବାକୁ ଚାହୁଁ ନାହୁଁ।

ଶୁଣାଣି ବେଳେ ସୁପ୍ରିମକୋର୍ଟ ପଶ୍ଚିମବଙ୍ଗ ସରକାରଙ୍କୁ ସମାଲୋଚନା କରିଛନ୍ତି ଓ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ନେଇ ଅନେକ ଚିନ୍ତା ପ୍ରକଟ କରିଛନ୍ତି। ଜଣେ ଆଇନଜୀବୀ ଗୁପ୍ତାଙ୍କ ସ୍ୱାବକୁ ଠିକ ଭାବେ ରଖାଯାଇ ନଥିବା ପ୍ରଶ୍ନ କରିଥିଲେ। ଏହି ସ୍ୱାବକୁ ୪ ଡିଗ୍ରୀ ସେଲସିୟସରେ ରଖାଯାଇଥିବା କଥା। କିନ୍ତୁ ସେମିତି ହୋଇ ନଥିବା ସେ କହିଥିଲେ।

ସିବିଆଇକୁ ପକ୍ଷରୁ ମାମଲା ପରିଚାଳନା କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟା ମଧ୍ୟ କହିଥିଲେ ଯେ ଶବ ବ୍ୟବଚ୍ଛେଦ କେଉଁ ସମୟରେ ହୋଇଥିଲା, ସେକଥା ରିପୋର୍ଟରେ ଉଲ୍ଲେଖ ହୋଇନାହିଁ। ଦୁଷ୍କର୍ମ ଓ ହତ୍ୟା ଭଳି ମାମଲାରେ ଏହି ତଥ୍ୟର ବେଶ ଗୁରୁତ୍ୱ ରହିଛି। ଏହା ଶୁଣି କୋର୍ଟ ଅସ୍ୱାଭାବିକ ମୃତ୍ୟୁ ମାମଲା କାହିଁକି ରୁଜୁ ହେଲା ବୋଲି ଜାଣିବାକୁ ଚାହିଁଥିଲେ।

ଏହାର ଜବାବରେ ବରିଷ୍ଠ ଆଇନଜୀବୀ କପିଲ ସିବଲ କହିଥିଲେ ଯେ ମୃତ୍ୟୁ ପ୍ରମାଣପତ୍ର ଅପରାହ୍ଣ ୧ଟା ୪୭ରେ ଦିଆଯାଇ ଥିବାବେଳେ ଅପରାହ୍ନ ୨.୫୫ ମିନିଟରେ ପୁଲିସ ଏକ ଅସ୍ୱାଭାବିକ ମୃତ୍ୟୁ ମାମଲା ରୁଜୁ କରିଥିଲା। ସର୍ଚ୍ଚ ଓ ଘଟଣା ସହ ଜଡ଼ି ସାମଗ୍ରୀ ଜବତ ପ୍ରକ୍ରିୟା ରାତି ୮.୩୦ରୁ ୧୦.୪୫ ମଧ୍ୟରେ ଶେଷ ହୋଇଥିଲା। ଏଥିସହ ସବିଲ ଆହୁରି କହିଥିଲେ ଯେ ଘଟଣା ପରଠାରୁ ଡାକ୍ତରମାନେ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏଥିସଯୋଗୁ ୨୩ ଜଣଙ୍କ ଜୀବନ ଯାଇଛି। ଏହା ଶୁଣି ସର୍ବୋଚ୍ଚ ଅଦାଲତ ଡାକ୍ତରମାନଙ୍କୁ କାର୍ଯ୍ୟରେ ଯୋଗ ଦେବାକୁ କହିଛନ୍ତି।

ସୋଶାଲ ମିଡିଆରେ କୋଲକାତା ପୀଡ଼ିତାଙ୍କ ଫଟୋ ଏଯାଏ ରହିଛି। ତେଣୁ ଏହା ଡିଲିଟ କରିବାକୁ ସିବଲ ଅନୁରୋଧ କରିଥିଲେ। ସୁପ୍ରିମକୋର୍ଟ ଏହାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ସମସ୍ତ ସୋଶାଲ ମିଡିଆ। ପ୍ଲାଟଫର୍ମ ଓ ବୈଦ୍ୟୁତକ ମାଧ୍ୟମରୁ ପୀଡ଼ିତାଙ୍କ ଫଟୋ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ପ୍ରଭାବିତ ଜିଲ୍ଲାର ସ୍ଥିତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୯।୯(ମହାଭାରତ):** ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କର ଦୁଇଦିନିଆ ସମ୍ବଲପୁର ଗସ୍ତରୁ ଫେରିବା ପରେ ସମ୍ବଲପୁରଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ କୋରାପୁଟ ଓ ମାଲକାନଗିରି ଜିଲ୍ଲରେ ପ୍ରବଳ ବର୍ଷାଜନିତ କ୍ଷୟକ୍ଷତି ନେଇ ଆଲୋଚନା କରିଛନ୍ତି। ଏଥି ସହିତ ମୁଖ୍ୟମନ୍ତ୍ରୀ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଉପକୂଳବର୍ତ୍ତୀ ଅଂଚଳରେ ସମ୍ଭାବ୍ୟ ବର୍ଷା ପାଇଁ ନିଆଯାଇଥିବା ସତର୍କତାମୂଳକ ପଦକ୍ଷେପ ବାବଦରେ ମଧ୍ୟ ଆଲୋଚନା କରିଥିଲେ। କୋରାପୁଟ ଓ ମାଲକାନଗିରିର ବହୁସ୍ଥାନରେ ବର୍ଷାଜଳ ଯୋଗୁଁ ଯାତାୟତ ବାଧାପ୍ରାପ୍ତ ହୋଇଛି ଏବଂ ସ୍ଥାନୀୟ ଜନସାଧାରଣ ମଧ୍ୟ ପ୍ରଭାବିତ ହୋଇଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଏସ୍ଆରସିଙ୍କ ସମେତ ଦୁଇ ଜିଲ୍ଲାର ଜିଲ୍ଲାପାଳଙ୍କୁ ତୁରନ୍ତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ରାଜସ୍ୱ ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ କହିଥିଲେ । ଏଥି ସହିତ ଆଗାମୀ ୪୮ ଘଂଟା ମଧ୍ୟରେ ଉପକୂଳବର୍ତ୍ତୀ ଅଂଚଳରେ ଭାରି ବର୍ଷାର ସମ୍ଭାବନା ଥିବାରୁ ଜିଲ୍ଲାପାଳମାନଙ୍କୁ ପ୍ରାକ୍‌ପ୍ରସ୍ତୁତି ସହ ସଜାଗ ରହିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ ।



ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ମାଲକାନଗିରିର ସ୍ଥିତି ଅନୁଧ୍ୟାନ କରି ଆବଶ୍ୟକୀୟ ପଦକ୍ଷେପ ନେବା ସହ ଜିଲ୍ଲା ପ୍ରଶାସନକୁ ସହଯୋଗ ଦେବା ପାଇଁ ଅଗ୍ନିଶମ ସେବା ଓ ଗୃହରକ୍ଷୀ ବାହିନୀ ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ମାଲକାନଗିରି ଅଭିମୁଖେ ଗସ୍ତ କରିଛନ୍ତି ।

ସମ୍ଭାବ୍ୟ ବନ୍ୟା ନେଇ ଜିଲାୱାରୀ ସମୀକ୍ଷା କରିଛନ୍ତି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଞ୍ଜନ କୁମାର ସିଂ। ସ୍ଥିତି ଉପରେ ନଜର ରଖିବାକୁ ଇଞ୍ଜିନିୟରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ସମସ୍ତ ଫିଲ୍ଡ ଅଧିକାରୀଙ୍କୁ ସଜାଗ ରହିବାକୁ କୁହାଯାଇଛି। ବନ୍ୟାର ମୁକାବିଲା କରିବା ପାଇଁ ଓଡ୍ରାଫ ଓ ଏନଡିଆରଏଫ୍ ଟିମକୁ ଜାଗ୍ରତ ରଖାଯାଇଛି। ତୁରନ୍ତ ଜଳ ନିଷ୍କାସନ କରିବାକୁ ନିର୍ଦ୍ଦେଶ ରହିଛି। ଏହାସହିତ ଭୁବନେଶ୍ୱରରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ନହେବ ସେଥିପାଇଁ ୩୦ଟି ପମ୍ପ ଲଗାଇବାକୁ କୁହାଯାଇଛି।

# ହ୍ରାସ ପାଇବ କ୍ୟାନସର ଔଷଧ ଦର

**ନୂଆଦିଲ୍ଲୀ,୯।୯(ମହାଭାରତ):** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ବସିଥିବା ଜିଏସଟି କାଉନସିଲ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। କ୍ୟାନସରର ଭଳି ମାରାତ୍ମକ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ମେଡିସନ ଉପରେ ଜିଏସ୍‌ଟି ହ୍ରାସ କରିଛନ୍ତି। କେନ୍ଦ୍ର ସରକାର ପୂର୍ବରୁ ବିଭିନ୍ନ ପ୍ରକାରର କ୍ୟାନସର ଔଷଧ ଉପରେ ୧୨% ଜିଏସଟି ଲାଗୁ ହେଉଥିଲା। କିନ୍ତୁ ଏବେ ସେଗୁଡ଼ିକ ଉପରେ ୫% ଜିଏସଟି ଲାଗିବ। ବୀମା ପ୍ରିମୟମ ଉପରେ ଲାଗୁ ୧୮% ଦ୍ରବ୍ୟ ଓ ସେବା ଟିକସ (ଜିଏସଟି) ହାର ହ୍ରାସ କରାଯିବ ବୋଲି ଆଜି କେନ୍ଦ୍ର ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି।





କ୍ୟାନସର ଔଷଧ ବ୍ୟତୀତ ନମକୀନ ଓ ସ୍ନାଇସୀ ଖାଦ୍ୟ ସାମଗ୍ରୀ ଉପରୁ ମଧ୍ୟ ଜିଏସଟି ହ୍ରାସ କରାଯାଇଛି। ମିଠା ଜାତୀୟ ଖାଦ୍ୟକୁ ଛାଡ଼ି ବାକି ସାମଗ୍ରୀ ଉପରେ ଲାଗୁ ହେଉଥିବା ୧୮% ଜିଏସଟିକୁ ୧୨%କୁ ହ୍ରାସ କରାଯାଇଛି। ତେବେ ସ୍ୱାସ୍ଥ୍ୟ ବୀମା ଓ ଜୀବନ ବୀମା ଉପରେ ଲାଗୁ ହେଉଥିବା ୧୮% ଜିଏସ୍‌ଟିକୁ ହ୍ରାସ କରିବା ପାଇଁ ହେଉଥିବା ଦାବି ଉପରେ କୌଣସି ନିଷ୍ପତ୍ତି ନିଆଯାଇନାହିଁ।

ଏହି ପ୍ରସ୍ତାବ ଉପରେ ବିଚାର କରିବାକୁ ଗୋଟିଏ ଗ୍ରୁପ ଅଫ ମିନିଷ୍ଟର୍ସ ବା ଜିଏମଓ ଗଠନ କରାଯାଇଛି। ଜିଏମଓ ସ୍ୱାସ୍ଥ୍ୟ ବୀମା ଉପରେ ଜିଏସଟି କେତେ ହ୍ରାସ କରାଯିବା ଉଚିତ, ତାର ନିଷ୍ପତ୍ତି ନେବ। ଏହି କମିଟି ଅକ୍ଟୋବର ଶେଷ ସୁଦ୍ଧା ତାର ରିପୋର୍ଟ ଦାଖଲ କରିବ। ଏହାବାଦ ବର୍ତ୍ତମାନ ରେଟ ନିର୍ଦ୍ଧାରଣ କରୁଥିବା ଆଉ ଏକ ଗ୍ରୁପ ଅଫ ମିନିଷ୍ଟର୍ସ ମଧ୍ୟ ସେମାନଙ୍କ ରିପୋର୍ଟ ସେପ୍ଟେମ୍ବର ୨୩ ସୁଦ୍ଧା ଦେବେ ବୋଲି ଜଣାପଡ଼ିଛି।

ଦୁଇଟି ଯାକ ରିପୋର୍ଟ ମିଳିବା ପରେ ନଭେମ୍ବର ମାସରେ ବସିବାକୁ ଥିବା ଜିଏସଟି ପରିଷଦରେ ସ୍ୱାସ୍ଥ୍ୟ ବୀମା ଉପରେ ଜିଏସଟି ହ୍ରାସ କରାଯିବ କି ନାହିଁ, ତାର ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି।

ଏହାବାଦ କ୍ଷତିପୂରଣ ସେସ ଉପରେ ବିଚାର କରିବାକୁ ମଧ୍ୟ ଜିଏମଓ ଗଠନ ହୋଇଛି। ୨୦୨୬ ମାର୍ଚ୍ଚରୁ କ୍ଷତିପୂରଣ ସେସର ଅବଧି ଶେଷ ହେଉଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ମେଡିକାଲ ଓ ହେଲଥ ଇନସ୍ୟରାନ୍ସ ଉପରେ ନିଷ୍ପତ୍ତି ନେବାକୁ ଜିଏସ୍‌ଟି ପରିଷଦ ଗୋଟିଏ ନୂଆ ଜିଏମଓ ଗଠନ କରାଯିବ। ନଭେମ୍ବର ମାସରେ ସ୍ୱାସ୍ଥ୍ୟ ବୀମାର ଜିଏସ୍‌ଟି ହ୍ରାସ କରିବା ଉପରେ ଆଲୋଚନା କରିବା ପାଇଁ ବୈଠକ ବସିବ। ସ୍ୱାସ୍ଥ୍ୟ ବୀମା ଉପରେ ଆଲୋଚନା କରିବା ପାଇଁ ଗଠନ ହେବାକୁ ଥିବା ଜିଏମଓର ନେତୃତ୍ୱ ବିହାରର ଉପ ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ନେବେ।

# ଦେଶରେ ପଶିଲା ମଙ୍କିପକ୍ସ ଭୂତାଣୁ

**ନୂଆଦିଲ୍ଲୀ,୯।୯(ମହାଭାରତ):** ଭାରତରେ ମଙ୍କିପକ୍ସ ଭୂତାଣୁ ଠାବ ହୋଇଛି। ଜଣେ ଯୁବକ ଏହି ଭୂତାଣୁରେ ସଂକ୍ରମିତ ଥିବା ଜଣାପଡିଛି। ଯୁବକ ଜଣକ ପଶ୍ଚିମ ଆଫ୍ରିକା ଦେଶରୁ ଆସିଥିଲେ। ତାଙ୍କ ନିକଟରେ ମଙ୍କିପକ୍ସ ଚିହ୍ନଟ ହୋଇଛି। ସେ ମଙ୍କିପକ୍ସରେ ଚିହ୍ନଟ ଥିବା ପୂର୍ବରୁ ସନ୍ଦେହ କରାଯାଉଥିଲା। ତାଙ୍କ ନମୁନା ପରୀକ୍ଷଣ ପରେ ସେ ସକାରାତ୍ମକ ଥିବା ଜଣାପଡିଛି। ଯୁବକ ମଙ୍କିପକ୍ସ ମଙ୍କିପକ୍ସରେ ଆକ୍ରାନ୍ତ ହୋଇଛନ୍ତି। ତାଙ୍କ ଶରୀରରୁ କ୍ଲେଡ ୨ ଭାଇରସ ଠାବ ହୋଇଛି। ୨୦୨୨ ଜୁଲାଇରୁ ଭାରତରେ ଏହି ଭାଇରସ ୩୦ ଜଣଙ୍କ ଶରୀରରେ ମଧ୍ୟ ଠାବ ହୋଇଥିଲା। ତେଣୁ ଆତଙ୍କିତ ହେବାର କୌଣସି କାରଣ ନାହିଁ ବୋଲି ସରକାର କହିଛନ୍ତି।





ଏବେ ସନ୍ଦିଗ୍ଧ ଆକ୍ରାନ୍ତ ଚିହ୍ନଟ ହେବା ପରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ସତର୍କ କରାଇବା ସହିତ ମାର୍ଗଦର୍ଶିକା ଜାରି କରିଛି। ମଙ୍କି ପକ୍ସକୁ ନେଇ ବିଭାଗ ସମ୍ପୁର୍ଣ୍ଣ ପ୍ରସ୍ତୁତ ରହିଛି । ମଙ୍କି ପକ୍ସ ପ୍ରଭାବିତ ଅଂଚଳରୁ ଯେଉଁମାନେ ଫେରିଛନ୍ତି ଇଂଟରନ୍ୟାସନାଲ ଟ୍ରାଭେଲ ହିଷ୍ଟ୍ରି ଚେକ କରି ଲକ୍ଷଣ ଥିଲେ ସେମାନଙ୍କୁ ଆଇସୋଲେଟ କରି ରଖାଯିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ.ବିଜୟ କୁମାର ମହାପାତ୍ର। ଇଂଟର ନ୍ୟାସନାଲ ଏୟାରପୋର୍ଟରେ ଚେକିଂ କଡାକଡି କରାଯାଉଛି। ରବିବାର ଦିନ ଜଣେ ବ୍ୟକ୍ତିଙ୍କୁ ଆଇସୋଲେଟ କରି ରଖାଯାଇଛି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ବିଜୟ କୁମାର ମହାପାତ୍ର । ପ୍ରୋଟୋକଲ ହିସାବରେ ପରୀକ୍ଷା ନିରୀକ୍ଷା କରାଯାଉଛି ତାହା ସହ ଆଇସୋଲେଟ କରି ରଖାଯାଉଛି ବୋଲି ସୁଚନା ଦେଇଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ।କେହି ଭୟଭୀତ ନ ହେବାକୁ ମଧ୍ୟ କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ।ମଙ୍କିପକ୍ସ ହେଉଥିବା ଅଂଚଳରୁ ଆସିଥିବା ବ୍ୟକ୍ତିଙ୍କ ନିକଟରେ ଲକ୍ଷଣ ଦେଖାଗଲେ ତାଙ୍କୁ ବିମାନ ବନ୍ଦରରେ ଆଇସୋଲେଟ କରି ରଖାଯିବ ବୋଲି ନିର୍ଦ୍ଦେଶନାମା ଜାରି କରିଛି ଡବ୍ଲ୍ୟୁଏଚଓ। ରବିବାର ଆଇସୋଲେସନ ରେ ଥିବା ବ୍ୟକ୍ତି ସୁସ୍ଥ ଥିବା କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ।

# ସବୁ ପୌରାଞ୍ଚଳକୁ ସତର୍କ ସୂଚନା

**ଭୁବନେଶ୍ୱର,୯।୯(ମହାଭାରତ):** ସମ୍ଭାବ୍ୟ ଲଗାଣ ବର୍ଷ ଫଳରେ ବିଭିନ୍ନ ତଳିଆ ଅଂଚଳରେ ବର୍ଷ ପାଣି ଜମି ରହିବାକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଏହି ପରିପ୍ରେକ୍ଷୀରେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢୀ ସମସ୍ତ ମହାନଗର ନିଗମର କମିଶନରଙ୍କ ସମେତ ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ହାଇ ଆଲର୍ଟରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଖାଲୁଆ ତଥା ତଳିଆ ସ୍ଥାନଗୁଡିକ ପାଇଁ ପମ୍ପସେଟ୍ ପ୍ରସ୍ତୁତ ରଖିବାକୁ ନିର୍ବାହୀ ଅଧିକାରୀ ମାନଙ୍କୁ ପରାମର୍ଶ ଦିଆଯାଇଛି ,ଜଳବନ୍ଦି , ରାସ୍ତାଘାଟ ବିଚ୍ଛିନ୍ନ ହେବା ଆଦି ସଂପର୍କରେ ସତର୍କଦୃଷ୍ଟି ରଖିବାକୁ କୁହାଯାଇଛି। ପୌର ପରିଷଦ ଗୁଡିକ ତୁରନ୍ତ ସେମାନଙ୍କର କଣ୍ଟ୍ରୋଲ୍‌ରୁମ କାର୍ଯ୍ୟକ୍ଷମ କରିବାକୁ ପରାମର୍ଶ ଦିଆଯାଇଛି । ଶ୍ରୀମତୀ ପାଢୀ ଆଉସିରେ ବିଭାଗର ବରିଷ୍ଠ ଅଧିକାରୀ ଓ ବିଭିନ୍ନ ଜିଲ୍ଲା ଦାୟିତ୍ୱରେ ଥିବା ବିଭାଗରେ ନୋଡାଲ ଅଧିକାରୀମାନଙ୍କ ସମେତ ପୌରଅଧିକାରୀ ମାନଙ୍କ ସହ ତାଜା ପରିସ୍ଥିତି ସଂପର୍କରେ ସମୀକ୍ଷା କରିଛନ୍ତି । ସେମାନେ ପରିସ୍ଥିତି ମୁକାବିଲା ପାଇଁ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ।

# ବର୍ତ୍ତିଗଲା କାଳିନ୍ଦୀ ଏକ୍ସପ୍ରେସ

ଲକ୍ଷ୍ନୌ, ୯।୯ (ମହାଭାରତ: ଉତ୍ତର ପ୍ରଦେଶର କାନପୁର ଜିଲ୍ଲାରେ ଗତକାଲି ରାତିରେ ପ୍ରୟାଗରାଜ-ଭିୱାନୀ କାଳିନ୍ଦୀ ଏକ୍ସପ୍ରେସ ଏକ ବଡ଼ ଧରଣର ଅଘଟଣରୁ ବର୍ତ୍ତି ଯାଇଛି। କାନପୁରର ଶିବରାଜପୁର ଅଞ୍ଚଳ ଅତିକ୍ରମ କରୁଥିବାବେଳେ ରେଳ ଧାରଣା ଉପରେ ରଖାଯାଇଥିବା ଏକ ଗ୍ୟାସ ସିଲିଣ୍ଡରକୁ ଧକ୍କା ଦେଇଥିଲା। କାଳିନ୍ଦୀ ଏକ୍ସପ୍ରେସ ତେବେ ଏଥିରେ ଟ୍ରେନ୍‌ର ଅବା ଟ୍ରେନ୍‌ରେ ଥିବା ଯାତ୍ରୀମାନଙ୍କର କୌଣସି କ୍ଷତି ହୋଇନାହିଁ। ଅନ୍ୟପକ୍ଷରେ ଏହା ପଛରେ କୌଣସି ବଡ଼ ଷଡ଼ଯନ୍ତ୍ର ଥିଲା ବୋଲି କାନପୁର ପୁଲିସ ସନ୍ଦେହ କରୁଛି। କାରଣ ଗ୍ୟାସ ସିଲିଣ୍ଡର ବ୍ୟତୀତ ଉକ୍ତ ସ୍ଥାନରୁ ଏକ ବୋତଲ ପେଟ୍ରୋଲ, କିଛି ବିସ୍ଫୋରକ ଓ ଦିଆସିଲି ବକ୍ସ ମିଳିଛି।



କାଳିନ୍ଦୀ ଏକ୍ସପ୍ରେସ ଉତ୍ତର ପ୍ରଦେଶର ପ୍ରୟାଗରାଜରୁ ହରିୟାଣାର ଭିୱାନୀ ଅଭିମୁଖେ ଯାଉଥିବା ବେଳେ ଶିବରାଜପୁର ଅତିକ୍ରମ କଲା ବେଳେ ରେଳ ଧାରଣା ଉପରେ ଏକ ଗ୍ୟାସ ସିଲିଣ୍ଡର ଥିବା ଲୋକୋ ପାଇଲଟ ଦେଖିବାକୁ ପାଇଥିଲେ। ସେ ସଙ୍ଗେ ସଙ୍ଗେ ବ୍ରେକ୍ ମାରିଥିଲେ ତଥାପି ଅଟକିବା ପୂର୍ବରୁ ସିଲିଣ୍ଡରକୁ ଧକ୍କା ଦେଇଥିଲା ଟ୍ରେନ୍ ।ଘଟଣା ସଂପର୍କରେ ଖବର ପାଇ କାନପୁର ପୁଲିସର ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଣ୍ଟି-ଟେରୋରିଜିମ ସ୍କ୍ୱାଡ୍ (ଏଟିଏସ୍) ସେଠାରେ ପହଞ୍ଚିଥିଲେ। ସେମାନେ ଘଟଣାସ୍ଥଳରୁ ଗ୍ୟାସ ସିଲିଣ୍ଡର ସହିତ ଏକ ବୋତଲ ପେଟ୍ରୋଲ, କିଛି ବିସ୍ଫୋରକ ଓ ଦିଆସିଲି ବକ୍ସ ଜବତ କରିଥିଲେ। ଏହି ଘଟଣା ପରେ ଘଟଣାସ୍ଥଳରେ ପ୍ରାୟ ୨୦ ମିନିଟ ଧରି ଅଟକି ଥିଲା। କାଳିନ୍ଦୀ ଏକ୍ସପ୍ରେସ ଏହା ପରେ କାନପୁରର ବିଲହୌର ଷ୍ଟେସନରେ ଏହା ଅଟକି ଥିଲା ସେଠାରେ କିଛି ସମୟ ଯାଞ୍ଚ କରାଯିବା ପରେ ଟ୍ରେନ୍‌କୁ ଆଗକୁ ବଢ଼ିବାକୁ ଅନୁମତି ମିଳିଥିଲା। ଏହି ଘଟଣାକୁ ନେଇ କାନପୁର ପୁଲିସ୍ ଏକ ମାମଲା ରୁଜୁ କରିଛି ଓ ଦୁଇ ଜଣ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଛି।

## ଭେଜ ପନିୟାରମ

ସାମଗ୍ରୀ: ଇଡ଼ଲି ବ୍ୟାଟର , ଗାଜର , ଧନିଆ ପତ୍ର, କଟା ଅଦା , ରିଫାଇନ ତେଲ, କଟା ପିଆଜ , ବନ୍ଧା କୋବି ,ପୁଦିନା ପତ୍ର, କଞ୍ଚା , ଲୁଣ

ପ୍ରସ୍ତୁତି ପ୍ରଣାଳୀ: ଏହି ରେସିପି ତିଆରି କରିବା ଲାଗି ସର୍ବପ୍ରଥମେ ଏକ କାଚ ପାତ୍ରରେ ଇଡ଼ଲି ବ୍ୟାଟର ଢାଳନ୍ତୁ। ଏହାପରେ ପିଆଜ , ଗାଜର , ଧନିଆ ପତ୍ର, ପୁଦିନା ପତ୍ର, ଅଦା , ଅଟା, କଞ୍ଚାଲଙ୍କା, ବନ୍ଧା କୋବି ଓ ଲୁଣ ପକାଇ ଲଭ ଭାବେ ମିଶାଇ ଦିଅନ୍ତୁ। ଆପଣ ଏଥିରେ ଚାଟ ମସଲା ମଧ ପକାଇପାରିବେ। ସମସ୍ତ ସାମଗ୍ରୀକୁ ଭଲ ଭାବେ ମିଶାଇ ସାରିବା ପରେ ଏହାକୁ ୧୫ ରୁ ୨୦ ମିନିଟ ଅଲଗା ରଖି ଦିଅନ୍ତୁ। ଯାହାଫଳରେ ଏହା ଭଲ ଭାବେ ଫର୍ମେଟ ହୋଇଯିବ। ବ୍ୟାଟର ଅଧିକ ମୋଟା ହୋଇଯାଇଥିଲେ ଏଥିରେ ଅଳ୍ପ ପାଣି ମିଶାଇପାରିବେ। ଏହାପରେ ପନିୟାରମ ମେକରରେ ଅଳ୍ପ ରିଫାଇନ ତେଲ ଦିଅନ୍ତୁ। ବ୍ୟାଟର ଢାଳନ୍ତୁ। ଏହି କଣ୍ଟେନରକୁ ଢାଙ୍କୁଣୀରେ ଘୋଡ଼ାଇ ମଧ୍ୟମ ଢାଞ୍ଚାରେ ଗରମ କରନ୍ତୁ। କିଛି ସମୟ ପରେ ଏହାକୁ ଲେଉଟାଇ ଅପରପାର୍ଶ୍ୱକୁ ମଧ୍ୟ ସିଝିବାକୁ ଦିଅନ୍ତୁ। ପନିୟାରମ ନ ଫୁଲିବା ଯାଏ ଏହାକୁ ସିଝିବାକୁ ଦିଅନ୍ତୁ। ଛୁରି କିମ୍ବା ଚାମଚରେ ପନିୟାରମ୍‌କୁ ପ୍ଲେଟକୁ ବ୍ୟବହାର କରି ନିଜ ପସନ୍ଦର ଚଟଣୀ ସହିତ ଖାଆନ୍ତୁ ଏବଂ ଖୁଆନ୍ତୁ।



ଖବର

# ୧୪ ବର୍ଷ ପରେ କମାଲ୍ କରିବ ଅକ୍ଷୟ-ପ୍ରିୟଦର୍ଶନ ଯୋଡ଼ି,



ପୁଣି ନିଜ କମେଡ଼ି ଅବତାରକୁ ଫେରୁଛନ୍ତି ଅଭିନେତା ଅକ୍ଷୟ କୁମାର। ସୋମବାର ନିଜ ଜନ୍ମଦିନ ଅବସରରେ ପ୍ରଶଂସକଙ୍କୁ ଭେଟି ସ୍ୱରୂପ ତାଙ୍କ ନୂଆ ଫିଲ୍ମ 'ଭୂ ବଙ୍ଗଲା'ର ପ୍ରଥମ ଲୁକ୍ ଶେୟାର କରିଛନ୍ତି ଅକ୍ଷୟ। ଏହାର ନିର୍ଦ୍ଦେଶନା ଭାର ବହନ କରିଛନ୍ତି ପ୍ରିୟଦର୍ଶନ, ଯିଏ ଅକ୍ଷୟଙ୍କୁ କମେଡି ମାଧ୍ୟମରେ ଲୋକପ୍ରିୟ କରିଥିଲେ। ଉଭୟ ଏକାଠି 'ହେରା ଫେରି', 'ଭାଗମ ଭାଗ' ଭଳି ଜବରଦସ୍ତ କମେଡି ଫିଲ୍ମ ଭେଟି ଦେଇଛନ୍ତି, ଯାହା ହିଟ୍ ହୋଇଛି।ଗଣେଶ ଚତୁର୍ଥୀ ଅବସରରେ ତାଙ୍କର ଏହି ଆଗାମୀ ଚଳଚ୍ଚିତ୍ରର ସାମାନ୍ୟ ଝଲକ ଶେୟାର କରିଥିବା ଅକ୍ଷୟ କୁମାର ସୋମବାର ନୂଆ ଫିଲ୍ମ ଘୋଷଣା କରିଛନ୍ତି। ଏଥିସହ ପ୍ରଥମ ଝଲକ ମଧ୍ୟ ଦେଖାଇଛନ୍ତିୟ ତାଙ୍କର ନୂଆ ଚଳଚ୍ଚିତ୍ରର ନାମ ହେଉଛି 'ଭୂ ବଙ୍ଗଲା'। ଏହାକୁ 'କେପ୍ ଅଫ୍ ଗୁଡ୍ ଫିଲ୍ମସ୍' ସହଯୋଗରେ ବାଲାଜୀ ଟେଲିଫିଲ୍ମସ୍ ଲିମିଟେଡ୍ ଦ୍ୱାରା ନିର୍ମାଣ କରାଯାଉଛି।ଅକ୍ଷୟ କୁମାର ଚଳଚ୍ଚିତ୍ରରୁ ତାଙ୍କ ପ୍ରଥମ ଲୁକ୍ ଶେୟାର କରି କ୍ୟାପ୍ସନରେ ଲେଖିଛନ୍ତି, ''ମୋ ଜନ୍ମଦିନରେ ପ୍ରତ୍ୟେକବର୍ଷ ଆପଣମାନଙ୍କ ଏତେସାରା ଭଲପାଇବା ପାଇଁ ଧନ୍ୟବାଦ! ଚଳିତ ବର୍ଷ 'ଭୂ ବଙ୍ଗଲା'ର ପ୍ରଥମ ଲୁକ୍ ସହ ଜନ୍ମଦିନ ପାଳନ କରୁଛି। ୧୪ ବର୍ଷ ପରେ ପୁଣିଥରେ ପ୍ରିୟଦର୍ଶନଙ୍କ ସହ କାମ କରିବାକୁ ମୁଁ ଅତ୍ୟଧିକ ଉତ୍ସାହିତ। ଆମର ଏହି ଯୋଡ଼ି ଦୀର୍ଘ ସମୟ ଧରି ଚାଲି ଆସୁଛି ଏହି ଅଦ୍ଭୁତ ଯାତ୍ରାକୁ ଆପଣ ସମସ୍ତଙ୍କ ସହ ଶେୟାର କରିବାକୁ ଆଉ ଅପେକ୍ଷା କରିପାରିବି ନାହିଁ। ଯାଦୁ ପାଇଁ ଯୋଡ଼ି ହୋଇ ରୁହନ୍ତୁ।''ସୂଚନାଯୋଗ୍ୟ, 'ଭୂ ବଙ୍ଗଲା' ଏକ ହରର-କମେଡି ଚଳଚ୍ଚିତ୍ର, ଯାହା ୨୦୨୫ରେ ମୁକ୍ତିଲାଭ କରିବୟ ଅକ୍ଷୟ ଫିଲ୍ମର ପ୍ରଯୋଜନା ଭାର ମଧ୍ୟ ବହନ କରିଛନ୍ତ।

## ତ୍ୱଚା ପାଇଁ ଫୁଲ ଓ ଟମାଟୋର କରାମତି



ଫୁଲ କେବଳ ଆମ ବାତାବରଣକୁ ମହକାଇଥାଏ ତାହା ନୁହେଁ ବରଂ ଏହା ଦ୍ୱାରା ଶାରୀରିକ, ମାନସିକ ଓ ସୌନ୍ଦର୍ଯ୍ୟ ସହ ଜଡିତ ଅନେକ ସମସ୍ୟା ଦୂର କରିଥାଏ। ଏହାକୁ ବିଶେଷ ଭାବେ ଫୁଲ ଚିକିତ୍ସା (ଫ୍ଲାୱାର ଥେରାପି) ବୋଲି କୁହାଯାଏ। ଜାଣନ୍ତୁ ଏହା ବିଷୟରେ .

୧- ଗୋଲାପ ଫୁଲର ପାଖୁଡା ଖିରରେ ପକାଇ ଫୁଟାଇ ନିୟମିତ ପିଇବା ଦ୍ୱାରା କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୋଇଥାଏ। ସୌନ୍ଦର୍ଯ୍ୟ ମଧ ବୃଦ୍ଧି ହୋଇଥାଏ। ଗୋଲାପ ପାଖୁଡାକୁ ଖିରରେ ପକାଇ ପେଷି ଏହାକୁ ମୁହଁରେ ଲଗାଇବା ଦ୍ୱାରା ତ୍ୱଚାର ଚମକ ଦ୍ୱିଗୁଣିତ ହୋଇଥାଏ। ଓଠରେ ଲଗାଇବା ଦ୍ୱାରା ଓଠର କଳାପଣ ଦୂର ହୋଇ ଗୋଲାପି ହୋଇଥାଏ।

୨- ସୂର୍ଯ୍ୟମୁଖୀ ଫୁଲକୁ ନଡିଆ ତେଲରେ ମିଶାଇ କିଛି ଦିନ ଯାଏଁ ଖରାରେ ରଖନ୍ତୁ। ଏହାପରେ ଏହାକୁ ନିଜ ଶରୀରରେ ମାଲିସ କରନ୍ତୁ। ଏହା ଦ୍ୱାରା ଚର୍ମ ଜନିତ ବିଭିନ୍ନ ରୋଗ ଦୂର ହୋଇଥାଏ।

ଟମାଟୋ ତ୍ୱଚା ପାଇଁ ବେଶ ଲାଭଦାୟକ। ଟମାଟୋର ରସକୁ ସମ୍ପୂର୍ଣ୍ଣ ମୁହଁରେ ଭଲ ଭାବେ ମାଲିସ କରନ୍ତୁ।ଏହା ମୁହଁର ଅନାବଶ୍ୟକ ତୈଳକୁ ନିୟନ୍ତ୍ରଣ କରିଥାଏ।

## ଛାତ ଉପରେ ତୁଳସୀ ଗଛ ରଖୁଥିଲେ, ସାବଧାନ

ହିନ୍ଦୁ ଧର୍ମରେ ତଳସୀ ଗଛକୁ ଭଗବାନ କୃଷ୍ଣଙ୍କ ସ୍ୱରୂପ ବୋଲି ବିଶ୍ୱାସ କରାଯାଏ। ଏଥିପାଇଁ ପ୍ରାୟ ସମସ୍ତଙ୍କ ଘରେ ତୁଳସୀ ଗଛକୁ ପୂଜା କରାଯାଏ। ତୁଳସୀ ଗଛକୁ ପୂଜା କରିବା ଦ୍ୱାରା ସମସ୍ତ ରିଷ୍ଟ ଖଣ୍ଡନ ହୋଇଥାଏ ବୋଲି ବିଶ୍ୱାସ ରହିଛି। ବାସ୍ତୁଶାସ୍ତ୍ରରେ ମଧ ଏହି ଗଛରେ ଅନେକ ମହତ୍ୱ ରହିଛି। ଏହା ସୁଖ, ସମୃଦ୍ଧତା ଏବଂ କଲ୍ୟାଣକାରୀ ଜୀବନର ପ୍ରତୀକ ବୋଲି କୁହାଯାଇଛି। ତେବେ ତୁଳସୀ ଗଛକୁ ଘରର ସଠିକ୍ ସ୍ଥାନରେ ଯଦି ନ ରଖାଯାଏ ତେବେ ଏହା ଅଶୁଭ ଫଳ ଦେଇଥାଏ। ତେଣୁ ତୁଳସୀ ଗଛକୁ ଘରର କେଉଁ ସ୍ଥାନରେ ରଖିବା ଉଚିତ ନୁହେଁ ଆସନ୍ତୁ ଜାଣିବା।

- କିଛି ଲୋକଙ୍କ ଘରେ ସ୍ଥାନ ଅଭାବ ଯୋଗୁଁ ଲୋକମାନେ ଘରର ଛାତ ଉପରେ ତୁଳସୀ ଗଛକୁ ରଖନ୍ତି। ବାସ୍ତୁ ଶାସ୍ତ୍ର ଅନୁଯାୟୀ, ତୁଳସୀ ଗଛକୁ ଛାତ ଉପରେ ରଖିବା ଉଚିତ ନୁହେଁ। ଏଭଳି ରଖିବା ଦ୍ୱାରା ଏହା ଅଶୁଭ ଫଳ ଦେଇଥାଏ। ଘରକୁ ନକରାତ୍ମକ ଶକ୍ତି ପ୍ରେବଶ କରିଥାଏ।
- ଯେଉଁମାନଙ୍କ ରାଶିଫଳରେ ବୁଧ ଗ୍ରହ ଧନ ସହ ସମ୍ପର୍କ ରଖିଥାଏ, ବାସ୍ତୁଶାସ୍ତ୍ର ଅନୁଯାୟୀ ସେହି ଲୋକମାନେ ଯଦି ତୁଳସୀ ଗଛକୁ ଘରର ଛାତ ଉପରେ ରଖି ପୂଜା କରୁଥିବେ ତେବେ ସେମନାଙ୍କ ଧନ ହାନୀ ଘଟିବ। ଏଥିସହ ଆର୍ଥୀକ ସମ୍ପତ୍ତି କମିଯିବ।
- ବିଶ୍ୱାସ ରହିଛି ଯେ, ଯେଉଁମାନଙ୍କ ଘରର ଛାତ ଉପରେ ତୁଳସୀ ଗଛ ରଖାଯାଇଥାଏ, ସେହି ଘରେ ପକ୍ଷୀ କିମ୍ବା ପାରା ଆସି ବସା ତିଆରି କରନ୍ତି। ଏହା ଅଶୁଭ ଲକ୍ଷଣ ଅଟେ।



- ତୁଳସୀ ଗଛକୁ ଘରର ପୂର୍ବ ଦିଗରେ ରଖିବା ଉଚିତ ନୁହେଁ। ଏଭଳି ରଖିବା ଦ୍ୱାରା ବ୍ୟବସାୟରେ କ୍ଷତି ହୋଇଥାଏ। ଏଥିସହ ପରିବାର ଉପରେ ଏହା ନକାରାତ୍ମକ ପ୍ରଭାବ ପକାଇଥାଏ।
- ଯଦି ଆପଣ ତୁଳସୀ ଗଛକୁ ଛାତ ଉପରେ ରଖିଛନ୍ତି, ତେବେ ବିଶ୍ୱାସ ରହିଛି ଯେ ଘରର ଉତ୍ତର ଦିଗରେ ପିମ୍ପୁଡ଼ି ବାହାରିବା ଆରମ୍ଭ କରିବ କିମ୍ବା ଉତ୍ତର ଦିଗର କୌଣସି ନା କୌଣସି ସ୍ଥାନରେ ଫାଟ ସୃଷ୍ଟି ହେବା ଆରମ୍ଭ ହେବ।
- ତେଣୁ ବାସ୍ତୁଶାସ୍ତ୍ର ଅନୁସାରେ ତୁଳସୀ ଗଛକୁ ସର୍ବଦା ଘରର ଉତ୍ତର ଦିଗ ତଥା ଐଶାନ୍ୟ କୋଣରେ ରଖିବା ଉଚିତ। ଅପଣ ଚାହିଁଲେ ତୁଳସୀ ଗଛକୁ ପଶ୍ଚିମ ଦିଗରେ ମଧ ରଖିପାରିବେ। ଏଭଳି କରିବା ଦ୍ୱାରା ଘର ପରିବାରରେ ସକରାତ୍ମକ ଶକ୍ତି ଉତ୍ପନ୍ନ ହୋଇଥାଏ।

## ଶରୀରରେ କମିଯାଉଛି କି ଅକ୍ସିଜେନ୍ ସ୍ତର ? ଜାଣନ୍ତୁ କେମିତି କରିବେ ନିୟନ୍ତ୍ରଣ



କରୋନା ସମଗ୍ର ବିଶ୍ୱରେ ବ୍ୟାପି ଚାଲିଛି। ଏଥିପାଇଁ ଅନେକ ରୋଗୀଙ୍କର ଶ୍ୱାସକ୍ରିୟାରେ ସମସ୍ୟା ଦେଖାଦେଉଛି। ଲୋକଙ୍କ ଶରୀରରୁ ଅକ୍ସିଜେନ୍ ସ୍ତର କମିବାକୁ ଲାଗୁଛି । ଏହି ସମସ୍ୟାକୁ ଦୂର କରିବା ପାଇଁ , ଆପଣଙ୍କର ଦୈନନ୍ଦିନ ଖାଦ୍ୟର ଯତ୍ନ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଥିପାଇଁ ଆପଣ ଆୟୁର୍ବେଦ ଜିନିଷଗୁଡ଼ିକୁ ମଧ ବ୍ୟବହାର କରିପାରିବେ । ତେବେ ଆସନ୍ତୁ ଆଜି ଆୟୁର୍ବେଦ ଦ୍ୱାରା କୁହାଯାଇଥିବା କିଛି ଜିନିଷ

କାଢା :କରୋନା ରୋଗରୁ ରକ୍ଷା ପାଇବା ପାଇଁ କାଢା ପିଇବା ସର୍ବୋତ୍ତମ ବିକଳ୍ପ । ଏହାକୁ ପ୍ରତିଦିନ ଅଳ୍ପ ପରିମାଣରେ ପିଇବା ଦ୍ୱାରା ଅମ୍ଳଜାନ ସ୍ତର ବୃଦ୍ଧି ହୋଇଥାଏ। ଏହାକୁ ତିଆରି କରିବା ପାଇଁ ଆପଣ ଗୁଡ, ଗୋଲମରିଚ, ଲବଙ୍ଗ, ଅଦା ଏବଂ ତୁଳସୀ ପତ୍ର ବ୍ୟବହାର କରନ୍ତୁ। କିନ୍ତୁ ଏହାକୁ ଅଧିକ ମାତ୍ରାରେ ପିଅନ୍ତୁ ନାହିଁ।

ୟୁକ୍ଲିପଟାସ୍ ତେଲ : ଏଥିରେ ଥିବା ଆଣ୍ଟି-ଇନଫ୍ଲାମେଟୋରୀ, ଆଣ୍ଟି-ବ୍ୟାକ୍ଟେରିଆ, ଆଣ୍ଟି-ଭାଇରାଲ୍ ଗୁଣ ଥଣ୍ଡା, ଛିଙ୍କ, କାଶ ଇତ୍ୟାଦିରୁ ମୁକ୍ତି ଦେଇଥାଏ । ଔଷଧୀୟ ଗୁଣରେ ଭରପୂର, ଏହି ତେଲ ଔଷଧ ତିଆରିରେ ମଧ ବ୍ୟବହୃତ ହୋଇଥାଏ । ଏହି ତେଲର ଗନ୍ଧ ନାକ ଏବଂ ଗଳାରେ ଥିବା ଜୀବାଣୁକୁ ମାରିଦେଇଥାଏ। ଏହା ସହିତ ଜଡିତ ସମସ୍ୟାଗୁଡିକ ମଧ ଦୂର ହୁଏ।

ସ୍ପ୍ରାଉଟ୍ :ସ୍ପ୍ରାଉଟ୍‌ରେ ଫାଇବର ଏବଂ ଆଣ୍ଟି-ଅକ୍ସିଡା□ ଗୁଣ ରହିଥାଏ। ଏହାକୁ ଖାଇବା ଦ୍ୱାରା ଶ୍ୱାସକ୍ରିୟା ସମସ୍ୟା ଦୂର ହୋଇଥାଏ। ତେଣୁଏହାକୁ ପ୍ରତିଦିନ ଜଳଖିଆରେ ଖାଇବା ସର୍ବୋତ୍ତମ ବିକଳ୍ପ। ଏହା ଇମ୍ୟୁନିଟିକୁ ଦୃଢ କରି କାର୍ଯ୍ୟ କରିବାର ଶକ୍ତି ବଢାଇଥାଏ।

କର୍ପୂର : କର୍ପୂର ଔଷଧୀୟ ଏବଂ ଆଣ୍ଟି-ବ୍ୟାକ୍ଟେରିଆ ଗୁଣରେ ଭରପୂର ଅଟେ। ଏହାକୁ ସୁଙ୍ଘିବା କିମ୍ବା ବାମ୍ପ ନେବା ଦ୍ୱାରା ଥଣ୍ଡା, ବନ୍ଦ ନାକ, ଛିଙ୍କ, ଏବଂ ଶ୍ୱାସକ୍ରିୟା ଜନିତ ସମସ୍ୟାରୁ ମୁକ୍ତି ମିଳିଥାଏ।

ଆପେଲ୍ : ପ୍ରତ୍ୟେକ ଦିନ ଗୋଟିଏ ଆପଲ୍ ଖାଇବା ଦ୍ୱାରା ଅନେକ ରୋଗରୁ ମୁକ୍ତି ମିଳିଥାଏ। ଏଥିରେ ଭିଟାମିନ୍-ସି, ଆଇରନ୍, କ୍ୟାଲସିୟମ୍, ଅଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିଥାଏ । ଏହା ରୋଗ ପ୍ରତିରୋଧକ ଶକ୍ତି ଏବଂ ଅମ୍ଳଜାନ ସ୍ତରକୁ ବଢାଇବାରେ ସାହାଯ୍ୟ କରିଥାଏ।



## ପଇଡ଼ ପାଣିର ଔଷଧୀୟ ଗୁଣ

ଆପଣ ପଇଡ଼ ପାଣି ପିଇବାର ଅଭ୍ୟାସ ରଖିଛନ୍ତି ତ? ଯଦି ରଖିନାହାନ୍ତି ତେବେ ତୁରନ୍ତ ଅଭ୍ୟାସ କରନ୍ତୁ। ସଂସାରରେ ଯେତେ ପ୍ରକାରର ପାନୀୟ ରହିଛି ସବୁଠାରୁ ଉତ୍ତମ ହେଉଛି



ପଇଡ଼ପାଣି। ଏହାକୁ ପିଇବା ଦ୍ୱାରା ପେଟ ରୋଗ ଜନୀତ ଅନେକ ସମସ୍ୟାର ସମାଧାନ କରାଯାଇପାରେ। ଗୋଟିଏ ପଇଡ଼ରେ ମାତ୍ର ୪ ପ୍ରତିଶତ ଫଳ ଓ ୯୪ ପ୍ରତିଶତ ଜଳ ଭାଗ ଥାଏ। ଏଥିରେ କାର୍ବସ, ଫାଇବର୍, ପ୍ରୋଟିନ୍, ଭିଟାମିନ୍, ମ୍ୟାଗ୍ନେସିୟମ୍, ମାଗାନିଜ୍, ପଟାସିୟମ, ସୋଡିୟମ୍ ଓ କ୍ୟାଲସିୟମ୍ ରହିଛି। ଏଥିରେ ଆଣ୍ଟି-ଅକ୍ସିଡାଣ୍ଟ୍ ବି ରହିଛି। ପଇଡ଼ରେ ମଧୁମେହ ରୋଗ ସହ ଲଢ଼ିପାରିବାର ଶକ୍ତି ରହିଛି। ରୀତିମତ ପଇଡ଼ ପାଣି ପିଇଲେ ମଧୁମେହକୁ ଆୟତ୍ତରେ ରଖାଯାଇ ପାରେ। ଏହା ରକ୍ତରେ ଶର୍କରା ଭାଗକୁ ଆୟତ୍ତରେ ରଖେ। କେବଳ ମଧୁମେହ ନୁହେଁ, କିଡନିଜନୀତ ରୋଗ ପାଇଁ ମଧ ଏହା ଖୁବ୍ ଉପକାରୀ। ନିୟମିତ ପଇଡ଼ ପିଇଲେ କିଡନୀ ସୁସ୍ଥ ରହେ ବୋଲି ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି। ହୃଦ୍ରୋଗୀମାନଙ୍କ ପାଇଁ ମଧ ପଇଡ଼ ପାଣି ଖୁବ୍ ଉପକାରୀ। ପଇଡ଼ ପିଇଲେ ହୃଦ୍‌ରୋଗ ହେବାର ସମ୍ଭାବନା କମ୍ ରହିଥାଏ। ରକ୍ତଚାପ ପାଇଁ ମଧ ପଇଡ଼ ପାଣି ଅବ୍ୟର୍ଥ ଔଷଧ ଭାବେ କାର୍ଯ୍ୟ କରେ। ବିପି ରୋଗୀ ନିୟମିତ ପଇଡ଼ ପାଣି ପିଇଲେ ଭଲ। ପରିସ୍ରା ସଂକ୍ରମଣ, ପେଟ ଗରମ, କାଶ ଆଦି ଅନେକ ରୋଗକୁ ପଇଡ଼ ପାଣି ପିଇବା ଦ୍ୱାରା ଆୟତ୍ତ□ କରାଯାଇ ପାରେ। ତେବେ ଆପଣ ଏଭଳି ଉପକାରୀ ପାନୀୟକୁ ନିଶ୍ଚୟ ପିଅନ୍ତୁ।

# ଏକ୍ମୋ ସହାୟତାରେ ମହିଳାଙ୍କ ଜୀବନ ବଂଚାଇଲେ ଏମ୍ସ ଚିକିତ୍ସକ

**ଭୁବନେଶ୍ୱର, ୯।୯ (ମହାଭାରତ):** ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକେ ?ଶଳର ସଫଳ ପ୍ରୟୋଗ ତଥା ଉତ୍ସର୍ଗୀକୃତ ଭାବନାର ଉଲ୍ଲେଖନୀୟ ପ୍ରଦର୍ଶନ କରିଛି ଏମ୍ସ ଭୁବନେଶ୍ୱର। ଅତ୍ୟାଧୁନିକ ଏକ୍ମୋ ଥେରାପି ପ୍ରୟୋଗ କରି ଗୁରୁତର ହୋଇପଡ଼ିଥିବା ଜଣେ ମହିଳାଙ୍କ ବଂଚାଇବାଧରେ ସଫଳତା ହାସଲ କରିଛନ୍ତି ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଡାକ୍ତରୀ ଦଳ। କୋଭିଡ୍ ସମୟରେ ଚର୍ଚ୍ଚାକୁ ଆସିଥିବା ଏହି ଏକ୍ମୋ ଥେରାପିର ପ୍ରୟୋଗ ସଫଳତାର ସହିତ ଅଣକୋଭିଡ୍ ରୋଗୀଙ୍କ କ୍ଷେତ୍ରରେ କରାଯାଇଛି। ଯାହାକି ଏମ୍ସ ଭୁବନେଶ୍ୱର ପାଇଁ ବିଶେଷ ସମ୍ମାନ ଆଣିଦେଇଛି। ୫୩ ବର୍ଷ ବୟସ୍କା ଜଣେ ମହିଳାଙ୍କୁ ନିମୋନିଆ ଏବଂ ନିଶ୍ୱାସ ପ୍ରଶ୍ୱାସରେ ଅସୁବିଧା ଭଳି ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ସହ ଏମ୍ସରେ ଭର୍ତ୍ତି କରାଯାଇଥିଲା। କ୍ରମଶଃ ଉକ୍ତ ମହିଳାଙ୍କ ଅବସ୍ଥା ଦ୍ରୁତଗତିରେ ଖରାପ ହେବାକୁ ଲାଗିଲା। ଶ୍ୱାସକ୍ରିୟାରେ ଜଟିଳତା ସହିତ ଅମ୍ଳଜାନ ସ୍ତର ମାତ୍ରାଧିକ ହ୍ରାସ ଘଟିଥିଲା। ସର୍ବାଧିକ ଭେଂଟିଲେଟର୍ ଏବଂ ଅନ୍ୟାନ୍ୟ ମେଡିକାଲ୍ ଚିକିତ୍ସା ପଦ୍ଧତିର ପ୍ରୟୋଗ ସତ୍ତ୍ୱେ ମହିଳାଙ୍କ ଅବସ୍ଥା ବିଗିଡିବାରେ ଲାଗିଥିଲା। ଫଳରେ ତାଙ୍କ ଜୀବନ ବଂଚାଇବା ପାଇଁ ଏକ୍ମୋ ହିଁ ଏକମାତ୍ର ବିକଳ୍ପ ଭାବରେ ଉଭା ହୋଇଥିଲା।



ଜଣେ ଗୁରୁତର ମହିଳାଙ୍କ କ୍ଷେତ୍ରରେ ଏକ୍ମୋ ପ୍ରୟୋଗ କରି ଜୀବନ ବଂଚାଇଥିବାରୁ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଡାକ୍ତରୀ ଦଳର ଅସାଧାରଣ ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଏହି ସଫଳତା ମେଡିକାଲ ପାଠ୍ୟକ୍ରମ ସହିତ ଉନ୍ନତ ଜ୍ଞାନକୌଶଳର ଏକତ୍ରୀକରଣ ନେଇ ଏମ୍ସର ପ୍ରତିବଦ୍ଧତାକୁ ଦର୍ଶାଉଛି। ସ୍ୱାସ୍ଥ୍ୟସେବା ବିଶେଷଜ୍ଞ ଏବଂ ଜନତାଙ୍କ ମଧ୍ୟରେ ସଚେତନତା ଏବଂ ଉପଲବ୍ଧତାକୁ ଗୁରୁତ୍ୱ ଦେଇ ଏକ୍ମୋ ଥେରାପି ଏକ ଜୀବନ ରକ୍ଷାକାରୀ ହସ୍ତକ୍ଷେପ ପ୍ରମାଣିତ ହୋଇଥିବା ଡ. ବିଶ୍ୱାସ ମତବ୍ୟକ୍ତ କରିଛନ୍ତି। ଏହି ଜୀବନ ରକ୍ଷାକାରୀ ପ୍ରକ୍ରିୟାର ନେତୃତ୍ୱ ନେଇଥିବା ଆଇସିୟୁ କନ୍ସଲଟାଂଟ ତଥା ଏକ୍ମୋ ବିଶେଷଜ୍ଞ ଡ. ଶ୍ରୀକାନ୍ତ ବେହେରାଙ୍କ ଅନୁଯାୟୀ ଶରୀରରେ ଅମ୍ଳଜାନର ଘୋର ଅଭାବ ଏବଂ ଫୁସଫୁସ ଭଳି ଅଙ୍ଗର ବିଫଳତା କାରଣରୁ ରୋଗୀଙ୍କ ଜୀବନ ସଙ୍କଟାପନ୍ନ ଅବସ୍ଥାରେ ଥିଲା। ସେସମୟରେ ଏକ୍ମୋ ତାଙ୍କ ବଂଚିବା ପାଇଁ ଏକମାତ୍ର ବିକଳ୍ପ ସାଜିଥିଲା।

ଏହି ଉନ୍ନତ ଯନ୍ତ୍ରଟି ଉକ୍ତ ମହିଳାଙ୍କର କୃତ୍ରିମ ଫୁସଫୁସ ଏବଂ ହୃଦୟ ଭାବରେ କାର୍ଯ୍ୟ କଲା, ଗୁରୁତ୍ୱପୂର୍ଣ୍ଣ ଅମ୍ଳଜାନ ସ୍ତର ବଜାୟ ରଖିଲା ଏବଂ ଫୁସଫୁସକୁ ସୁସ୍ଥ ହେବାକୁ ଆବଶ୍ୟକ ସମୟ ପ୍ରଦାନ କରିଥିଲା। ଏକ୍ମୋ ଥେରାପିରେ ଆଠ ଦିନ ପରେ ରୋଗୀଙ୍କ ଅବସ୍ଥା ଯଥେଷ୍ଟ ଉନ୍ନତ ହେବାକୁ ଲାଗିଲା। ତାଙ୍କର ଫୁସଫୁସ ପୁନର୍ବାର କାର୍ଯ୍ୟକ୍ଷମ ହେବାକୁ ଲାଗିଲା, ଏବଂ ଶେଷରେ ତାଙ୍କୁ ଏକ୍ମୋ ବ୍ୟବସ୍ଥାରୁ କଢ଼ାଯାଇଥିଲା। ଏକାଧିକ ସଂକ୍ରମଣର ମୁକାବିଲା ପାଇଁ ଚାଲୁଥିବା ସହାୟକ ଚିକିତ୍ସା ଏବଂ ଆଂଟିବାୟୋଟିକ୍ ଜାରି ରହିବା ପରେ ମହିଳା ଜଣଙ୍କ ସୁସ୍ଥ ହେବା ସହିତ ଡିସ୍ଚାର୍ଯ୍ୟ ହୋଇଥିବା ଡ. ବେହେରା ସୂଚନା ଦେଇଛନ୍ତି।

ଶିଶୁ ଏକ୍ମୋ ବିଶେଷଜ୍ଞ ଡ. କୃଷ୍ଣ ମୋହନ ଗୁଲା ଏବଂ ସିଟିଭିଏସ୍ ବିଭାଗୀୟ ମୁଖ୍ୟ ଡ. ସତ୍ୟପ୍ରିୟ ମହାନ୍ତି ଏହି ପ୍ରକ୍ରିୟାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମେଡିକାଲ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡ. ଅନୁପମ ଦେ, ଡ. ଦେବାନନ୍ଦ ସାହୁ, ଡିଡିଏ ଅଭିଜିତ ସରକାର, ଏସ୍ଏଓ ରଶ୍ମି ରଞ୍ଜନ ସେଠୀ ପ୍ରମୁଖ ଉକ୍ତ ଡାକ୍ତରୀ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ପାରମ୍ପାରିକ ଚିକିତ୍ସା ପଦ୍ଧତି ବିଫଳ ହେଲେ ଜୀବନ ବଂଚାଇବାରେ ଏକ୍ମୋ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଏହା ଏପରି ଜ୍ଞାନକେ ?ଶଳରେ ନିର୍ମିତ ଯାହାକି ଶରୀର, ହୃଦୟ ଏବଂ ଫୁସଫୁସର କାର୍ଯ୍ୟ କରି ଦୀର୍ଘସ୍ଥାୟୀ ହୃଦୟ ଏବଂ ଶ୍ୱାସକ୍ରିୟା ସହାୟତା ପ୍ରଦାନ କରିଥାଏ, ଯାହାକି ଉପରୋକ୍ତ ଅଙ୍ଗପ୍ରତ୍ୟେଙ୍ଗର ପୁନରୁଦ୍ଧାର ସମୟ ପ୍ରଦାନ କରିଥାଏ।

# ଡିଏଲ୍ଆର ଚାକିରୀକାଳ ସମୟରୁ ଗ୍ରାଚୁଇଟି ଓ ପେନ୍ସନ୍ ଦାବି କଲା ପୂର୍ତ୍ତ ବିଭାଗ ଅବସରପ୍ରାପ୍ତ କର୍ମଚାରୀ

**ଭୁବନେଶ୍ୱର, ୯।୯ (ମହାଭାରତ):** ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ଅଧିନରେ ୩୦ ରୁ ୪୦ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିଆସିଥିବା ୱାର୍କଚାର୍ଜଡ୍ ଓ ରେଗୁଲାର କର୍ମଚାରୀମାନେ ବିନା ପେନ୍ସନ୍‌ରେ ଚାକିରୀରୁ ଅବସର ଗ୍ରହଣ କରୁଥିବାରୁ ସେମାନେ ପରିଣତ ବୟସରେ ବଞ୍ଚିବା ପାଇଁ ପେନ୍ସନ୍ ଦାବି କରିଛନ୍ତି । ସଭାପତି କଲ୍ୟାଣ ମହାରଣା ଓ ସାଧାରଣ ସମ୍ପାଦକ ଏକ ପ୍ରେସ୍ ଇସ୍ତାହାରରେ କହିଛନ୍ତି ଯେ, ତା ୧୨.୦୪.୧୯୯୩ରିଖ ପୂର୍ବରୁ ସମସ୍ତେ ବିଭିନ୍ନ ପଦପଦବୀରେ ଡିଏଲ୍ଆର କର୍ମଚାରୀ ଭାବରେ କାର୍ଯ୍ୟ କରୁଥିଲେ । ସେମାନଙ୍କୁ ନିୟମିତ ନିଯୁକ୍ତି ଦେବାପାଇଁ ସରକାର ତା ୧୫.୦୫.୧୯୯୭ରିଖରେ ଏକ ରେଜୋଲ୍ୟୁସନ୍ ପ୍ରକାଶ କଲେ । ଉକ୍ତ ରେଜୋଲ୍ୟୁସନ୍ ପ୍ରକାଶ ପାଇବାର ଦୁଇବର୍ଷ ପରେ ସରକାର ଯଥାକ୍ରମେ ୫୦ ଓ ୨୫ ପ୍ରତିଶତ ମୂଳ ପଦବୀ ଉଚ୍ଛେଦ କରିବା ଦ୍ୱାରା ଏମାନେ ନିୟମିତ ଚାକିରୀରେ ନିଯୁକ୍ତି ପାଇପାରିଲେ ନାହିଁ । ପୂର୍ତ୍ତ ବିଭାଗରେ ୧୯୯୩ ରୁ ୧୯୯୯ ମସିହା ଭିତରେ ୩ ହଜାରରୁ ଅଧିକ ମୂଳ ପଦବୀ ଥିଲେ ମଧ ସେମାନଙ୍କୁ ରେଗୁଲାର କରାନଯାଇ ୭୫ ପ୍ରତିଶତ ପଦବୀ ଉଚ୍ଛେଦ କରିବା ଦ୍ୱାରା ୧୯୯୭ ମସିହାର ରେଜୋଲ୍ୟୁସନ୍ ଏମାନଙ୍କ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ସରକାର ଏଭଳି ନକରାତ୍ମକ ନିଷ୍ପତ୍ତି ନେବାଦ୍ୱାରା ଓ ଏହି ବର୍ଗର କର୍ମଚାରୀମାନେ ନିୟମିତ ନିଯୁକ୍ତି ନ ପାଇବାରୁ ସେମାନେ ଚାକିରୀରୁ ବିନା ପେନ୍ସନ୍‌ରେ ଅବସର ନେବା ସମ୍ଭବ ହୋଇଛି । ଅବସରପ୍ରାପ୍ତ କର୍ମଚାରୀଙ୍କ ମଧ୍ୟରୁ ଦେଢଶହରୁ ଦୁଇଶହ ଜଣ ମାନ୍ୟବର ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ମୋକଦ୍ଦମା କରି ପେନସନ୍ ପାଇବା ସପକ୍ଷରେ ଆଦେଶ ପାଇସାରିଲେଣି ।

# ଜଳବାୟୁ ପରିବର୍ତ୍ତନରେ ଶ୍ରମିକ, କର୍ମଚାରୀ କ୍ଷତିଗ୍ରସ୍ତ ହେଉଛନ୍ତି

**ଭୁବନେଶ୍ୱର, ୯।୯ (ମହାଭାରତ):** ଜଳବାୟୁ ପରିବର୍ତ୍ତନରେ ଅଧିକ ଗରମ ଓ ଅଧିକ ଥଣ୍ଡା ପରିବେଶରେ କାମ କରିବାକୁ ବାଧ ହେଉଥିବାରୁ ନିର୍ମାଣ, ଜଙ୍ଗଲ, କୃଷି, ଠିକା ଶ୍ରମିକ, ବିଦ୍ୟୁତ ଶ୍ରମିକ, ମହାତ୍ମାଗାନ୍ଧୀ ଜାତୀୟ ନିଯୁକ୍ତି ଯୋଜନା ଶ୍ରମିକ, ଅକାଳ ମୃତ୍ୟୁ, ଦୁର୍ଘଟଣା ଓ ଭୟଙ୍କର ରୋଗର ଶିକାର ହେଉଛନ୍ତି । ଏପରିକି ଶ୍ରମିକ କର୍ମଚାରୀମାନଙ୍କର ଅଧିକ ଉତପ୍ତ ଓ ଅଧିକ ଥଣ୍ଡା ପରିସ୍ଥିତିରେ କାମ କରୁଥିବାରୁ ଆୟୁସୀମା କମିଯାଉଛି ।

ଜଳବାୟୁ ପରିବର୍ତ୍ତନର ପରିଣତିକୁ ରୋକିବା ପାଇଁ ଏବଂ ଜାତୀସଂଘର ଏସ୍.ଡ଼ି.ଜି ଲକ୍ଷ ହାସଲ ପାଇଁ ସରକାର ଶିଳ୍ପ, ଖଣି, ଶ୍ରମିକ କର୍ମଚାରୀ ଓ ଜନସାଧାରଣଙ୍କ ସହଯୋଗ ଓ ଉଦ୍ୟୋମ ଆବଶ୍ୟକ ବୋଲି ଗତକାଲି ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସମ୍ମିଳନୀ ଗୃହରେ, ଗ୍ରୀନ୍ ଆଣ୍ଡ ୱାଇଲ୍ଡ ଫାଉଣ୍ଡେସେନ, ଓଡ଼ିଶା ଫରେଷ୍ଟ ଆଣ୍ଡ ମାଇନର ଫରେଷ୍ଟ ପ୍ରଡକ୍ଟ ୱାର୍କସ୍ ୟୁନିଅନ, ଭାରତୀୟ ନିର୍ମାଣ କର୍ମଚାରୀ ମହାସଂଘ ତରଫରୁ ମିଳିତ ଭାବରେ ଜଳବାୟୁ ନ୍ୟାୟ ଉପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପୌରହିତ କରି ରାଷ୍ଟ୍ରୀୟ ମଜଦର କଂଗ୍ରେସର ଜାତୀୟ ଉପସଭାପତି, ରାଜ୍ୟ ସଭାପତି ତଥା ପ୍ରାକ୍ତନ ସାଂସଦ ଡ. ରାମଚନ୍ଦ୍ର ଖୁଂଟିଆ କହିଛନ୍ତି।

ଏହି ଆଲୋଚନାଚକ୍ରରେ ଭାଗନେଇ ସାଧାରଣ ସମ୍ପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ପ୍ରଶାନ୍ତ କୁମାର ମହାପାତ୍ର, ଯୁଗ୍ମ ସାଧାରଣ ସମ୍ପାଦକ-ସତ୍ୟବ୍ରତ ନାୟକ, ଅକ୍ଷୟ ତ୍ରିପାଠୀ, ମହିଳା ସଭାନେତ୍ରୀ- ପ୍ରଣତି ମିଶ୍ର, ସମ୍ପାଦକ-ସନ୍ତୋଷ ଭୋଳ, କୋଷାଧ୍ୟକ୍ଷ-ଧରଣୀଧର ସ୍ୱାଇଁ, ବିଜୟ ଦ୍ୱିବେଦୀ, ସିଦ୍ଧାର୍ଥ ଗୌତମ ଖୁଂଟିଆ, ଧରଣୀଧର ମହାନ୍ତ, ଖଗେଶ୍ୱର ସ୍ୱାଇଁ, ସରୋଜ ଦାସ, ସାଗରୀକା ବାରିକ, ତପତି ଦତ, ରଶ୍ମିରଞ୍ଜନ ପରିଡ଼ା ପ୍ରମୁଖ ଆଲୋଚନାରେ ଭାଗ ନେଇ ଜଙ୍ଗଲର ସୁରକ୍ଷା, ବୃକ୍ଷରୋପଣ ଓ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରିବା ପାଇଁ ଓ ପରିବେଶର ସୁରକ୍ଷା ପାଇଁ ସମସ୍ତ ଶ୍ରମିକ କର୍ମଚାରୀ ଓ ଜନସାଧାରଣ ମିଳିତ ଭାବରେ ଉଦ୍ୟମ କଲେ ୨୦୩୦ ମସିହା ସୁଧା ଜଳବାୟୁ ପରିବର୍ତନ ନ୍ୟାୟର ଲକ୍ଷ ହାସଲ କରାଯିବ ବୋଲି ବକ୍ତମାନେ କହିଥିଲେ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ତରଫରୁ ଏ ସଂପର୍କରେ ଜନଜାଗରଣ କରାଯାଇ ବୃକ୍ଷରୋପଣକୁ ପ୍ରୋତ୍ସାହିତ କରାଯିବ ବୋଲି ଏକ ପ୍ରସ୍ତାବରେ କୁହାଯାଇଛି।

# ମେରୁଦଣ୍ଡ ଅସ୍ତ୍ରୋପଚାର ୯୫ ପ୍ରତିଶତ ସୁରକ୍ଷିତ

**ଭୁବନେଶ୍ୱର, ୯।୯ (ମହାଭାରତ):** ସମ୍ ହସ୍ପିଟାଲ୍‌ରେ ଭାରତୀୟ ସ୍ପାଇନ୍ ସର୍ଜନ ଆସୋସିଏସନ୍‌ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚିକିତ୍ସା ଓ ଅସ୍ତ୍ରୋପଚାର କ୍ଷେତ୍ରରେ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ, ଅସ୍ତ୍ରୋପଚାର ପଦ୍ଧତି ଏବଂ ପ୍ରଶିକ୍ଷଣ ଯୋଗୁଁ ମେରୁଦଣ୍ଡ ଅସ୍ତ୍ରୋପଚାର ସଫଳ ହୋଇପାରୁଛି । ମେରୁଦଣ୍ଡ ଅସ୍ତ୍ରୋପଚାର ୯୫ ପ୍ରତିଶତ ସୁରକ୍ଷିତ ବୋଲି କହିଛନ୍ତି ବିଶିଷ୍ଟ ସ୍ପାଇନ୍ ସର୍ଜନ୍ ପ୍ରଫେସର (ଡାକ୍ତର) ଶଙ୍କର ଆଚାର୍ଯ୍ୟ । ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ଆସୋସିଏସନ୍ ଅଫ୍ ସ୍ପାଇନ୍ ସର୍ଜନ୍‌ସ ଅଫ୍ ଇଣ୍ଡିଆ (ଏଏସ୍ଏସ୍ଆଇ) ପକ୍ଷରୁ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଫେସର ଆଚାର୍ଯ୍ୟ ମେରୁଦଣ୍ଡ ଅସ୍ତ୍ରୋପଚାରକୁ ନେଇ ଆଦୌ ଭୟ ନ କରିବାକୁ ପରାମର୍ଶ ଦେଇଛନ୍ତି । ନୂଆଦିଲ୍ଲୀ ସ୍ଥିତ ସାର୍ ଗଙ୍ଗାରାମ ହସ୍ପିଟାଲ୍‌ର ସ୍ପାଇନ୍ ସର୍ଜରୀ ବିଭାଗର ମୁଖ୍ୟ ପ୍ରଫେସର ଆଚାର୍ଯ୍ୟ ଏହି ଅବସରରେ କହିଛନ୍ତି ଯେ ଏହି ଅସ୍ତ୍ରୋପଚାର ବେଶ ଫଳପ୍ରଦ ଓ ସୁରକ୍ଷିତ । ବର୍ତ୍ତମାନ ଯୁବକଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଠାରେ ମେରୁଦଣ୍ଡ ଜନିତ ସମସ୍ୟା ଦେଖାଦେଉଥିବା ବେଳେ ଜୀବନଶୈଳୀରେ ପରିବର୍ତନ, ଖାଦ୍ୟ ଗ୍ରହଣ କରିବାରେ ଅନିୟମିତତା ଏବଂ ଶାରିରୀକ ବ୍ୟାୟାମରେ ଅବହେଳା ଯୋଗୁଁ ମେରୁଦଣ୍ଡ ଜନିତ ସମସ୍ୟା ଦେଖା ଦେଉଛି ବୋଲି ସେ କହିଛନ୍ତି ।



ପୁଷ୍ଟିହୀନତା ଏବଂ ମଧୁମେହ ଜନିତ ସମସ୍ୟା ମଧ ମେରୁଦଣ୍ଡରେ ସଂକ୍ରମଣର ଅନ୍ୟ ଏକ ପ୍ରମୁଖ କାରଣ ବୋଲି ସେ କହିଛନ୍ତି । ତେବେ ମେରୁଦଣ୍ଡରେ ଦୁର୍ଘଟଣା ଜନିତ ଆଘାତ କଷ୍ଟକର ପରିସ୍ଥିତି ସୃଷ୍ଟି କରୁଛି ବୋଲି ଉଦ୍‌ବେଗ ପ୍ରକାଶ କରିଛନ୍ତି ପ୍ରଫେସର ଆଚାର୍ଯ୍ୟ । ରାସ୍ତା ଦୁର୍ଘଟଣାର ଶିକାର ହେବା ପରେ ଅନେକ କ୍ଷେତ୍ରରେ ମେରୁଦଣ୍ଡରେ ଆଘାତ ସମସ୍ୟାର କାରଣ ହେଉଛି । ବିଶେଷ ଭାବରେ ଯୁବପିଢ଼ିଙ୍କ ନିକଟରେ ଏହି ବିପଦ ବେଶୀ ଦେଖାଦେଉଥିବା ବେଳେ ବେପରୁଆ ଗାଡ଼ି ଚାଳନା ଏହାର ମୁଖ୍ୟ କାରଣ ପାଲଟିଛି । ତେଣୁ ଟ୍ରାଫିକ ନିୟମ ପାଳନ କରିବା ଦିଗରେ ସଚେତନତା ସୃଷ୍ଟି ହେବା ଆବଶ୍ୟକ ବୋଲି ସେ କହିଥିଲେ । ସେପଟ୍ଟେମ୍ବର ପ୍ରଥମ ସପ୍ତାହକୁ ମେରୁଦଣ୍ଡ ଆଘାତ ନିରାକରଣ ସପ୍ତାହ ଭାବେ ପାଳନ କରାଯାଉଛି ବୋଲି ସେ କହିଛନ୍ତି । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର କହିଥିଲେ ଯେ ଏହି ପ୍ରଶିକ୍ଷଣ ଶିବିରରେ କିଭଳି ସୁବିଧାରେ ଓ କମ୍ ସମୟରେ ହସ୍ପିଟାଲ୍‌ରେ ରହି ମେରୁଦଣ୍ଡର ଅସ୍ତ୍ରୋପଚାର କରାଯାଇପାରିବ ସେ ଦିଗରେ ପ୍ରଶିକ୍ଷଣ ଦିଆଯାଉଛି । କାର୍ଯ୍ୟକ୍ରମର ଅର୍ଗାନାଇଜିଂ ସେକ୍ରେଟାରୀ ତଥା ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଅର୍ଥୋପେଡିକ୍ ବିଭାଗର ଆସୋସିଏଟ୍ ପ୍ରଫେସର (ଡାକ୍ତର) ସୁବ୍ରତ ମହାପାତ୍ର କହିଥିଲେ ଯେ ଏଥିରେ ଯୋଗ ଦେଇଥିବା ଯୁବ ଡାକ୍ତରମାନଙ୍କୁ ମେରୁଦଣ୍ଡ ଅସ୍ତ୍ରୋପଚାରର ନୂତନ ଓ ସୁରକ୍ଷିତ ପ୍ରକ୍ରିୟା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା ।

# ଚନ୍ଦ୍ରଶେଖରପୁର ନାଗରିକ କମିଟି ବନ୍ଧୁମିଳନ ଉତ୍ସବ

**ଭୁବନେଶ୍ୱର, ୯।୯ (ମହାଭାରତ):** ଚନ୍ଦ୍ରଶେଖରପୁର ନାଗରିକ କମିଟିର ବନ୍ଧୁମିଳନ ଉତ୍ସବ ଚନ୍ଦ୍ରଶେଖରପୁର ସ୍ଥିତ ୧୦୮ ହନୁମାନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚନ୍ଦ୍ରଶେଖରପୁର ଅଂଚଳର ବିଭିନ୍ନ ସ୍ଥାନରୁ ଜ୍ଞାନୀଗୁଣୀ ନାଗରିକମାନେ ଯୋଗଦାନ କରି ଅଂଚଳର ବିଭିନ୍ନ ସମସ୍ୟା ଓ ଉନ୍ନତିକରଣ ଉପରେ ଆଲୋଚନା କରିଥିଲେ। ଚନ୍ଦ୍ରଶେଖରପୁର ଅଂଚଳର ଲୋକମାନେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୌଣସି ଗୋଟିଏ ବଡ ରୋଗ କିମ୍ବା ପରୀକ୍ଷା ନିରୀକ୍ଷା ପାଇଁ ଏଠାରେ କିଛି ସରକାରୀ ସୁବିଧା ସୁଯୋଗ ନାହିଁ। ଏମିତିକି କୁକୁର କାମୁଡା ଇଂଜେକ୍ସନ ନେବା ପାଇଁ କ୍ୟାପିଟାଲ ହସ୍ପିଟାଲ ଯିବାକୁ




ପଡୁଛି। ତେଣୁ ଏହି ଅଂଚଳରେ କ୍ୟାପିଟାଲ ହସ୍ପିଟାଲ ପରି ନୂତନ ସରକାରୀ କ୍ୟାପିଟାଲ ହସ୍ପିଟାଲ ନିର୍ମାଣ ପାଇଁ ପ୍ରଥମ ଦାବି ଉଠିଥିଲା। ସେହିପରି ଡମଣା ଓ ବିଡିଏ କଲୋନୀ ମଧ୍ୟରେ ଫୁଟ ଓଭର ବ୍ରିଜ ନିର୍ମାଣ, ବର୍ଷାରେ ଧୋଇ ଯାଇଥିବା ସମସ୍ତ ରାସ୍ତାର ପୁନଃରୁଦ୍ଧାର ଓ ନୂତନ ରାସ୍ତା ନିର୍ମାଣ, ଉଭୟ ପଟରେ ଯାଉଥିବା ସମାନ୍ତରାଳ ରାସ୍ତାର କାର୍ଯ୍ୟ ଶୀଘ୍ର ଶେଷ କରିବା, ଜଳବନ୍ଦି ଓ ଜଳ ନିଷ୍କାସନ, ଅଳିଆ ଉଠା, ବିଜୁଳି, ଟ୍ରାଫିକ ସମସ୍ୟା ସୁଧାରିବା, ପୋଲିସ ପେଟ୍ରୋଲିଂ ଜୋରଦାର କରିବା, ଲାଇବ୍ରେରୀ ଓ କମ୍ୟୁନିଟି ହଲ ପ୍ରତିଷ୍ଠା କରିବା ଇତ୍ୟାଦି ଦାବି ଉପସ୍ଥାପନ କରାଯାଇଥିଲା। ଏହାର କିପରି ସମାଧାନ ହେବ ବିଧାୟକଙ୍କ ଜରିଆରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କମିଟି ସଭାପତି ଡଃ ମଧୁମାଧବ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ନାଗରିକ ମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ବୁଝିବା ସହିତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଏହାର ଯଥାସମ୍ଭବ ସମାଧାନ ପାଇଁ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପଦେଷ୍ଟା ସୁଦର୍ଶନ ନାୟକ, ବିଜୟ ଦାଶ, ସୁରେଶ ରଥ, ଉପସଭାପତି ଅମର ମହାନ୍ତି, ସମ୍ପାଦକ ଡଃ ଶରତ ପରିଡା, ଯୁବନେତା ମନୋଜ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଆଇନଜୀବୀ ବିଜୟ ପାତ୍ର, ଭଗବାନ ଦାଶ ସହଯୋଗ କରିଥିଲା ବେଳେ ବରିଷ୍ଠ ଆଇନଜୀବୀ ସମରେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅରଭାନୀ ସମୟ ପକ୍ଷରୁ ଆନ୍ତର୍ଜାତୀୟ ସାକ୍ଷରତା ଦିବସ

**ଭୁବନେଶ୍ୱର, ୯।୯ (ମହାଭାରତ):** ଭୁବନେଶ୍ୱରରୁ ପ୍ରକାଶିତ ପାକ୍ଷିକ ଖବରକାଗଜ ଅରଭାନୀ ସମୟ ପକ୍ଷରୁ ଆନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଏ ବର୍ଷର ବିଷୟବସ୍ତୁ ବହୁଭାଷୀ ଶିକ୍ଷାକୁ ପ୍ରୋତ୍ସାହିତ କରିବା : ପାରସ୍ପରିକ ବୁଝାମଣା ଓ ଶାନ୍ତି ପାଇଁ ସାକ୍ଷରତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସୁସାହିତ୍ୟିକା ନିର୍ମଳାବାଳା ରାଉତ ନିଜ ମାତୃଭାଷା ଓଡ଼ିଆକୁ ସରକାରୀ ତଥା ବେସରକାରୀସ୍ତରରେ ପ୍ରାଧାନ୍ୟ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାଷାବିତ୍ ତଥା ସୁସାହିତ୍ୟିକା ଶ୍ରୀମତୀ ଇନ୍ଦିରା ମିଶ୍ର ବହୁଭାଷୀ ଶିକ୍ଷା ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦେଇ କହିଥିଲେ ଯେ, ନିଜ ଧର୍ମ ତଥା ସନାତନର ପ୍ରଚାର ପ୍ରସାର ସାରା ବିଶ୍ୱରେ କରିବାକୁ ହେଲେ ଏକାଧିକ ଭାଷାରେ ଓଡ଼ିଆ ଧର୍ମ, ଐତିହ୍ୟକୁ ଭାଷାନ୍ତର କରି ପୁସ୍ତକ ଛାପିବାକୁ ହେବ। ଫଳରେ ଆମ ବିଷୟରେ ସାରା ବିଶ୍ୱ ଅବଗତ ହୋଇପାରିବ।

ଅନ୍ୟତମ ସମ୍ମାନିତ ଅତିଥି ଭାବେ ପରମେଶ୍ୱର ଦାଶ ବହୁଭାଷୀ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ସମାଜସେବୀ ତଥା ଅରଭାନୀ ସମୟର ଉପଦେଷ୍ଟା ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ରମେଶ କୁମାର ମହାପାତ୍ର ଓଡ଼ିଆ ବ୍ୟତୀତ ଅନ୍ୟ ଭାଷା ଶିକ୍ଷା କରିବା ଦ୍ୱାରା ଜଣେ ଓଡ଼ିଆ ଦେଶ ତଥା ଦେଶ ବାହାରେ ନିଜକୁ ଖାପ ଖୁଆଇ ଜୀବନ ଧାରଣ ସହଜ କରିପାରିବା ଉପରେ ଗୁରୁତ୍ୱରୋପ କରିଥିଲେ। ଅନ୍ୟତମ ଅତିଥି ଅରବିନ୍ଦ ତ୍ରିପାଠୀ ପାରସ୍ପରିକ ବୁଝାମଣା ଓ ଶାନ୍ତି ପାଇଁ ବହୁଭାଷୀ ଶିକ୍ଷା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ରିଭା ମହାନ୍ତି ବହୁଭାଷୀ ଶିକ୍ଷାକୁ ପ୍ରେତ୍ସାହିତ କରିବା ଏବଂ ପାରସ୍ପରିକ ବୁଝାମଣା ଓ ଶାନ୍ତି ପାଇଁ ସାକ୍ଷରତା ଉପରେ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୪୦ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବାରେ ଅବଦାନ ଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ କୁନି କୁନି ପିଲାମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ସାମ୍ବାଦିକା ରୀନା ମହାନ୍ତି, ସମାଜସେବୀ ନାରାୟଣ ଖୁଣ୍ଟିଆ, ପ୍ରସନ୍ନ କୁମାର ଖୁଣ୍ଟିଆ, ମମତା ରାଉତ, ଲିଙ୍ଗରାଜ ଦାସ ଏବଂ ସକୁନ୍ତଳା ଓଝା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗାଁ ସାଥୀ (ମେଟ୍)ଙ୍କ ଆନ୍ଦୋଳନ ସ୍ଥଗିତ

**ଭୁବନେଶ୍ୱର, ୯।୯ (ମହାଭାରତ):** ଗାଁସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି, ଓଡ଼ିଶା ପ୍ରଦେଶ ସଂଗଠନ ତରଫରୁ ୧୦ ତାରିଖରେ ଆନ୍ଦୋଳନ କରିବା ପାଇଁ ସଂଘ ଆଗରୁ ପୋଲିସ ପ୍ରଶାସନ, ରାଜ୍ୟ ସରକାର ଓ ଗଣମାଧ୍ୟମକୁ ଜଣାଇଥିଲେ ।

ଚଳିତ ୬ ସେପ୍ଟେମ୍ବରରେ ସ୍ଥାନୀୟ ପୋଲିସ୍, ବିଜେପିର ରାଜ୍ୟ ସଭାପତି ଶ୍ରୀଯୁକ୍ତ ମନମୋହନ ମହୋଦୟ ଓ ମନ୍ତ୍ରୀ ପଞ୍ଚାୟତିରାଜ, ଓଡ଼ିଶା ସରକାର ଶ୍ରୀଯୁକ୍ତ ରବି ନାରାୟଣ ନାଏକ ଆଜ୍ଞାଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପ ଫଳରେ ଉକ୍ତ ସଂଘର ଏକାଧିକ ଦାବିର ସମାଧାନ ପାଇଁ କିଛି ପଥ ପ୍ରସ୍ତୁତ ହୋଇଥିବାରୁ ଉକ୍ତ ଆନ୍ଦୋଳନ ବର୍ତ୍ତମାନ ସ୍ଥିତିରେ ସାମୟିକ ଭାବରେ ସ୍ଥଗିତ ରଖାଗଲା ବୋଲି ଏହି ସଂଘର ରାଜ୍ୟ ସଭାପତି ଶ୍ରୀ ଲକ୍ଷ୍ମୀଧର ବିଶ୍ୱାଳ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଗଣମାଧ୍ୟମକୁ ଜଣାଇଛନ୍ତି। ଏଥିସହିତ ଶ୍ରୀ ବିଶ୍ୱାଳ ଏହି ବିଜ୍ଞପ୍ତି ଓ ଏକ ସୋସିଆଲ୍ ମିଡ଼ିଆ ବାର୍ତ୍ତା ଜରିଆରେ ସ୍ପଷ୍ଟ କରିଛନ୍ତି ଯେ ନିର୍ବାଚନ ୨୦୨୪ ପୂର୍ବରୁ ଏହି ବର୍ଷ ପ୍ରଥମାର୍ଦ୍ଧରେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମହୋଦୟ, ତତ୍କାଳୀନ ବିରୋଧିଦଳର ନେତା ଭାବରେ ଉକ୍ତ ସଂଘର ମାସିକ ୧୦ ହଜାର ଟଙ୍କା ପ୍ରଦାନ ଦାବିକୁ ପୂରଣ ପାଇଁ ବିଧାନସଭା ଭିତରେ ଓ ବାହାରେ (ଗଣମାଧ୍ୟମରେ) ସ୍ପଷ୍ଟ କରିଥିଲେ ।

ଠିକ୍ ସେହିପରି ବର୍ତ୍ତମାନର ସ୍ୱାସ୍ଥ୍ୟମନ୍ତ୍ରୀ ତଥା ସେତେବେଳର ବିଧାୟକ ଲୁଇସିଙ୍ଗା ମହୋଦୟ ଚଳିତ ଫେବୃୟାରୀ ୫ ତାରିଖ ଦିନ ଗାଁସାଥୀ (ମେଟ୍)ଙ୍କ ଲୋୟର ପିଏମ୍‌ଜିସ୍ଥିତ ଆନ୍ଦୋଳନସ୍ଥଳରେ ତାଙ୍କ ବକ୍ତବ୍ୟରେ ସ୍ପଷ୍ଟ କରିଥିଲେ ଯେ, ବିଜେପି ସରକାର ଓଡ଼ିଶାରେ ଆସିଲେ ପ୍ରଥମ କ୍ୟାବିନେଟ୍‌ରେ ଗାଁସାଥୀଙ୍କ ମୁଖ୍ୟ ଦାବି ପୂରଣ କରିବେ ।

ଠିକ୍ ସେହିପରି ବିଜେପିର ରାଜ୍ୟ ସଭାପତି ୨୯ ଜାନୁଆରୀ ୨୦୨୪ରେ ଉକ୍ତ ସଂଘର ଶତାଧିକ କର୍ମକର୍ତ୍ତାଙ୍କୁ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ସ୍ପଷ୍ଟ କରିଥିଲେ ଯେ, ଆମ ସରକାର ଆସିଲେ ୧ ମାସରେ ୧ କ୍ୟାଲେଣ୍ଡର ବର୍ଷା ଅର୍ଥାତ୍ ଏହି ୨୦୨୪ ଡିସେମ୍ବର ଶେଷ ସୁଦ୍ଧା ତୁମର ପ୍ରମୁଖ ଦାବିକୁ ପୂରଣ କରାଯିବ । ମାତ୍ର ରାଜ୍ୟରେ ଏବେ ଫାଙ୍କାଥିବା ୫ ହଜାରରୁ ଅଧିକ ଜିଆରଏସ୍ ପଦବୀ ପୂରଣ ପାଇଁ ପ୍ରକ୍ରିୟା ଚାଲିଥିବା ବେଳେ ସେଥିରେ ଗାଁସାଥୀ (ମେଟ୍)ଙ୍କ ସଂରକ୍ଷଣ ବା ଅଗ୍ରାଧିକାର ନାହିଁ । ବାରମ୍ବାର ମନ୍ତ୍ରୀ ଓ ସଭାପତି ସେହି ଚିଠିକୁ ବନ୍ଦ କରି ଗାଁସାଥୀଙ୍କ ଆଲୋଚନା ସରକାରୀ ଭାବେ ସାରିବା ପାଇଁ କହିଲେ ମଧ ତାହା ଏଯାବତ୍ ସମ୍ଭବ ହୋଇପାରୁନାହିଁ ।

# ଓଡ଼ିଶାରେ ଭୂସଂସ୍କାର କ୍ଷେତ୍ରରେ ସଦାଶିବ ତ୍ରିପାଠୀ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ

**ଭୁବନେଶ୍ୱର, ୯।୯ (ମହାଭାରତ):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଆଦର୍ଶ ଶିକ୍ଷକ, ନୀତିନିଷ୍ଠ ରାଜନେତା, ପୂର୍ବତନ ମୁଖ୍ୟମନ୍ତ୍ରୀ ⁄ସଦାଶିବ ତ୍ରିପାଠୀଙ୍କ ୪୪ତମ ସ୍ୱର୍ଗାରୋହଣ ଦିବସ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ରାଜଧାନୀ ହସ୍ପିଟାଲ୍ ସମ୍ମୁଖସ୍ତ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ପ୍ରାଧାପକ ରମେଶ ଚନ୍ଦ୍ର ପାତାଳସିଂହ, ଅମିତ୍ ପାତାଳସିଂହ, ଜୟ ଓଡ଼ିଶା ପକ୍ଷରୁ ହରପ୍ରିୟା ପଟ୍ଟଯୋଷୀ, ଜ୍ୟୋତିରଂଜନ ରାଉତ, ସ୍ୱରାଜ ସୂତାର, ତାପସ କୁମାର ସାହୁ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନିଜ ବକ୍ତବ୍ୟରେ ସ୍ୱର୍ଗତ ତ୍ରିପାଠୀଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ । ଅବିଭକ୍ତ କୋରାପୁଟ ଜିଲ୍ଲାର ନବରଙ୍ଗପୁର ଅଞ୍ଚଳର ଏକ ଜମିଦାର ପରିବାରରେ ଜନ୍ମିତ ସ୍ୱର୍ଗତ ତ୍ରିପାଠୀ ଉଚ୍ଚଶିକ୍ଷା ପରେ ଶିକ୍ଷକତାକୁ ବ୍ରତ ଭାବେ ଗ୍ରହଣ କରିନେଇଥିଲେ।

ପରବର୍ତ୍ତୀ ଅବସ୍ଥାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଶିକ୍ଷକତା ପରିତ୍ୟାଗ କରି ସ୍ୱାଧୀନତା ସଂଗ୍ରାମରେ ନିଜକୁ ସାମିଲ୍ କରିବା ସହ ସମଗ୍ର କୋରାପୁଟ ଜିଲ୍ଲାର ବଣ, ପାହାଡ଼ ଓ ପର୍ବତ ଅଞ୍ଚଳର ପ୍ରତ୍ୟେକ ଗ୍ରାମରେ ସ୍ୱାଧୀନତା ସଂଗ୍ରାମର ବାର୍ତ୍ତାକୁ ପ୍ରଚାର ଓ ପ୍ରସାର କରିଥିଲେ । ତାଙ୍କ ନେତୃତ୍ୱରେ କୋରାପୁଟ



ଜିଲ୍ଲାରେ ସ୍ୱାଧୀନତା ସଂଗ୍ରାମ ସକ୍ରିୟ ହୋଇଥିଲା । ସ୍ୱାଧୀନତା ପରେ ସେ ବିଧାୟକ ଭାବେ ନିର୍ବାଚିତ ହେବା ସହ ରାଜସ୍ୱ ମନ୍ତ୍ରୀ ଭାବେ ଭୂସଂସ୍କାର ଆଇନ୍ କାର୍ଯ୍ୟକାରୀ କରିଥିଲେ । ନିଜର ଜମିକୁ ମଧ୍ୟ ଚାଷୀମାନଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ। ପରବର୍ତ୍ତୀ ଅବସ୍ଥାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନିର୍ବାହ କରିବା ସହିତ ସୁଶାସନ ପ୍ରଦାନରେ ଏକ ଉଦାହରଣ ସୃଷ୍ଟି କରିଥିଲେ । ଜଣେ ନୀତିନିଷ୍ଠ ରାଜନେତା ଭାବରେ ସରଳ, ନିରାଡ଼ମ୍ବର ଜୀବନ ଯାପନ କରିବା ସହ ଉଚ୍ଚ ରାଜନୈତିକ ମୂଲ୍ୟବୋଧର ପ୍ରଚାର ଓ ପ୍ରସାର କରିଥିଲେ । ତାଙ୍କ ନୀତି ଆଦର୍ଶ ସବୁ ସମୟରେ ଯୁବ ଓ ଛାତ୍ର ସମାଜକୁ ପ୍ରେରଣ ଦେବ ବୋଲି ମତ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ମମତାଙ୍କ ଇସ୍ତଫା ଦାବି

ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଇସ୍ତଫା ଦାବି ମଧ୍ୟ ଉଠିଲାଣି । କାରଣ ପଶ୍ଚିମବଙ୍ଗ ପୋଲିସ ଏହି ଘଟଣାକୁ ସେତିକି ଗୁରୁତ୍ୱର ସହ ତଦନ୍ତ କରିନି । କେବଳ ଅଭିଯୁକ୍ତକୁ ଗିରଫ କରିଦେଲେ ହେବନି । ଅଭିଯୁକ୍ତଙ୍କ ବିରୋଧରେ ପ୍ରମାଣ ସଂଗ୍ରହ, ଏହା ବିରୋଧରେ ଆଉ କିଏ ଅଛନ୍ତି, କିଏ ପ୍ରମାଣ ନଷ୍ଟ ପାଇଁ ଷଡ଼ଯନ୍ତ୍ର କରିଛି, ଅଭିଯୁକ୍ତକୁ କିଏ ସୁରକ୍ଷା ପ୍ରଦାନ କରିଛି ସେ ସମ୍ପର୍କରେ ବ୍ୟାପକ ତଦନ୍ତ ହେବା ଉଚିତ । ରାଜ୍ୟ ପୋଲିସର ଅପାଗରତାରୁ ସିବିଆଇକୁ ତଦନ୍ତ ଦାୟିତ୍ୱ ଦିଆଗଲା । ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ପରି ଏବେ ଆରଜି କର ମେଡିକାଲ କଲେଜରେ ଚାଲିଥିବା ବିଭିନ୍ନ ଅନୈତିକ କାର୍ଯ୍ୟ ଏବଂ ଏଥିରେ ତତ୍କାଳନୀ ଅଧ୍ୟକ୍ଷ ଡାକ୍ତର ସନ୍ଦୀପ ଘୋଷଙ୍କ ସମ୍ପୃକ୍ତି ଅଭିଯୋଗ ଆସିଲାଣି । ମେଡିକାଲ କଲେଜରେ ଆର୍ଥିକ ଅନିୟମିତତାରେ ଡାକ୍ତର ଘୋଷ ସମ୍ପୃକ୍ତ ବୋଲି ଅଭିଯୋଗ ଆସିଛି ଏବଂ ସିବିଆଇ ତାଙ୍କ ବିରୋଧରେ ଏତଲା ମଧ୍ୟ ଦେଇଛି । ନିକଟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଏକ ପତ୍ର ଲେଖି ଦେଶରେ ବଢ଼ି ଚାଲିଥିବା ମହିଳା ଏବଂ ନାବାଳିକାଙ୍କ ପ୍ରତି ଦୁଷ୍କର୍ମ ମାମଲଶ ନେଇ ଉଦବେଗ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ଦେଶରେ ପ୍ରତିଦିନ ହାରାହାରି ୯୦ଟି ଦୁଷ୍କର୍ମ ଘଟଣା ଘଟୁଛି । ଏହା ଉଦବେଗର ବିଷୟ । ଏହାକୁ ରୋକିବା ନିମନ୍ତେ କେନ୍ଦ୍ର ସରକାର କଡ଼ା ଆଇନ ପ୍ରଣୟନ କରନ୍ତୁ, ଫାଷ୍ଟ ଟ୍ରାକ କୋର୍ଟ ପ୍ରତିଷ୍ଠା କରାଯାଇ ଏଭଳି ମାମଲାର ଆଶୁ ଫଇସଲା କରାଯାଉ ବୋଲି ମମତା ତାଙ୍କ ପତ୍ରରେ ଦାବି କରିଛନ୍ତି । କିନ୍ତୁ ମମତାଙ୍କ ମୁହଁରେ ଏହା ଶୋଭାପାଉନି । କାରଣ ତାଙ୍କ ଶାସନ କାଳରେ ପଶ୍ଚିମବଙ୍ଗରେ ଧର୍ତ୍ତବ୍ୟ ଅପରାଧ ସଂଖ୍ୟା ବଢ଼ିଛି । ଏହାକୁ ରୋକିବାରେ ମମତାଙ୍କ ସରକାର ବିଫଳ ହୋଇଛନ୍ତି । ଦୁଷ୍କର୍ମ ଘଟଣା ରୋକିବା ଲାଗି ଅନେକ ଆଇନ ରହିଛ । ଅନେକ କ୍ଷେତ୍ରରେ ଫାଷ୍ଟଟ୍ରାକ କୋର୍ଟରେ ମାମଲାର ବିଚାର କରାଉଛି । ତେଣୁ ମମତା କିଛି ନୂଆ କଥା କହିନାହାଁନ୍ତି । ଦୁଷ୍କର୍ମ ମାମଲାରେ ଦୋଷୀଙ୍କ ପ୍ରତି କଠୋର ଦଣ୍ଡ ବିଧାନ ହେଉ । ତୁରନ୍ତ ନ୍ୟାୟ ପ୍ରଦାନ ହେଉ । ଦୋଷୀଙ୍କ ପ୍ରତି ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ ହେଉ । ଏହା ସମସ୍ତେ ଚାହାଁନ୍ତି । ଅନେକ କ୍ଷେତ୍ରରେ ଏହା ମଧ୍ୟ ହେଉଛି । ଅନେକ ଦୁଷ୍କର୍ମ ଅଭିଯୁକ୍ତଙ୍କୁ ଆଜୀବନ ବା ୨୦ ବର୍ଷ ପର୍ଯ୍ୟନ୍ତ ଜେଲ ହେଉଛି । ଆଇନରେ ସଂଶୋଧନ କରାଯାଇ ନାବାଳିକା ଦୁଷ୍କର୍ମ ଏବଂ ହତ୍ୟା ମାମଲାରେ ଦୋଷୀଙ୍କୁ ଫାଶୀ ଦଣ୍ଡବିଧାନ ବ୍ୟବସ୍ଥା ହୋଇଛି । ସବୁ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହେଉଛି ତାହା ନୁହେଁ । କିନ୍ତୁ ଅନେକ କ୍ଷେତ୍ରରେ ଏହା ସମ୍ଭବ ହେଉନି । ଆଇନର ଜଳାବାଟ ଦେଇ ଅପରାଧି ଖସି ଯାଉଛନ୍ତି । ତେଣୁ ପ୍ରଚଳିତ ଆଇନରେ ସଂଶୋଧନ ଏବଂ ଏହାକୁ ଅଧିକ କଡ଼ାକଡ଼ି କରାଯିବାର ଆବଶ୍ୟକତା ରହିଛି । ମମତାଙ୍କ ମତ ସହ କେହି ଦ୍ୱିମତ ହେବେ ନି । କିନ୍ତୁ ମମତା ମୁଖ୍ୟମନ୍ତ୍ରୀ ଭାବେ ତାଙ୍କ ଦାୟିତ୍ୱ ଏବଂ କର୍ତ୍ତବ୍ୟ ଠିକ ଭାବେ ପାଳନ କରିଛନ୍ତି କି ? ସମ୍ଭବତଃ ନୁହେଁ । କେବଳ ସଂଖ୍ୟାଲଘୁ ତୁଷ୍ଟିକରଣ ଏବଂ ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଏବଂ ଆଶ୍ରୟ ପ୍ରଦାନ କରିବା ତାଙ୍କର ମୁଖ୍ୟ କାର୍ଯ୍ୟ ହୋଇଛି । ନିର୍ବାଚନ ଜିତି କ୍ଷମତା ଦଖଲ କରିବା ତାଙ୍କ ଜୀବନର ଲକ୍ଷ୍ୟ ହୋଇଛି । ଏଥିପାଇଁ ଭୋଟ ବ୍ୟାଙ୍କ ସୁଦୃଢ଼ୀକରଣକୁ ସେ ଗୁରୁତ୍ୱ ଦେଉଛନ୍ତି । କିନ୍ତୁ ମହିଳାଙ୍କ ସୁରକ୍ଷାକୁ ସେ ସେତିକି ଗୁରୁତ୍ୱ ଦେଉ ନାହାଁନ୍ତି । ତାଙ୍କ ଦଳର କର୍ମୀମାନେ ପ୍ରତିପକ୍ଷ ଦଳର ସମର୍ଥକ ମହିଳାମାନଙ୍କ ପ୍ରତି ଅତ୍ୟାଚାର କରୁଛନ୍ତି, ଦୁଷ୍କର୍ମ କରୁଛନ୍ତି । ମମତାଙ୍କ ପୋଲିସ ସେମାନଙ୍କୁ ସୁରକ୍ଷା ପ୍ରଦାନ କରୁଛନ୍ତି । ସନ୍ଦେଶଖାଲିରେ ଯାହା ହେଲା ତାହା ମମତାଙ୍କ ଅସଲ ଚେହେରାକୁ ଖୋଲି ଦେଇଛି ।

# ମାନବ କୈନ୍ଦ୍ରିକ ଜଗତୀକରଣ ଜରୁରୀ

॥ ବାଦଲ ଭୂୟାଁ ॥


“ ଦକ୍ଷତା ବିକାଶ ଜରୁରୀ । ଶିକ୍ଷାକ୍ଷେତ୍ରରେ ବିକାଶ ପାଇଁ ଦକ୍ଷତା ବିକାଶ ବା କାପାସିଟି ବିଲ୍ଡିଂ ଜରୁରୀ ବୋଲି ଓଏସ ଅଫ ଗ୍ଲୋବାଲ ସମିଟରେ ବାହାମସର ଶିକ୍ଷାମନ୍ତ୍ରୀ ଗ୍ଲେନିସ୍ ହାନୀ ମାର୍ଟିନ କହିଛନ୍ତି । ସେଠାରେ ସ୍କିଲିଂ ଏବଂ ଶିକ୍ଷାର ବିକାଶକୁ ଗୁରୁତ୍ୱ ଦିଆଯାଉଛି । ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ସମସ୍ୟାର ସମାଧାନ ଏବଂ ସେମାନଙ୍କ ନୈତିକ ଶିକ୍ଷା ବଢ଼ାଇବା ଉପରେ ସର୍ଭେ ମଧ କରାଯାଇଛି । ଟେକ୍ନିକାଲ ଏବଂ ଭୋକେସନାଲ ଟ୍ରେନିଂ ହବ ବନାଇବା ପାଇଁ ଶ୍ରମିକ ବିଭାଗ ସହ ମିଳିତ ଭାଗିଦାରୀରେ ସେମାନେ କାର୍ଯ୍ୟ ଜାରି ରଖିଛନ୍ତି ।


ଗ୍ଲୋବାଲ ସାଉଥ ମେଧାବୃତ୍ତି ଆରମ୍ଭ କରିବ ଭାରତ : ସମଗ୍ର ବିଶ୍ୱରେ ଶିକ୍ଷା କ୍ଷେତ୍ରରେ ଭାରତ ଏକ ଆଦର୍ଶଣୀୟ ରାଷ୍ଟ୍ର ଭାବେ ଆଜି ନିଜ ଶ୍ରେଷ୍ଠତା ପ୍ରତିପାଦନ କରିଛି । ଗତ ତିନି ବର୍ଷ ଭାରତ ଭଳି ବିକାଶଶୀଳ ଦେଶଗୁଡ଼ିକ ପାଇଁ ବେଶ ଆହ୍ୱାନପୂର୍ଣ୍ଣ ଥିଲା । କିନ୍ତୁ ନୂଆବର୍ଷ ନୂଆ ଆଶା ନେଇ ଆସିଛି । ଆମେ ସଭିଏଁ ଗ୍ଲୋବାଲଇଜେଶନକୁ ସମର୍ଥନ କରୁ । ଭାରତ ସର୍ବଦା ବିଶ୍ୱକୁ ଏକ ପରିବାର ରୂପରେ ଦେଖିଥାଏ । ଆମେ ଏପରି ଏକ ଜଗତୀକରଣ ଚାହୁଁ ଯେଉଁଠି ଜଳବାୟୁ କିମ୍ବା ଋଣ ସଙ୍କଟ ସୃଷ୍ଟି ହେଉ ନଥିବ, ଯାହା ମାନବକୈନ୍ଦ୍ରିକ ହୋଇଥିବ । ଯେଉଁଠି ଟିକାକରଣରେ ଅସମାନତା ନଥିବ ଏବଂ ଯେଉଁଠି ମାନବିକତା ଏବଂ ସମୃଦ୍ଧିର ସ୍ଥାନ ଥିବ ବୋଲି ଓଏସ ଅଫ ଗ୍ଲୋବାଲ ସାଉଥ ସମ୍ମିଳନୀର ଉଦଘାଟନୀ ସମାରୋହରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ।

ସୂଚନାଥାଉକି ଦୁଇଦିନ ଧରି ଚାଲିଥିବା ଏହି ସମ୍ମିଳନୀରେ ୧୨୦ରୁ ଅଧିକ ବିକାଶଶୀଳ ଦେଶ ଭାଗ ନେଇଛନ୍ତି । ଏହା ଗ୍ଲୋବାଲ ସାଉଥର ସବୁଠାରୁ ବଡ଼ ଧରଣର ଭର୍ଚୁଆଲ ସମିଟ । ପ୍ରଧାନମନ୍ତ୍ରୀ କହିଥିଲେ, ଜାତିସଂଘ ସୁରକ୍ଷା ପରିଷଦ ସମେତ ଅନ୍ତର୍ଜାତୀୟ ସଙ୍ଗଠନ ଗୁଡ଼ିକରେ ତତ୍କାଳ ଏକ ମୌଳିକ ସୁଧାରର ଆବଶ୍ୟକତା ରହିଛି । ଭାରତ ଏକ ଗ୍ଲୋବାଲ ସାଉଥ ସେଣ୍ଟର ଅଫ ଏକ୍ସିଲେନ୍ସ ସ୍ଥାପନ କରିବ । ନୂଆ ପ୍ରୋଜେକ୍ଟ ଆରୋଗ୍ୟ ମୈତ୍ରୀ ବାବଦରେ ମୋଦି ପ୍ରକାଶ କରିଥିଲେ । ଏହାଦ୍ୱାରା ଭାରତ ପ୍ରାକୃତିକ ବିପର୍ଯ୍ୟୟ ଏବଂ ମାନବୀୟ ସଙ୍କଟର ସମ୍ମୁଖୀନ ହେଉଥିବା ଦେଶ ଗୁଡ଼ିକୁ ମେଡ଼ିକାଲ ସୁବିଧା ଉପଲବ୍ଧ କରାଇପାରିବ ବୋଲି ସେ ସୂଚନା ଦେଇଥିଲେ । ପ୍ରଧାନମନ୍ତ୍ରୀ ଯୁଦ୍ଧ, ଆତଙ୍କବାଦ ସମେତ ବିଭିନ୍ନ ବୈଶ୍ୱିକ ସମସ୍ୟା ଉପରେ ଆଲୋକପାତ କରିଥିଲେ । ସମ୍ପ୍ରତି ବିଶ୍ୱ ସଙ୍କଟରେ ପଡ଼ିଛି । ଆଉ କେତେ ଦିନ ଏହି ଅସ୍ଥିରତା ଜାରି ରହିବ ତାହା କହିବା କଷ୍ଟକର ବୋଲି କହିଥିଲେ । ଏଥିସହ ଇନ୍ଧନ ସଙ୍କଟ, ଖାଦ୍ୟାଭାବ, ମୁଦ୍ରାସ୍ଫୀତି, କରୋନା ମହାମାରୀ, ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ଆଦି ଉପରେ ଚିନ୍ତା ବ୍ୟକ୍ତ କରିଥିଲେ । ଓଏସ ଅଫ ଗ୍ଲୋବାଲ ସାଉଥ ସମିଟରେ ବାର୍ବାଡ଼ାସ, କୋଷ୍ଟାରିକା, କମନୱେଲଥ ଦେଶ ବାହାମାସ, କ୍ୟୁବା, ଗାମ୍ବିଆ, ହଣ୍ଡୁରାସ, ଲାଓ ପିପୁଲସ ଡେମାକ୍ରାଟିକ ରିପବ୍ଲିକ, ଫେଡେରେଟେଡ ଷ୍ଟେଟ ଅଫ ମାଇକ୍ରୋନେସିଆ, ରିପବ୍ଲିକ ଅଫ ନାଉରୁ, ସେଣ୍ଟ ଲୁସିଆ. ସେଣ୍ଟ ଭିନସେଣ୍ଟ ଏବଂ ଦି ଗ୍ରେନାଡାଇନସ, ସୋଲୋମନ ଆଇଲ୍ୟାଣ୍ଡ, ତୁର୍କମେନିସ୍ତାନ, ଉରୁଗୁଏ, ୟେମେନ ସମୂହ ଦେଶ ଅଂଶ ଗ୍ରହଣ କରିଥିଲେ ।

ଭାରତର ଶିକ୍ଷା ବ୍ୟବସ୍ଥା ପ୍ରଶଂସନୀୟ କାରଣ କେନ୍ଦ୍ରଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ବିଭାଗର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦାୟିତ୍ୱ ନେବା ପରେ ଭାରତର ଶିକ୍ଷା ବ୍ୟବସ୍ଥାକୁ ଆହୁରି ବାସ୍ତବାଭିମୁଖୀ ଓ ଶିକ୍ଷାଭିମୁଖୀ କରିପାରିଛନ୍ତି । ଗାମ୍ବିଆର ଶିକ୍ଷା ମନ୍ତ୍ରୀ ପ୍ରଫେସର ପାଏରୀ ଗୋମେଜ ଶିକ୍ଷା ପ୍ରଯୁକ୍ତିବିଦ୍ୟା ଓ ଦକ୍ଷତା ବିକାଶ ଦିଗରେ ଭାରତୀୟ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ । ଷ୍ଟେମ ବର୍ଗରେ ଭାରତ ସହ ଭାଗିଦାରୀ ହେବା ପାଇଁ ସେ ଇଛା ପ୍ରକାଶ କରିବା ସହ ବୈଷୟିକ, ଧନ୍ଦାମୂଳକ, ଶିକ୍ଷା ପ୍ରଶିକ୍ଷଣକୁ ତାଙ୍କ ଦେଶ ଗୁରୁତ୍ୱ ଦେଇ ଏହାକୁ ବିକଶିତ କରିବା ପାଇଁ ସେ ଭାରତର ସହଯୋଗ ଲୋଡ଼ିଥିଲେ । ନ୍ୟାସନାଲ ଏଜୁକେସନାଲ ହବ ଏବଂ ନ୍ୟାସନାଲ ଟେକ୍ନୋଲୋଜି ପାର୍କ ସ୍ଥାପନ କରିବା ପାଇଁ ସେ ଭାରତ ଠାରୁ ସହଯୋଗ ଆଶା କରିଥିଲେ । ବିକାଶ ଏଜେଣ୍ଡା ପୂରଣ ପାଇଁ ଭାରତର ସହଯୋଗ ଲୋଡ଼ା । ସ୍ଥାୟୀ ବିକାଶ ଏଜେଣ୍ଡାକୁ ପୂରଣ କରିବା ପାଇଁ ଭାରତର ସହଯୋଗ ଲୋଡ଼ା ବୋଲି ସୋଲୋମାନ ଆଇଲ୍ୟାଣ୍ଡର ଶିକ୍ଷାମନ୍ତ୍ରୀ ଲେନଲୀ ତାନଗାଣ୍ଡା କହିଛନ୍ତି । ଭାରତର ଷ୍ଟଡି ଏବଂ ଟ୍ରେନିଂ ବ୍ୟବସ୍ଥା ଏକ ସଫଳ ମଡ଼େଲ ବୋଲି ସେ ପ୍ରକାଶ କରିଥିଲେ ।

ଦକ୍ଷତା ବିକାଶ ଜରୁରୀ । ଶିକ୍ଷାକ୍ଷେତ୍ରରେ ବିକାଶ ପାଇଁ ଦକ୍ଷତା ବିକାଶ ବା କାପାସିଟି ବିଲ୍ଡିଂ ଜରୁରୀ ବୋଲି ଓଏସ ଅଫ ଗ୍ଲୋବାଲ ସମିଟରେ ବାହାମସର ଶିକ୍ଷାମନ୍ତ୍ରୀ ଗ୍ଲେନିସ୍ ହାନୀ ମାର୍ଟିନ କହିଛନ୍ତି । ସେଠାରେ ସ୍କିଲିଂ ଏବଂ ଶିକ୍ଷାର ବିକାଶକୁ ଗୁରୁତ୍ୱ ଦିଆଯାଉଛି । ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ସମସ୍ୟାର ସମାଧାନ ଏବଂ ସେମାନଙ୍କ ନୈତିକ ଶିକ୍ଷା ବଢ଼ାଇବା ଉପରେ ସର୍ଭେ ମଧ କରାଯାଇଛି । ଟେକ୍ନିକାଲ ଏବଂ ଭୋକେସନାଲ ଟ୍ରେନିଂ ହବ ବନାଇବା ପାଇଁ ଶ୍ରମିକ ବିଭାଗ ସହ ମିଳିତ ଭାଗିଦାରୀରେ ସେମାନେ କାର୍ଯ୍ୟ ଜାରି ରଖିଛନ୍ତି । ଡିଜିଟାଲ ଏଜୁକେଶନ ରିସୋର୍ସ ମଧ କରାଯାଇଛି । ଅଧିକାଂଶ ସମୟରେ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଶିକ୍ଷାନୁଷ୍ଠାନଗୁଡ଼ିକର ଡିଜିଟାଲାଇଜେସନ କରାଯାଇଥିବା ଗ୍ଲେନିସ କହିଛନ୍ତି ।

ଶିକ୍ଷା ରୂପାନ୍ତରଣ ଏକ ନିରନ୍ତର ପ୍ରକ୍ରିୟା । ଉରୁଗୁଏ ଶିକ୍ଷାମନ୍ତ୍ରୀ ପାବଲୋ ଦା ସିଲଭେରା କହିଛନ୍ତି ଭବିଷ୍ୟତ ପିଢ଼ି ପାଇଁ ଶିକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଶିକ୍ଷା ରୂପାନ୍ତରଣ ଏକ ନିରନ୍ତର ପ୍ରକ୍ରିୟା । ନିଜ ଦେଶର ସମାଜ ଏବଂ ମାନବ ସମ୍ବଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷାକୁ ନିରନ୍ତର ବିକଶିତ କରିବା । ପରାଧୀନ ମାନସିକତା ବଦଳାଇବା । ଗ୍ଲୋବାଲ ସାଉଥ ଦେଶରେ ଥିବା ଶିକ୍ଷା ବ୍ୟବସ୍ଥା ପରାଧୀନ ମାନସିକତା ଯୋଗୁ ଶତାବ୍ଦୀ ଶତାବ୍ଦୀ ଧରି କ୍ଷତି ସହୁଥିଲା । ସମୟ ଆସିଛି, ଏହାକୁ ପରିବର୍ତ୍ତନ କରି ଜନସାଧାରଣଙ୍କ ଆକାଂକ୍ଷାକୁ ପୂରଣ କରିବା ପାଇଁ କାର୍ଯ୍ୟ କରିବା । ସର୍ବବ୍ୟାପୀ, ସର୍ବସ୍ପର୍ଶୀ ଗୁଣାତ୍ମକ, ସୁଲଭ ଏବଂ ଉତ୍ତରଦାୟିତ୍ୱ ଭଳି ସ୍ତମ୍ଭ ଉପରେ ପର୍ଯ୍ୟବେସିତ ଜାତୀୟ ଶିକ୍ଷା ନୀତି ଭାରତୀୟ ଚରିତ୍ର ସହ ଜଡ଼ିତ ଏବଂ ୨୦୩୦ ସାମଗ୍ରିକ ବିକାଶ ସହ ସମ୍ପୃକ୍ତ । ଏହା ଆମ ଯୁବପିଢ଼ିଙ୍କୁ ବୈଶ୍ୱିକ ନାଗରିକ ଭାବେ ବିକଶିତ କରିବ, ଯାହା ଦ୍ୱାରା ସେମାନେ ମାନବତାର କଲ୍ୟାଣ ପାଇଁ ବୈଶ୍ୱିକ ସମସ୍ୟାର ସମାଧାନର ସୂତ୍ର ବାହାର କରିପାରିବେ ।

ମାତୃଭାଷାରେ ଶିକ୍ଷାଦାନକୁ ଗୁରୁତ୍ୱ ଦିଆଯାଇଛି । ସ୍କୁଲ ଶିକ୍ଷା ସ୍ତରରେ ପ୍ରାରମ୍ଭିକ ଭାବେ ଶୈଶବ ଯତ୍ନ ଓ ଶିକ୍ଷାକୁ ପ୍ରାଥମିକତା ଦିଆଯାଇଛି । ଦିବ୍ୟାଙ୍ଗ ଶିଶୁଙ୍କୁ ସବୁପ୍ରକାର ସହଯୋଗ ପ୍ରଦାନ କରାଯିବା ସହ ଶିକ୍ଷକଙ୍କ ଦକ୍ଷତା ବିକାଶ ଏବଂ ଟ୍ରେନିଂ ଉପରେ ମଧ ପଦକ୍ଷେପ ନିଆଯାଇଛି । ସ୍କୁଲ ଯାଉଥିବା ବାଳିକାଙ୍କ ସ୍ୱାସ୍ଥ୍ୟ ଏବଂ ପୋଷଣକୁ ଉନ୍ନତ କରିବା ପାଇଁ ଆମ ସରକାର ଅନେକ ପଦକ୍ଷେପ ନେଉଛନ୍ତି । ପାଠ୍ୟକ୍ରମକୁ ପୁନଃ ଡିଜାଇନ କରାଯାଇ ଏହାକୁ ଛାତ୍ରଛାତ୍ରୀ କେନ୍ଦ୍ରୀୟ କରିବା ସହ ମାତୃଭାଷାରେ ଶିକ୍ଷା ଆହରଣ ଓ ଶିକ୍ଷାଦାନକୁ ବିଶେଷ ମହତ୍ତ୍ୱ ଦିଆଯାଇଛି । ବହୁମୁଖୀ ଶିକ୍ଷାକୁ ପ୍ରୋତ୍ସାହନ ଦିଆଯାଇ ଉଚ୍ଚ ଶିକ୍ଷାର ଗୁଣାତ୍ମକ ବିକାଶ ଦିଗରେ ସଂସ୍କାର ଅଣାଯାଇଛି । ପରିବର୍ତ୍ତିତ ବିଶ୍ୱର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମଲ୍ଟି ଏଣ୍ଟ୍ରି ଏକଜିଟ ସହ ଛାତ୍ରଛାତ୍ରୀଙ୍କୁ ଦକ୍ଷତା ବିକାଶ ଓ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଅଧିକ ସୁବିଧା ସୁନିଶ୍ଚିତ କରାଯାଇଛି । ସ୍କୁଲ, ଦକ୍ଷତା ବିକାଶ ଓ ଉଚ୍ଚ ଶିକ୍ଷାର ଏକୀକରଣ କରିବା ପାଇଁ ଟେକ୍ନୋଲୋଜି ଭିତ୍ତିଭୂମି ଯଥା ନ୍ୟାସନାଲ ଲେବଲ ଷ୍ଟୁଡେଣ୍ଟ ରେଜିଷ୍ଟ୍ରି, ଏକାଡ଼େମିକ ବ୍ୟାଙ୍କ ଅଫ କ୍ରେଡିଟ ଆଣ୍ଡ ସ୍କିଲ ଇଣ୍ଡିଆ ଡିଜିଟାଲ ପୋର୍ଟାଲ ପ୍ରସ୍ତୁତ କରାଯାଉଥିବା ମନ୍ତ୍ରୀ ଧର୍ମେନ୍ଦ୍ର କହିଥିଲେ । ଇ-ବିଦ୍ୟା ପାଇଁ ୨୬୦ ଟିଭି ଚ୍ୟାନେଲ । ସ୍କିଲ ଲ୍ୟାବ ଏବଂ ଶିଳ୍ପ ଶିକ୍ଷାନୁଷ୍ଠାନ ମଧ୍ୟରେ ସଂଯୋଗୀକରଣ କରାଯାଇ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ଧନ୍ଦାମୂଳକ ଶିକ୍ଷା ସହ ଯୋଡ଼ାଯାଉଛି । ନିଯୁକ୍ତି କ୍ଷେତ୍ରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀଙ୍କୁ ଶିଳ୍ପ କ୍ଷେତ୍ରରେ ଇଣ୍ଟର୍ଣ୍ଣିପ ଏବଂ ଆପ୍ରେଣ୍ଟିସିପ ପ୍ରଦାନ କରାଯାଇ ଛାତ୍ରଛାତ୍ରୀଙ୍କ ଅଭିଜ୍ଞତା ପ୍ରଦାନ କରିବା ଦିଗରେ ପ୍ରାଧାନ୍ୟ ଦିଆଯାଇଛି । ପିଏମ ଇବିଦ୍ୟା ପଦକ୍ଷେପ ସ୍ୱରୂପ ଦୀକ୍ଷା, ଇ-ପାଠଶାଳା, ସ୍ୱୟଂ ପ୍ରଭା ଟିଭି ଏବଂ ୨୬୦ରୁ ଅଧିକ ଟିଭି ଚ୍ୟାନେଲର ବ୍ୟବସ୍ଥା କରାଯାଇଛି ।

ଶିକ୍ଷାର ଅନ୍ତର୍ଜାତୀୟକରଣକୁ ଗୁରୁତ୍ୱ : ଶିକ୍ଷାର ଅନ୍ତର୍ଜାତୀୟକରଣ ହେଉଛି ଜାତୀୟ ଶିକ୍ଷା ନୀତିର ମୂଳ ଅଂଶ । ଜାତୀୟ ଶିକ୍ଷା ନୀତି ଭାରତକୁ ଗ୍ଲୋବାଲ ଷ୍ଟଡି ଡେଷ୍ଟିନେସନ ଭାବରେ ପ୍ରୋତ୍ସାହିତ କରୁଛି, ଯାହା ଦ୍ୱାରା ସୁଲଭ ମୂଲ୍ୟରେ ଗୁଣାତ୍ମକ ଶିକ୍ଷାର ଲାଭ ଛାତ୍ରଛାତ୍ରୀମାନେ ପାଇପାରିବେ । ଭାରତରେ ଥିବା ଶିକ୍ଷାନୁଷ୍ଠାନ ବିଦେଶର ଉଚ୍ଚ ଶିକ୍ଷାନୁଷ୍ଠାନ ସହ ମିଶି ଛାତ୍ରଛାତ୍ରୀଙ୍କୁ ଡୁଆଲ ଡିଗ୍ରୀ ପ୍ରଦାନ କରିବା ପାଇଁ ପଦକ୍ଷେପ ନିଆଯାଇଛି । ଆଇଆଇଟି ଭଳି ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡ଼ିକ ବିଦେଶରେ ନିଜ କ୍ୟାମ୍ପସ ଆରମ୍ଭ କରିବା ପାଇଁ ଯାଉଛନ୍ତି । ଏହାବ୍ୟତୀତ ଭାରତରେ ବୈଦେଶିକ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଥିବା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର କହିଥିଲେ । ଭାରତ ଆଜି ଶିକ୍ଷା କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ପଥରେ ଆଗେଇଛି ।


୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫


# ଅର୍ନ୍ତବାଣୀ

॥ ଅନୀତା ପଟ୍ଟନାୟକ ॥

ମୋ ଭିତରେ ନିଶ୍ଚୟଭାବେ କିଏ ଅଛି ଯେ କି ମୋ ଭିତରେ ଦିନସାରା କିଛିନା କିଛି ଭାବନା ସୃଷ୍ଟି କରି ଗପକରି ଚାଲିଛି । ମୋ ଭିତରେ ନିଶ୍ଚୟ ଭାବରେ ଗୋଟିଏ ଗନ୍ତାଘର ଅଛି, ଯେ କି ମୋର ଚିନ୍ତାଧାରା ଗୁଡ଼ିକୁ ସଜାଡ଼ି ରଖୁଛି । ମୋ ଭିତରେ ନିଶ୍ଚୟ କିଛି ଲିଭାଇବା ଯନ୍ତ୍ର ଅଛି, ଯେ କି ଦରକାର ହେଲେ ମୋର ଖରାପ ଚିନ୍ତାକୁ ସୁନ୍ଦର ଭାବରେ ଲିଭାଇ ଦେଇ ପାରୁଛି । ମୋ ଭିତରେ ନିଶ୍ଚୟ ଭାବରେ ଜଣେ କେହି ଋଷି ପ୍ରତିମ ଜ୍ଞାନୀଗୁଣୀ ବ୍ୟକ୍ତି ଅଛନ୍ତି, ଯେ କି ମତେ ସୁନ୍ଦର ଚିନ୍ତାଧାରା ଦେଉଛନ୍ତି । ମୋ ଭିତରେ ଅଗ୍ନିର ଲେଲିହାନ ଶିଖାପରି କିଛି ଅଛି ନେଚତ ମୁଁ ଜନ୍ମରୁ ଆଜି ପର୍ଯ୍ୟନ୍ତ ଯେତେ ଖାଦ୍ୟ ଖାଇ ସାରିଛି ତାହାକୁ ସେ ହଜମ କରି ସାରିଛି ଓ ପୁଣି କ୍ଷୁଧା ସୃଷ୍ଟି କରୁଛି ଓ ଭକ୍ଷଣ କରିବ କହୁଛି । ମୋ ଭିତରେ ନିଶ୍ଚୟ ସୁମଧୁର ସ୍ୱରଥିବା କୌଣସି ଘଣ୍ଟା ଅଛି ନଚେତ କାଳ ବିଷୟରେ ମତେ କିଏ ସଚେତନ କରାଉଛି ? ମୋ ଭିତରେ କଣ ଆଗ୍ନେୟଗିରି ଅଛି ? ନଚେତ ସାଧାରଣ କଥାରେ ରାଗରେ ଜର୍ଜରିତ ହେଉଛି କିପରି ? ମୋ ଭିତରେ କିଛି ଗୋଟେ ଚଳନ୍ତତା ଯନ୍ତ୍ର ଅଛି ନଚେତ ମୋ ଦେହର ରକ୍ତ କଣିକା ଗୁଡ଼ିକ ଆପାଦମସ୍ତକ ଦୌଡ଼ି ପାରୁଛି କିପରି ? ନିଶ୍ଚୟ ମୋ ଭିତରେ ପ୍ରଭୁ ରହିଛନ୍ତି ଓ ମତେ ସୁରକ୍ଷା ଦେବା ସହ ଚଲାପଥରେ ସାହାଯ୍ୟ କରୁଛନ୍ତି ।

ଏମିତି ଗୁଡ଼ିଏ ଚିନ୍ତା କରୁଥିବା ସମୟରେ ମୁଁ ଗୋଟିଏ ବଗିଚା ନିକଟରେ ପହଞ୍ଚିଲି, ଦେଖିଲି ଭଳି କି ଭଳି ଫୁଲ ଫୁଟିଛି ଭାବିଲି ନିଶ୍ଚୟ ଏ ବଗିଚାରେ କିଏ ଗୋଟିଏ ମାଳି ଅଛି, ନଚେତ ସୁନ୍ଦର ଭାବେ ଘାସ କଟାଯାଇ ମୁଲାୟମ ଚାଦର/ଗାଲିଚା କିଏ ସୃଷ୍ଟି କରିଛି ? ଫୁଟିଥିବା ନାଲି ନାଲି ଗୋଲାପ ଗଛକୁ କୁଣ୍ଡରେ ଧାଡ଼ି ଧାନି କରି କିଏ ସାଇତି ରଖିଛି ? ଗଛ ସବୁ କଟାଯାଇ ସେଥିରେ ସୁନ୍ଦର ସୁନ୍ଦର ପଶୁ ଓ ପକ୍ଷୀର ଆକୃତି କିଏ କରିଛି ? ବିଭିନ୍ନ ରଙ୍ଗର ସୂର୍ଯ୍ୟମୁଖୀ ଫୁଲ, କଇଁ ଫୁଲ, କନିଅର ଫୁଲ, ଟଗରଫୁଲ, ଚମ୍ପାଫୁଲ ଓ ରଜନୀଗନ୍ଧା ଫୁଲକୁ କିଏ ସୁରକ୍ଷା ଦେଉଛି ? ଫୁଲ ଗୁଡ଼ିକ ନୀରବ ସାଧକ ପରି ଆଗନ୍ତୁକ ମାନଙ୍କୁ ଆନନ୍ଦ ପ୍ରଦାନ କରୁଛନ୍ତି । ମତେ ଲାଗିଲା ଏ ସବୁ ଭିତରେ ମାଳି ଯେପରି ବଗିଚାକୁ ସଜାଇଛି ସେହିପରି ସୃଷ୍ଟିରେ କେହି ଜଣେ ସୃଷ୍ଟିକର୍ତ୍ତା ଅଛନ୍ତି ଯେ କି ମୋ ଭିତରେ ବାହାରେ ସର୍ବତ୍ର ଅଛନ୍ତି ଓ ମତେ ସଜାଇ ରଖିଛନ୍ତି । ସୃଷ୍ଟିକର୍ତ୍ତାଙ୍କ ବିଷୟରେ ଏପରି ଭାବୁ ଭାବୁ ମତେ ଟିକେ ହାଲିଆ ଲାଗିବାରୁ ମୁଁ ବଗିଚା କଡ଼ରେ ଥିବା ଅନାବନା ଅସଜଡ଼ା ଘାସ ଦେଖିବାକୁ ପାଇଲି ଓ ସେଠାରେ ବସି ପଡ଼ିଲି । ଭାବିଲି ଭଗବାନଙ୍କ ପାଖରେ କେତେ ପରିମାଣର ସୁନ୍ଦର ସୁନ୍ଦର ରଙ୍ଗ ଅଛି ସତେ ? ବୃକ୍ଷର ପତର ସବୁ ସବୁଜ । ଆକାଶ ନୀଳ, ନାଲି, ହଳଦୀ, ଗୋଲାପି ରଙ୍ଗର କେତେ ଗୋଲାପ ଫୁଲ । ହଳଦିଆ କନିଅର ଫୁଲ ଇତ୍ୟାଦି ଇତ୍ୟାଦି । ମୁଁ ଚିତ୍ରଟିଏ ଆଙ୍କିଦେଲେ ମୋର ରଙ୍ଗଡବାଟି ସରିଯାଉଛି ସୃଷ୍ଟିକର୍ତ୍ତା କେଉଁଠାରୁ ଏତେ ପ୍ରକାରର ଓ ଏତେ ରଙ୍ଗ ଆଣୁଛନ୍ତି ? ସେ କାରଖାନା କେଉଁଠାରେ ବିଦ୍ୟମାନ । ଭାବିଲି ଆରେ ପରିବାପତ୍ର ମଧ ବିଭିନ୍ନ ପ୍ରକାରର ଓ ରଙ୍ଗର । ଆଳୁ ମାଟିଆ ଗୋଲାକାର ଓ ଚେପେଟା, ବାଇଗଣ ଧଳା, କଳା । ଫୁଲକୋବି ଧଳା, ସବୁଜ ବନ୍ଧାକୋବି । ଏ ସବୁ ସୃଷ୍ଟିକର୍ତ୍ତା ସୃଷ୍ଟି କରିଛନ୍ତି ଆମକୁ ଖୁସି କରିବା ପାଇଁ ବିନା କର ଦେଇ ବାୟୁ, ଅଗ୍ନି, ଜଳ ଆକାଶ ସବୁ କିଛି ଦେଇଛନ୍ତି । ମା କହନ୍ତି ‘ଭଗବାନଙ୍କୁ ପୂଜା କରିବା, ମନ୍ଦିର ଯିବା, ଭଜନ କରିବା, ଧ୍ୟାନ କରିବା ଓ ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ଏସବୁ ସୃଷ୍ଟିକର୍ତ୍ତାଙ୍କୁ କରଦେବା ସଦୃଶ ।

ଏ ସମୟରେ ଦେଖିଲି ସୁନ୍ଦର ବଗିଚାର ପାଚେରୀ କଡ଼ରେ ମୁଁ ବସିଥିବା ଜାଗାର ପାଖରେ ଅନାବନା ଦୁବଘାସ ବଢ଼ିଛି ମତେ ଲାଗିଲା ସତେ ଯେପରି କହୁଛି ହେ ମାନବ ଦେଖ ମୋର କି ଅଲୋଡ଼ା ଜୀବନ । ପାଚେରୀ ଘେରା ସୁନ୍ଦର ବଗିଚାରେ ଯେଉଁ ଆଗନ୍ତୁକମାନେ ଆସୁଛନ୍ତି ଓ ବଗିଚାର ଚୌକିରେ ବସିଛନ୍ତି ଗାଲିଚା ପରା ଘାସକୁ ସୁନ୍ଦର କହି ଉପଭୋଗ କରୁଛନ୍ତି, ହେଲେ ମୋର ଜୀବନ କ୍ଷଣସ୍ଥାୟୀ, ମୋ ଉପରେ ମଣିଷ, ଜୀବଜନ୍ତୁ ସବୁ ଚଢ଼ି ଚାଲିଯାଉଛନ୍ତି । କି ତୁଚ୍ଛ ମୋର ଜୀବନ । ଏହି ସମୟରେ ମୋର ଭିତରୁ ସ୍ୱତଃ ବାହାରି ପଡ଼ିଲା ଆରେ ମୁଁ ଏତେ ସମୟ ହେବ କ’ଣ କରୁଛି ? ଆଜିପରା ରଥଯାତ୍ରା ମା କହିଥିଲେ ଆସିବାବେଳେ ଦୁବଘାସ ଆଣିବୁ । ପ୍ରଭୁ ଜଗନ୍ନାଥ ତାଙ୍କ କିରଟୀରେ ଦୁବଘାସ ଲଗାଇବାକୁ ଭାରି ଭଲ ପାଆନ୍ତି ତେଣୁ ଘରେ ଥିବା ଜଗନ୍ନାଥଙ୍କ ମୂର୍ତ୍ତିରେ ସେ ଦୁବଘାସ ପ୍ରଦାନ କରିବେ କହିଥିଲେ । ମୁଁ ସଯତ୍ନେ ଦୁବଘାସକୁ ଉପାଡ଼ିଲି ଓ ମନେ ମନେ ଭାବିଲି ଏ ପୃଥିବୀରେ କିଛି ତୁଚ୍ଛନୁହେଁ । ଭଗବାନ କିଛି ନା କିଛି ଉଦ୍ଦେଶ୍ୟ ରଖି ପ୍ରତ୍ୟେକ ବସ୍ତୁକୁ ସୃଷ୍ଟି କରିଛନ୍ତି କେହି ଛୋଟ ବା ବଡ଼ ନୁହଁନ୍ତି । ସଚରାଚର ଜଗତରେ ସେ ବିଦ୍ୟମାନ । ଏ ଦୁବ, ବଗିଚାରେ ନାହିଁ ବୋଲି ଦୁଃଖ କରିବା ଉଚିତ ନୁହେଁ କାରଣ ବଗିଚାର ଗାଲିଚା ସଦୃଶ ଘାସ ଠାରୁ ମଧ ମହାନ । ଭଗବାନଙ୍କର କିରଟୀରେ ରହି ସେ ତାର ଜନ୍ମର ପୂର୍ଣ୍ଣତା ଲାଭ କରିବ ହେଲେ ମତେ ଅନେକ ସମୟ ବିତାଇବାକୁ ଅଛି ଏ ଜନ୍ମର ସାର୍ଥକତା ପାଇଁ । ଶୀଘ୍ର ଯାଏ ନଚେତ ମା ଅଭିମାନ କରିବେ ।


ପ୍ଲଟନଂ-୫ଡି/୧୪୫୦, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬


# ମୁଣ୍ଡ ନେଉଛି ଡ୍ରେନ୍

॥ ରଶ୍ମୀରେଖା ପରିଡ଼ା ॥

ଦୁଇଦିନ ତଳେ କଟକ ବିଡ଼ାନାସୀରେ ଏକ ଅଭାବନୀୟ ଘଟଣାକ୍ରମରେ ଜଣେ କୋମଳମତି ପିଲାର ଜୀବନ ଯାଇଛି । ସେହିପରି ଭୁବନେଶ୍ୱରରେ ଗତବର୍ଷ ଜଣେ କଲେଜରୁ ଫେରୁଥିବା ଛାତ୍ରୀ ଖୋଲା ଡ୍ରେନରେ ପଡ଼ି ଜୀବନ ହାରିଥିଲେ । କେତେବେଳେ ମଣିଷ ତ, ଆଉ କେତେବେଳେ ପଶୁ । କିଛି ଦିନ ବ୍ୟବଧାନରେ ବାରମ୍ବାର ଅଘଟଣ ଘଟୁଛି । କେତେକଙ୍କ ଜୀବନ ବଞ୍ଚିଯାଉଛି ତ ଆଉ କେତେକଙ୍କ ମୃତଦେହ ଉଦ୍ଧାର ହେଉଛି । ଗତ କିଛି ବର୍ଷ ମଧ୍ୟରେ ସହରରେ ଏହିଭଳି ୬ରୁ ଅଧିକ ଘଟଣା ସାମ୍ନାକୁ ଆସିଲାଣି । ଫଳରେ କଟକ ସହର ପାଇଁ ଏବେ ମରଣଯନ୍ତା ପାଲଟିଛି ମୁକୁଳା ଡ୍ରେନ । ଏହାସତ୍ତ୍ୱେ ସିଏମସି କର୍ତ୍ତୃପକ୍ଷ ସ୍ଲାବ ପକାଇବା ବଦଳରେ ନିରବଦ୍ରଷ୍ଟା ସାଜିଛନ୍ତି ।

କଟକ ସହରର ଚାରିଆଡ଼େ ମୁକୁଳା ଡ୍ରେନ । ପ୍ରତି ବର୍ଷ ସିଏମସି ଛୋଟ ଡ୍ରେନରେ ସ୍ଲାବ ପକାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛି । କିନ୍ତୁ ସଫଳ ମିଳୁନାହିଁ । ଯାହାଦ୍ୱାରା ମୁକୁଳା ଡ୍ରେନ ଯୋଗୁଁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ଏମିତିକି କଟକ ଭଳି ଚଳଚଞ୍ଚଳ ସହରରେ ସବୁ ଛୋଟ ବଡ଼ ଡ୍ରେନ ମୁକୁଳା । କୌଣସି ସ୍ଥାନରେ କଂକ୍ରିଟ ବାଡ଼ ତ ଦୂର କଥା ଲୁହାବାଡ଼ ଖଣ୍ଡେ ଘେରା ହୋଇନି । ଯାହାଦ୍ୱାରା ନିରୀହ ଲୋକଙ୍କ ଜୀବନ ଯାଉଛି । ଗତ କିଛି ବର୍ଷ ତଳେ ଅନ୍ଦରପୁର ଅଞ୍ଚଳରେ ଜଣେ କାର ଚାଳକ କାର ସହ ଡ୍ରେନରେ ପଡ଼ି ଯାଇଥିଲେ । ଶ୍ୱାସରୁଦ୍ଧ ହୋଇ ତାଙ୍କର ମୃତ୍ୟୁ ଘଟିଥିଲା । ସେହିଭଳି କିଛି ମାସ ତଳେ ବଜ୍ରକବାଟି ମୁଖ୍ୟ ଡ୍ରେନରୁ ଜଣେ ବ୍ୟକ୍ତିଙ୍କ ମୃତ ଦେହ ଉଦ୍ଧାର ହୋଇଥିଲା । ଏହାସହ ଲିଙ୍କରୋଡ଼ ଡ୍ରେନ, ନୂଆ ବଜାର ଡ୍ରେନ ଓ ବୃନ୍ଦାବନ ସିନେମା ହଲ ପଛ ପାର୍ଶ୍ୱ ଡ୍ରେନରୁ କ୍ରମାଗତ ଭାବେ ମୃତଦେହ ଉଦ୍ଧାର ହେଉଛି । ସବୁଠୁ ବଡ଼ କଥା ହେଉଛି, ଲୋକମାନେ ଡ୍ରେନରେ ଗଳିବା ପରେ କିଛି ଦିନ ପରେ ଭାସମାନ ଅବସ୍ଥାରେ ମୃତଦେହ ଉଦ୍ଧାର ହେଉଛି ଯାହାଦ୍ୱାରା ସେମାନଙ୍କର ପରିଚୟ ମଳିବା ଓ ମୃତ୍ୟୁର କାରଣ ମଧ ଜାଣିବା ପୁଲିସ ପାଇଁ କାଠିକର ପାଠ ହେଉଛି । ଯେଉଁଠି ସାମାନ୍ୟ ଜୀବନକୁ ମୂଲ୍ୟବାନ ଭାବେ ଗ୍ରହଣ କରାଯାଇ ବିଭିନ୍ନ ବିଭାଗ ଓ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ସେଠାରେ ସିଏମସିର ଏଭଳି ଅବହେଳା ପାଇଁ ଜୀବନ ଯାଉଥିଲେ ମଧ ଏ ଦିଗରେ ସରକାର କିମ୍ବା କୌଣସି ନେତା କିମ୍ବା ମନ୍ତ୍ରୀ ମୁହଁ ଖୋଲୁନାହାଁନ୍ତି । ସହରର ଅନେକ ସ୍ଥାନରେ ଘର ଆଗରେ ଡ୍ରେନ ଦେଖିବାକୁ ମିଳୁଛି । ବର୍ଷ ବର୍ଷ ଧରି ଯାହାର ଢ଼ାଙ୍କୁଣା ଖୋଲା ପଡୁଛି । ଯାହାଦ୍ୱାରା ମଣିଷ ଓ ବୁଲା ଗୋରୁଗାଈ ମଧ ତା ଭିତରେ ପଡ଼ି ଅକାରଣରେ ଜୀବନ ହରାଉଛନ୍ତି । ସହରକୁ ସୁନ୍ଦର ଓ ରାସ୍ତାକୁ ପ୍ରଶସ୍ତ କରିବା ପାଇଁ ସରକାର ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ ତାହା ବାସ୍ତବରେ ପାଣିରେ ପଡୁଛି କହିଲେ ଅତ୍ୟୁକ୍ତି ହେବନାହିଁ । ତେଣୁ ସରକାର ତୁରନ୍ତ ସହର ତମାମ ମୁକୁଳା ଡ୍ରେନକୁ ବନ୍ଦ କରନ୍ତୁ । ବର୍ଷାଦିନେ ମଧ ଏହାର ଆହୁରି ବିପଦ ବଢ଼ିଯାଏ କାରଣ ରାସ୍ତା ଓ ଖୋଲା ଡ୍ରେନ ଦେଖାଯାଇନଥାଏ । ତେଣୁ ଏ କ୍ଷେତ୍ରରେ ପ୍ରଶାସନର ଦାୟିତ୍ୱ ସହିତ ଆମ୍ଭମାନଙ୍କର ମଧ ଗୁରୁଦାୟିତ୍ୱ ରହିଛି । ଆମ୍ଭେମାନେ ସଚେତନ ହୋଇ ସୂଚନା ଫଳକ ତୁରନ୍ତ ଲଗାଇ ପ୍ରଶାସନକୁ ଜଣାଇବା । ଏହା ସ୍ୱାଭାବିକ ଭାବେ ଜଣେ ଆଦର୍ଶ ନାଗରିକର କର୍ତ୍ତବ୍ୟ ।


ମରିଚପୁର, ବାଲିକୁଦା, ଜଗତସିଂହପୁର



**ମହାଭାରତ**

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ମଙ୍ଗଳବାର ୧୦ ସେପ୍ଟେମ୍ବର ୨୦୨୪


## ପାଟଣା କୁ ଉପଖଣ୍ଡ ମାନ୍ୟତା ଦାବି ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ

ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା କୁ ଉପଖଣ୍ଡ ମାନ୍ୟତା ନେଇ ପାଟଣା ବିକାଶ ମଞ୍ଚ ପକ୍ଷରୁ ବାବା ଆନନନ୍ଦେଶ୍ୱର ପ୍ରାଙ୍ଗଣ ରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । ପାଟଣା ବିକାଶ ମଞ୍ଚ ସଭାପତି ବିଦ୍ୟାଧର ଦାଶ ନେତୃତ୍ୱ ରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ ଯୋଗଦାନ କରିଥିବା ବେଳେ ଦୁଇଟି ବ୍ଲକ ସାହାରପଡା,ପାଟଣା ବ୍ଲକ ଜନସାଧାରଣ ମାନେ ଅନେକ କାର୍ଯ୍ୟ ନେଇ ଘଟଗାଁ କୁ କେନ୍ଦୁଝର ଯାଇ ଅସୁବିଧା,ସମସ୍ୟା ର ସମ୍ମୁଖୀନ ହେଉଥିବା ବେଳେ ନିକଟରେ ବିଧାନସଭା ରେ କେନ୍ଦୁଝର ଜିଲ୍ଲା ର କେତୋଟି ଉପଖଣ୍ଡ ଆଲୋଚନା ଶୀର୍ଷକ ଥିବା ବେଳେ ପାଟଣା କୁ ଦୁଇଟି ବ୍ଲକ ପାଟଣା ସାହାରପଡା କୁ ମିଶାଇ ଏକ ଉପଖଣ୍ଡ ମାନ୍ୟତା ପାଇଲେ ଆଗାମୀ ଦିନ ରେ ଦୁଇଟି ବ୍ଲକ ର ଜନସାଧାରଣ କୌଣସି ସମସ୍ୟା ର ସମ୍ମୁଖୀନ ହେବେ ନାହିଁ ।ଏ ନେଇ ଦୁଇଟି ବ୍ଲକ ର ବ୍ଲକ ଅଧକ୍ଷା,ଦୁଇଟି ବ୍ଲକ ର ୪୦ଜଣ ସମିତି ସଭ୍ୟ ଓ ସରପଞ୍ଚ ଉପସ୍ଥିତ ହୋଇ ପାଟଣା କୁ ଉପଖଣ୍ଡ ମାନ୍ୟତା ଦାବି ଆଲୋଚନା ରହିଥିବା ବେଳେ ପାଟଣା ବିଧାୟକ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କୁ ଅବଗତ କରିବା ସହ ପାଟଣା କିପରି ଉପଖଣ୍ଡ ମାନ୍ୟତା ପାଇବ ତା ଉପରେ ପ୍ରଚେଷ୍ଟା ଜାରି ରଖିବେ ବୋଲି କହିଛନ୍ତି ।

## ଏଏନ୍‌ଏମ୍ ଙ୍କ ବିରଦ୍ଧରେ ତେଜୁଛି ପଞ୍ଚାୟତ ବାସୀଙ୍କ ବିରୋଧ

ବିଷମ କଟକ(ମହାଭାରତ): ର୍ଦିଘ ୧୯ ବର୍ଷ ଧରି ସେବା ବଦଳରେ ଲୋକଙ୍କୁ ର୍ନିଯାତନା ଓ ମନମୁଖି ଶାସନ ଚଳାଇଥିବା  ଙ୍କ ବିରଦ୍ଧରେ ତେଜୁଛି ପଞ୍ଚାୟତ ବାସୀଙ୍କ ବିରୋଧ। ଏଭଳି  ଘଟଣା ଦେଖିବାକୁ ମିଳିଛି  ରାୟଗଡା ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ ସାହାଡା ଏଏନ୍‌ଏମ୍ ପ୍ରିୟମ୍ବଦା ଭୋଇଙ୍କ ବିରଧରେ । ଆଜି ସାହାଡା ପଞ୍ଚାୟତବାସୀ ଏକତ୍ରିତ ହୋଇ ପ୍ରାଥମିକ ସ୍ୱାସ୍ଥ ଅଧିକାରୀଙ୍କୁ ଭେଟି ଏକ ଲିଖିତ ଅଭୀଯୋଗ ପତ୍ର ପ୍ରଦାନ କରିଛନ୍ତି । କାର୍ଯ୍ୟରତ ଏଏନ୍‌ଏମ୍ ପ୍ରିୟମ୍ବଦା ଭୋଇ ଅଞ୍ଚଳର ନିରିହ ଆଦିବାସୀଙ୍କୁ ସେବା ବଦଳରେ ପୁଳା ପୁଳା ଟଙ୍କା ଲୁଟିବା ସହ ଆୟୁରବେଦ ଔଷଧ ଆଣି ଗରିବ ଆଦିବାସୀ ମାନଙ୍କୁ ପାଞ୍ଚରୁ ଦଶଗୁଣା ମୂଲ୍ୟରେ ବିକ୍ରି କରିବା ଏବଂ ଗର୍ଭବତୀ ମାନଙ୍କୁ ପ୍ରସବ କରାଇବା ପାଇଁ ଟଙ୍କା ମାଗିବା ସହ ଆଶାକର୍ମୀ ମାନଙ୍କୁ ପ୍ରତେକ ମାସରେ ମିଳୁଥିବା ଦରମାରୁ କିଛି ପ୍ରତିଶତ ଟଙ୍କା ମାଗୁଥିବା ଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି ଅଞ୍ଚଳବାସୀ । ତୁରନ୍ତ ଏଏନ୍‌ଏମ୍ ଙ୍କ ବିରୋଧରେ ଦୃଡ କାର୍ଯ୍ୟାନୁଷ୍ଠାନ ନେବା ସହ ତୁରନ୍ତ ବଦଳି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ନଚେତ ଆଗାମି ଦିନରେ ସ୍ୱାସ୍ଥକେନ୍ଦ୍ର ଆଗରେ ଧାରଣା ଦେବାପାଇଁ ଚେତାବନି ଦେଇଛନ୍ତି ଲୋକେ।

## ରାଜଗାଙ୍ଗପୁର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ଯୋଗ ଦେଲେ କେନ୍ଦ୍ରମନ୍ତ୍ରୀ

ରାଜଗାଙ୍ଗପୁର :-(ମହାଭାରତ) ଦେଶ ବ୍ୟାପି ଭାରତୀୟ ଜନତା ପାର୍ଟି ସଦସ୍ୟତା ଅଭିଯାନ ଚାଲିଛି । ଏହି କ୍ରମରେ ଆଜି କେନ୍ଦ୍ର ଆଦିବାସୀ ବ୍ୟାପାର କଲ୍ୟାଣ ମନ୍ତ୍ରୀ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ ରାଜଗାଙ୍ଗପୁର ରେ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । କେନ୍ଦ୍ର ମନ୍ତ୍ରୀ ଆଜି ଦ୍ୱିପହର ରେ ରାଜଗାଙ୍ଗପୁର ଅଗ୍ରସେନ ଭବନ ରେ ପହଞ୍ଚି ସର୍ପ୍ରଥମେ ସେଠାରେ ଏକ ବୈଠକରେ ଉପସ୍ଥିତ ନେତୃବୃନ୍ଦ , କାର୍ଯ୍ୟକର୍ତ୍ତାଙ୍କୁ ଉଦ୍ଧବୋଧନ ଦେବା ସହିତ ଦଳର ସଦସ୍ୟତା ଗ୍ରହଣ କରାଇଥିଲେ।ଏହି ବୈଠକ କୁ ପରିଚାଳନା କରିଥିଲେ ଅରିବିନ୍ଦ ସାହୁ,ରାହୁଲ ମିଞ୍ଜ,ହେମନ୍ତ ସିଂ,ମୋନିଲାଲ ଗୁପ୍ତା ଏହା ଉପରନ୍ତେ ୱାର୍ଡ ନଂ ୩ ରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେଠାରେ ୱାର୍ଡ ବାସିନ୍ଦାଙ୍କୁ ଦଳର ସଦସ୍ୟ କରାଇଥିଲେ। ଏହି ଅବସରରେ ଜିଲ୍ଲାର ବହୁ ବରିଷ୍ଠ ନେତା , ସ୍ଥାନୀୟ ପୋର ପାଳିକା କାଉନସିଲର , ରାଜଗାଙ୍ଗପୁର ମଣ୍ଡଳର ଦଳୀୟ ପଦାଧିକାରୀ ସମେତ ବହୁ ସଂଖ୍ୟାରେ କର୍ମୀ ଉପସ୍ଥିତ ରହିଥିଲେ।ଏହି ଅବସରରେ ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନା କୁ ନେଇ ବିଜେଡି ନେତା ଦେଉଥିବା ବିବୃତିକୁ ସମାଲୋଚନା କରିଥିଲେୟ ସେ କହିଥିଲେ ବିଜେଡି ୨୪ବର୍ଷ ଶାସନ କାଳରେ ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନା କରିପାରିଲେ ନାହିଁ । ସେମାନେ ପିଠା ଖୁଆଇଲେ ,କାଳିଆ ଯୋଜନା ସବୁ କଲେ। ବର୍ତ୍ତମାନ ବିଜେପି ର ରାଜ୍ୟ ସରକାର ସୁଭଦ୍ରା ଯୋଜନାରେ ମହିଳାଙ୍କୁ ସିଧାସଳଖ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ରେ ଟଙ୍କା ଦେବ। ତେଣୁ କାଳେ ସୁଭଦ୍ରା ଯୋଜନା ଯୋଗୁ ମହିଳା ଭୋଟର ତାଙ୍କ ହାତରୁ ଖସି ଯାଉଥିବା ଆଶଙ୍କା କରି ସେମାନେ ଆତଙ୍କିତ ହୋଇ ପଡିଛନ୍ତି ।

# କପାଳେଶ୍ୱର ଓ ଗୁଳନଗର ପଞ୍ଚାୟତ ସହରକୁ ସଂଯୋଗ ମୁଖ୍ୟରାସ୍ତାରେ ଜମୁଛି ପାଣି

## ଗାଁ ଲୋକେ ହେଲେଣି ଅତିଷ୍ଠ



କେନ୍ଦ୍ରାପଡ଼ା,(ମହାଭାରତ): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ଓ ଗୁଳନଗର ପଞ୍ଚାୟତର ଅଧିବାସୀମାନେ ହନୁମାନ ମନ୍ଦିରଠାରୁ ଗରାପୁର ଭିଆଇପି ରୋଡ଼ କାଳୀମନ୍ଦିର ଛକକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାରେ ଜମୁଛି ଦୀର୍ଘଦିନର ପଚା ବର୍ଷାପାଣି । ଉକ୍ତ ରାସ୍ତାଦେଇ କପାଳେଶ୍ୱର ଏବଂ ଗୁଳନଗର ଦୁଇଟି ଗ୍ରାମ ପଞ୍ଚାୟତ ଲୋକେ ମା’ ଦକ୍ଷିଣକାଳୀ ମନ୍ଦିରକୁ ଦର୍ଶନ କରିବା ନିମନ୍ତେ ଯିବା ସହ କେନ୍ଦ୍ରାପଡ଼ା ସହରକୁ ଗମନାଗମନ କରିଥାନ୍ତି । କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହିକି ଯେ ପଚା ବର୍ଷାଜଳ ଜମିବାରୁ ଲୋକେ ରାସ୍ତା ପାରି ହେବା ପାଇଁ ବହୁ ବାଧାବିଘ୍ନର ସମ୍ମୁଖୀନ ହେଉଛନ୍ତି ଏବଂ ଏହି ପଚା ପାଣିରେ ପଶି ମନ୍ଦିର ମଧ୍ୟ ଯିବାକୁ ପଡୁଛି । ଯାହାଦ୍ୱାରା ଶରୀରରେ କାଛୁ କୁଣ୍ଡିଆ ହେବାର ବହୁ ଆଶଙ୍କା ମଧ୍ୟ ରହିଛି । କାଳୀଛକ ବଜାର କମିଟିର କିଛି ଅଧିବାସୀମାନେ ଅଭିଯୋଗ କରିଛନ୍ତି । ଖାଲି ଏତିକି ନୁହେଁ କପାଳେଶ୍ୱର ପଞ୍ଚାୟତ ଓ ଗୁଳନଗର ପଞ୍ଚାୟତର ବିଭିନ୍ନ ୱାର୍ଡ ବୁଲି ଯଦି ଦେଖିବେ ରାସ୍ତା ରାସ୍ତାରେ ବର୍ଷାପାଣି ଜମି ରହିଛି । ମଶା ମାଛିର ଭୟ ବଢ଼ିବା ସାଙ୍ଗକୁ ଜର ଝାଡାର ମଧ୍ୟ ଆଶଙ୍କା ରହିଛି । ଲୋକେ ଚଲାବୁଲା କରିବାକୁ ମଧ୍ୟ ବହୁ ସମସ୍ୟା ସୃଷ୍ଟି ହେଉଛି । ଗ୍ରାମବାସୀଙ୍କ କହିବା କଥା ରାସ୍ତା ଉପରେ ଜମି ରହିଥିବା ଅପରିଷ୍କାର ପାଣି ନିଷ୍କାସନର ବ୍ୟବସ୍ଥା ନାହିଁ । ଏହାର ପ୍ରତିକାର କରିବା ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଉଭୟ ପଞ୍ଚାୟତବାସୀ ଦାବି କରିଛନ୍ତି ।

## ହିନ୍ଦୋଳରେ ପୁଣି ହାତୀ ଆକ୍ରମଣରେ ଦୁଇ ଗୁରୁତର

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ର୍ନିବାଚନ ମଣ୍ଡଳୀରେ ଦୈନନ୍ଦିନ ହାତୀ ପାଦତଳେ ମଣିଷ ମରିବା ଏକ ଗତାନୁଗତିକ ଧାରାରେ ପରିଣତ ହୋଇଯାଇଛି।ନା ସରକାରଙ୍କ ନିଘା ଅଛି ନା ବନବିଭାଗର ପରବାୟ, ମଣିଷ ଜୀବନକୁ ସାମାନ୍ୟ କେଇଟଙ୍କାରେ ତଉଲେଇ ବିପଦରେ ଛାଡି ଦିଆଯାଇଛି। ଏଠି ବନବିଭାଗ ସମ୍ପୂର୍ଣ କୁମ୍ଭକର୍ଣ୍ଣ ନିଦ୍ରାରେ, ଫେଲ ମାରିଛି ବନବିଭାଗ।ଦୈନିକ ଗଣମାଧମରେ ହାତୀ ଆକ୍ରମଣରେ ମଣିଷ ମରିବା ଓ ଗୁରୁତର ଆହତ ହେବା, ହାତୀ ସହ ବନ୍ୟଜନ୍ତୁ ମୃତ୍ୟୁ ଓ ଶିକାର କିମ୍ବା ଜଙ୍ଗଲଜାତ ଦ୍ରବ୍ୟ ଚୋରି ସମ୍ପର୍କରେ ପୃଷ୍ଠାମଣ୍ଡନ କରୁଥିଲେ ମଧ୍ୟ ଏଥିପ୍ରତି କାହାରି ନିଘାନାହିଁ। ନା କୌଣସି ଠୋସ ପଦକ୍ଷେପ ନିଆ ଯାଉଛି ନା କୌଣସି ପ୍ରତିକାର କରାଯାଉଛି। ବରଂ ଜଙ୍ଗଲ ଉର୍ଭତି ନାମରେ ହିନ୍ଦୋଳ ବନବିଭାଗ ପକ୍ଷରୁ ବହୁସ୍ଥାନରେ ଶହଶହ ଚାରା ରୋପଣ, ମାଟିମୋରମ ରାସ୍ତା ର୍ନିମାଣ, ଜଳଛତ୍ର ଇତ୍ୟାଦି ର୍ନିମାଣ ନାମରେ କୋଟିକୋଟି ଟଙ୍କାର ଅର୍ଥ ହରଣଚାଳ କରାଯାଉଛି। ଖବରରୁ ପ୍ରକାଶ ଆଜି ସକାଳେ ହିନ୍ଦୋଳ ବ୍ଲକ ଓ ହିନ୍ଦୋଳ ବନା□ଳ ଓ ଥାନା ଅନ୍ତର୍ଗତ କଂସରା ପଂଚାୟତ ଗୋବର୍ଦ୍ଧନପୁର ଗ୍ରାମର କୁମର ଭୋଇଙ୍କ ପୁଅ ଦୁର୍ଯ୍ୟୋଧନ ଭୋଇ(୬୪) ଓ ଅନ୍ୟଜଣେ ସଇଁ ପ୍ରଧାନ ବିଲକୁ ଯାଉଥିବାବେଳେ ହଟାତ ବଣୁଆ ହାତୀ ସହ ମୁହାଁମୁହିଁ ହେବାରୁ ହାତୀ ଦୁଇଜଣ ଯାଙ୍କୁ ଟେକିକଚଡି ଦେଇ ଦଳିଚକଟି ଦେଇଥିଲା ଫଳରେ ଉଭୟ ଆହତ ହୋଇଥିଲେ ଏବଂ ଗ୍ରାମବାସୀ ଖବରପାଇ ଉଭୟଙ୍କୁ ଆମ୍ବୁଲାନ୍ସଯୋଗେ ଅନୁଗୋଳ ଡାକ୍ତରଖାନା ପଠାଇଥିଲେ। ମାତ୍ର ଦୁର୍ଯ୍ୟୋଧନ ଭୋଇଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ଡାକ୍ତରଖାନା ପଠାଯାଇଛି ଓ ସଇଁ ପ୍ରଧାନ ଚିକିତ୍ସିତ ହେଉଛନ୍ତି। ଖବରପାଇ ହିନ୍ଦୋଳ ବନବିଭାଗ ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଂଚି ଅନୁସନ୍ଧାନ ଜାରି ରଖିବାସହ କ୍ଷତିଗ୍ରସ୍ତ ଆହତଙ୍କୁ ଉପଯୁକ୍ତ ଚିକିତ୍ସା ଓ କ୍ଷତିପୂରଣ ଯୋଗାଇଦେବାକୁ ଉଦ୍ୟମ କରୁଛନ୍ତି ବୋଲି ପ୍ରକାଶ। ତେବେ ସମଗ୍ର ହିନ୍ଦୋଳ ଉପଖଣ୍ଡ ହାତୀ ଘେରରେ ରହିଥିବାରୁ ଜନଜୀବନ ସୁରକ୍ଷାପାଇଁ ସରକାର ଓ ବନବିଭାଗ ଉଚିତ ପଦକ୍ଷେପ ନେବାକୁ ହିନ୍ଦୋଳ ର୍ନିବାଚନମଣ୍ଡଳୀ ଜନସାଧାରଣ ଦାବି କରିଛନ୍ତି।

## ସ୍ମାରକୀ ସ୍ମୃତିସ୍ତମ୍ଭର ଶିଳାନ୍ୟାସ

ବେଗୁନିଆ,, (ମହାଭାରତ): ଅଷ୍ଟାଦଶ ଶତାବ୍ଦୀରେ ସ୍ଥାନୀୟ କୁଶପଲ୍ଲୀଗଡ଼ରେ ଖୋର୍ଦ୍ଧାର ବୀର ପାଇକମାନଙ୍କ ବିଜୟ ସ୍ମାରକୀ ରୂପେ ସ୍ଥାପିତ ହୋଇଥିବା ଐତିହାସିକ ର୍କିତୀରାଜି ବିମଣ୍ଡିତ ‘ମୁଣ୍ଡଦେଉଳ’ର ପୁନଃ ସ୍ଥାପନା ପାଇଁ ଭୂମିପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରବିବାର ପୂର୍ବାହ୍ନରେ ସ୍ମୃତିସଂସଦ ଓ ଗ୍ରାମ୍ୟ କମିଟିର ମିଳିତ ଉଦ୍ୟମରେ ସ୍ମାରକୀ ସ୍ଥଳରେ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ସଂସ୍କୃତିପ୍ରେମୀ ଏକତ୍ରିତ ହୋଇଥିଲେ। ଏଥିରେ ସଂସଦର ସଭାପତି ଶରତ ଚନ୍ଦ୍ର ମହାପାତ୍ର ପୌରୋହିତ୍ୟ କରିଥିଲେ। ନରଣଗଡ଼ର ଦୁଇ ଭାସ୍କର୍ଯ୍ୟ ଶିଳ୍ପୀ ବାସୁଦେବ ବିଶ୍ୱାଳ ଓ ଦେବେନ୍ଦ୍ର ବାରିକଙ୍କ ଉପସ୍ଥିତିରେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସ୍ମୃତିସ୍ତମ୍ଭର ଆକାର ଅନୁମୋଦନ କରାଯାଇଥିଲା । ପରେ ପଣ୍ଡିତ ବିଷ୍ଣୁ ପ୍ରସାଦ କରଙ୍କ ମନ୍ତ୍ରୋଚ୍ଚାରଣ ସହ ଗବେଷକ ଡାକ୍ତର ଅମରେନ୍ଦ୍ର ନାଥ ମହାପାତ୍ର ସ୍ମାରକୀର ଶିଳାନ୍ୟାସ ଫଳକ ସ୍ଥାପନ କରିଥିଲେ । ଉପଦେଷ୍ଟା ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ।

## ତୁଳସୀକ୍ଷେତ୍ର ପଣ୍ଡିତ ସଭାର ତାଳମଞ୍ଜି ରୋପଣ

କେନ୍ଦ୍ରାପଡ଼ା,(ମହାଭାରତ): ଦେ’ପୁରର ତୁଳସୀକ୍ଷେତ୍ର ପଣ୍ଡିତ ସଭା ଓ ଆ□ଳିକ ପରିବେଶ ସଚେତନ ପରିଷଦର ମିଳିତ ଆନୁକୂଲ୍ୟରେ ଦେ’ପୁର ସରସ୍ୱତୀ ଉଚ୍ଚ ବିଦ୍ୟାଳୟଠାରୁ ବରୁଣେଇ ଠାକୁରାଣୀ ପର୍ଯ୍ୟନ୍ତ ଦୀର୍ଘ ୨ କିଲୋମିଟର ଲମ୍ବମାନ ମାର୍ଗର ଉଭୟ ପାର୍ଶ୍ୱରେ ନାନା ବୃକ୍ଷ ତଥା ତାଳମଞ୍ଜି ରୋପଣ କାର୍ଯ୍ୟକ୍ରମକୁ ସ୍ଥାନୀୟ ସାରଙ୍ଗ ମଠାଧୀଶ ମହନ୍ତ ନରହରି ମହାରାଜ ବୃକ୍ଷରୋପଣ କରି ଶୁଭାରମ୍ଭ କରିଥିଲେ । ତୁଳସୀକ୍ଷେତ୍ର ପଣ୍ଡିତ ସଭାର ସଙ୍ଗଠନ ସମ୍ପାଦକ ପଣ୍ଡିତ ହରେକୃଷ୍ଣ ପତି ଓ ସହ ସଂଗଠନ ସମ୍ପାଦକ ପଣ୍ଡିତ ତପନ ଦାଶ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଅଶ୍ୱ□, ବଟ, କଦମ୍ବ ଓ ନଡ଼ିଆ ପ୍ରଭୃତି ଚାରା ସହ ତିନିଶହରୁ ଅଧିକ ତାଳମଞ୍ଜି ରୋପଣ କରାଯାଇଥିଲା । ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ତୁଳସୀକ୍ଷେତ୍ର ପଣ୍ଡିତ ସଭାର ସଭ୍ୟ ପ୍ରକୃତିବନ୍ଧୁ ନୃସିଂହ ଚରଣ ତ୍ରିପାଠୀ, ପଣ୍ଡିତ ଅବଧୂତ ରାଉତ ପ୍ରମୁଖ ସହଯୋଗ କରିଥିଲେ । ଆଞ୍ଚଳିକ ପରିବେଶ ସଚେତନ ପରିଷଦର ଅଧ୍ୟକ୍ଷ ଡଃ ଉପେନ୍ଦ୍ରନାଥ ପ୍ରଧାନ, ସଭ୍ୟ ଧନେଶ୍ୱର ତ୍ରିପାଠ, ହୃଷୀକେଶ ନାୟକ, ଧନେଶ୍ୱର ମହାରଣା, ନୀହାର ରଞ୍ଜନ ପତି, ରାମଚନ୍ଦ୍ର ରାଉତ, କମଳେଶ ପତି, ମକର ନାୟକ, ପ୍ରଫୁଲ୍ଲ କୁମାର ପତି, ପ୍ରେମାନନ୍ଦ ପ୍ରଧାନ, ମଦନ ମୋହନ ନାୟକ, ବଳରାମ ପତି, ବାବୁ ରାଉତ, ରଞ୍ଜନ କୁମାର ପତି, ବବୁଲ ପତି, ପାଣୁ ପତି ପ୍ରମୁଖ ତାଳମଞ୍ଜି ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ସମସ୍ତଙ୍କୁ ଉତ୍ସାହ ପ୍ରଦାନ ପୂର୍ବକ ସାମ୍ବାଦିକ ଜଗଦୀଶ ପତି ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଇକ ଦୁର୍ଘଟଣାରେ ଦୁଇ ଗୁରୁତର ଆହତ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ବାଇକ ଦୁର୍ଘଟଣାରେ ଆଜି ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଖବରରୁ ପ୍ରକାଶ ଆଜି ଦିନ ୧୧ଘଣ୍ଟା ସମୟରେ ନିମବହାଳି ଚିନ୍ତାପୋଖରୀ ଅଞ୍ଚଳର ମାଳିବିଡର ସନାତନ ଦାସ(୩୫) ତାଙ୍କ ନାଲି ପାସିୟନ ବାଇକ ଯୋଗେ ହିନ୍ଦୋଳ ଆସିଥିବାବେଳେ ହିନ୍ଦୋଳ ଥାନା ଅନ୍ତର୍ଗତ ନୂଆବଗ-ଭଗବାନପୁର ସ୍କୁଲ ନିକଟରେ ରାସୋଳ ପଟୁ ବାଇକ ଯୋଗେ ଆସୁଥିବାବେଳେ ରାସୋଳଥାନା ଅନ୍ତର୍ଗତ ଗନ୍ଧର୍ବ ନାଏକଙ୍କ ପୁଅ ସହଦେ ନାଏକ(୨୫)ଙ୍କ ବାଇକ ରାସ୍ତା ଉପରେ ଗାଈଗୋରୁ ଗହଳି ପାଇଁ ଅନବାଲାନ୍ସ ହୋଇ ମୁହାଁମୁହିଁ ଧକ୍କା ହୋଇଥିଲା ଫଳରେ ଉଭୟ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ଆହତ ହେବା ସହ ବାଇକ ଦୁଇଟା ମଧ ଭାଙ୍ଗିରୁଜି ଯାଇଥିଲା। ସ୍ଥାନୀୟ ଗ୍ରାମବାସୀଙ୍କ ନିକଟରୁ ଖବର ପାଇ ରାସୋଳ ଅଗ୍ନିଶମବାହିନୀ ତୁରନ୍ତ ଉଭୟ ଆହତଙ୍କୁ ଉଦ୍ଧାର କରି ଦମକଳ ଗାଡ଼ିରେ ହିନ୍ଦୋଳ ଡାକ୍ତରଖାନା ଆଣିଥିଲେ ଏବଂ ଉଭୟଙ୍କ ଚିକିତ୍ସା କରାଯାଇଥିଲା ମାତ୍ର ସନାତନଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ ତାଙ୍କୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଅନୁଗୋଳ ଡାକ୍ତରଖାନା ଆମ୍ବୁଲାନ୍ସ ଯୋଗେ ପଠାଇଦିଆଯିବା ସହ ଆହତ ସହଦେଙ୍କ ଚିକିତ୍ସା ଜାରି ରହିଛି। ଖବର ପାଇ ହିନ୍ଦୋଳ ପୋଲିସ ଘଟଣାସ୍ଥଳରେ ଉଭୟ ବାଇକ ଜବତ କରି ତଦନ୍ତ ଜାରି ରଖିଛନ୍ତି। ତେବେ ହିନ୍ଦୋଳର ମୁଖ୍ୟ ରାସ୍ତା ହିନ୍ଦୋଳ ଏନ ଏ ସି -ସାତମାଇଲ ଖଜୁରିଆକଟା-ରାସୋଳ ରାସ୍ତା ଗୁଡିକ ଉପରେ ଦୈନନ୍ଦିନ ଗାଈଗୋରୁ ଗୃହପାଳିତ ପଶୁମାନେ ଗହଳିକରି ଛିଡା ହେଉଥିବାରୁ ଦୈନିକ ଦୁର୍ଘଟଣାମାନ ଘଟି ବାରମ୍ବାର ମୃତାହତ ହେଉଥିବାରୁ ତୁରନ୍ତ ରାସ୍ତା ଉପରୁ ଗାଈଗୋରୁ ହଟାଯିବାପାଇଁ ପ୍ରଶାସନ ଦୃଢ଼ ପଦକ୍ଷେପ ନେବାକୁ ହିନ୍ଦୋଳବାସି ଦାବି କରିଛନ୍ତି।

## ବାବନପୁର ଗଣେଶ ପୂଜା କମିଟିପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ



ଆସିକା:(ମହାଭାରତ):/ବାବନପୁର ବଡ଼ସାହି ମାନସ ମଣ୍ଡପ ଗଣେଶ ପୂଜା କମିଟି ତରଫରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ।ଯୁବ ବିଜେପି ନେତା କାହ୍ନା ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ଆସିକାର ବହୁ ଆଗଧାଡିର ସମାଜସେବୀ ଓ ନେତୃତ୍ୱ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ସରପ□ ସଞ୍ଜୟ କୁମାର ନାୟକ, କଂଗ୍ରେସ ସାଂସଦ ପ୍ରାର୍ଥୀ ତଥା ଆଇନଜୀବୀ ନେତା ଦେବକାନ୍ତ ଶର୍ମା, ବରିଷ୍ଠ ବ୍ୟବସାୟୀ ତଥା ବିନାୟକ ବଜାର ବ୍ୟବସାୟୀ ସଂଘ ସଭାପତି ସାଗର ସାବତ,ସୁନିଲ ନାହାକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ବିଭିନ୍ନ ଗ୍ରାମର ଲୋକ ମାନଙ୍କୁ ମାଗଣା ଚିକିତ୍ସା ସାଙ୍ଗକୁ ଚକ୍ଷୁ ପରୀକ୍ଷା କରାଯାଇଥିଲା।ବ୍ଲଡ ପ୍ରେସର,ସୁଗାର ପରୀକ୍ଷା,ଚକ୍ଷୁ ପରୀକ୍ଷା ସାଙ୍ଗକୁ ପ୍ରାଥମିକ ଚିକିତ୍ସା ମଧ କରାଯାଇଥିବା ଦେଖିବାକୁ ମିଳିଥିଲା।ମାନସ ମଣ୍ଡପ ଗଣେଶ ପୂଜା କମିଟି ପ୍ରତିବର୍ଷ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରୁଥିବା ବେଳେ ଏହିବର୍ଷ ଏଭଳି ନୂଆଁ ପଦକ୍ଷେପ ଗ୍ରହଣ କରି ସମାଜକୁ ଦିଗଦର୍ଶନ ଦେଇପାରିଛି ବୋଲି କହିଛନ୍ତି ଯୁବ କଂଗ୍ରେସ ନେତା ଦେବକାନ୍ତ ଶର୍ମାୟ ସମାଜରେ ଭାଇଚାରା ସୃଷ୍ଟି କରିବା ସହିତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବା ଲକ୍ଷରେ ଏହି ଶିବିର ଅନୁଷ୍ଠିତ କରାଯାଇଛି ବୋଲି କହିଥିଲେ ଯୁବ ସମାଜସେବୀ କାହ୍ନା ନାୟକ। ଗଣେଶ ପୂଜା ଅବସରରେ ରକ୍ତଦାନ ଭଳି ମହତ କାର୍ଯ୍ୟ କରି ସମାଜ ପାଇଁ ଉଦାହରଣ ସୃଷ୍ଟି କରିପାରିଛି ଏହି ପୂଜା କମିଟି ବୋଲି କହିଥିଲେ। ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ସାଗର ସାବତ। ସମାଜ ସଂସ୍କାର କ୍ଷେତ୍ରରେ ବାବନପୁର ପଂଚାୟତ ସବୁବେଳେ ତତ୍ପର ଥିବାବେଳେ ମାନସ ମଣ୍ଡପ ପୂଜା କମିଟିର ଏହି ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଥିଲେ ସରପ□ ତଥା ପରିବେଶବିତ ସଞ୍ଜୟ ନାୟକ।ଏହି ଅବସରରେ ଦିଲ୍ଲୀପ ନାୟକ,ସୁନିଲ କୁମାର ସାହୁ,କୃଷ୍ଣ ଖଣ୍ଡୁଆଳ,ଗଙ୍ଗା ପଣ୍ଡା,ଘନଶ୍ୟାମ ନାୟକ,ସୋନୁ ମହାରଣା,ଜଗନ ସାହୁ, ଗୋବିନ୍ଦ ଜେନା,ଲକ୍ଷ୍ମଣ ପ୍ରଧାନ,ଶ୍ୟାମ ପଣ୍ଡା, କୈଳାଶ ନାୟକ, ରାହୁଲ ସାହୁପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବେଗୁନିଆରେ ୩ ଗୋଟି ସୌର ଚାଳିତ ଶୀତଳ ଭଣ୍ଡାର ଉଦଘାଟନ

ବେଗୁନିଆ,(ମହାଭାରତ): ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ ,ହଜ ଓ ଶଗଡ଼ଭଙ୍ଗା ପଞ୍ଚାୟତରେ ୧୦ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ସୌର ଚାଳିତ ଶୀତଳ ଭଣ୍ଡାର ଉଦଘାଟନ ହୋଇଛି । ଏଥିରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଉଦଘାଟକ,ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି,ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେ ମୁଖ୍ୟବକ୍ତା,ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି,ଉପାଧକ୍ଷ ସାବିତ୍ରୀ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ତନୁଜା ପାଟ୍ଟଶାଣୀ,ସାଂସଦ ପ୍ରତିନିଧି ପ୍ରକାଶ ବିଜୁଳି, ବିଡ଼ିଓ ଲକ୍ଷ୍ମୀଧର ସାହୁ, ଜିଲ୍ଲା ଉଦ୍ୟାନ କୃଷି ବିଭାଗ ସହକାରୀ ନିର୍ଦ୍ଦେଶକ ସ୍ମିତା ମହାନ୍ତି, ବ୍ଲକ ଉଦ୍ୟାନ କୃଷି ବିଭାଗ ଅଧିକାରୀ ଚିନ୍ମୟୀ ସାହୁ, ସରପଂଚ ଦମୟନ୍ତୀ ସାମନ୍ତରାୟ,ସନ୍ତୋଷୀ ରାୟ, ଲୀଳା ସ୍ୱାଇଁ, ସମିତି ସଭ୍ୟ ଦିଲୀପ ବଡ଼ଜେନା, ଅଞ୍ଜଳି ସାହୁ ଓ ଦୁର୍ଗା ଚରଣ ମଙ୍ଗରାଜ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କୃଷି କର୍ମଚାରୀ ଆଶିଷ ଦଳ ବେହେରାଙ୍କ ସମେତ କର୍ମଚାରୀ ମାନେ ପରିଚାଳନା କରିଥିଲେ ୟସୂଚନା ଅନୁଯାୟୀ ଗତ ମାସ ୨୮ ତାରିଖରେ ଉଦ୍ୟାନ କୃଷି ବିଭାଗ ଓ ପଞ୍ଚାୟତ ଅନୁଦାନ ରାଶିରେ ବ୍ଲକ ପ୍ରଶାସନ ସହଯୋଗରେ ର୍ନିମାଣ ହେଉଥିବା ଶୀତଳଭଣ୍ଡାରକୁ ବିଧାୟକଙ୍କ ଅନୁପସ୍ଥିତିରେ ସାଂସଦ ଉଦଘାଟନ କରିବା ପାଇଁ ସମସ୍ତ ପ୍ରସ୍ତୁତି ପର୍ବ ଶେଷ ହୋଇଥିଲା। ତେବେ ଏହି ଘଟଣାକୁ ନେଇ ସହଜରେ ହଜମ କରି ପାରି ନ ଥିଲେ ବ୍ଲକର ଅଧିକାଂଶ ସରପଂଚ,ସମିତିସଭ୍ୟ ଓ ଜନ ସାଧାରଣ ପ୍ରମୁଖ ଉପସ୍ଥିତ ରହି ବିରୋଧ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସାଂସଦ ଶୀତଳ ଭଣ୍ଡାର ଉଦଘାଟନ କରିବା ପାଇଁ ଆସୁଥିବା ବିରୋଧାଭାସର ଖବର ପାଇ ଅଧା ବାଟରୁ ଫେରିଯାଇଥିଲେ ।ଶେଷରେ ପୁଲିସ ଉପସ୍ଥିତିରେ ସମାଧାନ କରାଯାଇ ଜିଲ୍ଲାପାଳ ଆଗାମୀ ସମୟରେ ଦିନ ଧାର୍ଯ୍ୟ କରି ଜଣାଇଲେ ଉଦଘାଟନ କରାଯିବ ବୋଲି ନିଷ୍ପତି ହୋଇଥିଲା ଶଗଡ଼ ଭଙ୍ଗା ,ହଜ ଓ ସିକୋ ପଞ୍ଚାୟତରେ ଉଦ୍ୟାନ କୃଷି ବିଭାଗର ମିଳିତ ସହଯୋଗରେ ମୋଟ ୪୫ ଲକ୍ଷ ଟଙ୍କା ଅନୁଦାନ ରାଶିରେ ୩ଟି ଶୀତଳ ଭଣ୍ଡାର ର୍ନିମାଣ କରାଯାଇଛି। ତେବେ ଗୋଟିଏ ଶୀତଳ ଭଣ୍ଡାର ର୍ନିମାଣ କରିବା ପାଇଁ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ୧୦ ଲକ୍ଷ ୫୦ ହଜାର ଟଙ୍କା ଓ ସ୍ଥାନୀୟ ପଂଚାୟତ ପକ୍ଷରୁ ୪ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର ହୋଇ ର୍ନିମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି।

## ବୃକ୍ଷ ରୋପଣ କରି ଚର୍ଚ୍ଚାରେ ଓଁଙ୍କାର

ବରୀ,(ମହାଭାରତ); ନୂଆଖାଇ ଅଚସରରେ ଓଁଙ୍କାର ଅନୁଷ୍ଠାନ ଧାରପୁର ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ତଥା ବିଶିଷ୍ଟ ଗୀତିକାର ଦିଲ୍ଲୀପ ଜେନାଙ୍କ ପ୍ରତ୍ୟେକ୍ଷ୍ୟ ତତ୍ୱାବଧାନରେ ଧାରପୁର ପଂଚାୟତ ଅନ୍ତର୍ଗତ କେନ୍ଦୁଆ ବଟ ପଡିଆ ଠାରୁ ନଳବାଙ୍କ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ବୃକ୍ଷ ରୋପଣ କରାଯାଇଛି। ପରେ ପରେ ଜନ ସଚେତନା ଉଦ୍ଦେଶ୍ୟରେଏକ ସଚେତନତା ଶୋଭାଯାତ୍ରା ବଟ ପଡିଆ ଠାରୁ ବାହାରି ନାଥପୁର ବାଲିଆ କଲେଜ ଛକ ,ଇଶାଣପୁର,ପଟଣା। ସାହୁପଡା,ହଳଦୀବସନ୍ତ , ସୀମାନ୍ତମୁଣ୍ଡ,ଧାରପୁର ଆଦି ଗ୍ରାମ ପରିକ୍ରମା କରିଥିଲେ।

## ପୁରୁଣା ରେଳ ଫୁଟଓଭର ବ୍ରିଜ ବନ୍ଦ ପ୍ରତିବାଦରେ ବିଜେପି ପକ୍ଷରୁ ପତ୍ର

ରାଜଗାଙ୍ଗପୁର ୯/୯(ମହାଭାରତ ) ରାଜଗାଙ୍ଗପୁର ରେଳ ଷ୍ଟେସନର ପୂର୍ବ ଆଡ଼କୁ ଥିବା ପୁରୁଣା ଫୁଟ ଓଭର ବ୍ରିଜ କୁ ବିପଦ ପୂର୍ଣ କହି ରେଳ ବିଭାଗ ଦ୍ୱାରା ବନ୍ଦ କରି ଦିଆ ଯିବାରୁ ଜନସାଧାରଣ ନାହି ନଥିବା ଅସୁବିଧା ଭୋଗ କରିଛନ୍ତି ଫ ବ୍ରିଜ ବନ୍ଦ ପ୍ରତିବାଦରେ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତିବାଦ କରାଯାଇ ଏହାକୁ ବର୍ତ୍ତମାନ ଖୋଲିବାକୁ ଏବଂ ପରବର୍ତୀ ସମୟରେ ଆବଶ୍ୟକ ମରାମତୀ କରି ନିୟମିତ ଭାବରେ ପୂର୍ବପରି ଚାଲୁ ରଖିବାକୁ ଦାବୀ କରିଛନ୍ତି । ରାଜଗାଙ୍ଗପୁର ବିଜେପି ପକ୍ଷରୁ ପତ୍ର ଲେଖିଲେ ଅରବିନ୍ଦ ସାହୁ,ରାହୁଲ ମିଞ୍ଜ,ହେମନ୍ତ ସିଂ ଓ ଫାଉଣ୍ଡେସନ ଫୋରମ, ମାରୱାଡି ଯୁ ମଞ୍ଚ, ମହିଳା ଙ୍କ ସହିତ ପୌରପାଳିକାର କାଉନସିଲର ମାନେ ମଧ୍ୟ ଡିଆରଏମ ଙ୍କ ଉଦେଶ୍ୟରେ ସ୍ଥାନୀୟ ଷ୍ଟେସନ ପରିଚାଳକଙ୍କୁ ଦାବୀ ପତ୍ର ଦେଇଥିଲେ । ପ୍ରଥମତ ର୍ନିମାଣ ଧୀନ ବ୍ରିଜ ବର୍ତ୍ମାନ ସମ୍ପୂର୍ଣ ନ ହୋଇ ନାହିଁ, ଦ୍ୱିତୀୟରେ ନୂତନ ବ୍ରିଜର ଉଭୟ ପାର୍ଶରେ ପାର୍କିଙ୍ଗ ସ୍ଥାନ ନାହି, ଏବଂ ସୁରକ୍ଷିତ ମଧନାହି, । ପ୍ରାୟ ୧୦୦ ବର୍ଷର ଏହି ବ୍ରିଜ ରେଳଷ୍ଟେସନର ଉଭୟ ପାର୍ଶରେ ଜନବସତିର ଲାଇଫ ଲାଇନ ଭାବରେ କାର୍ଯ୍ୟ କରୁଛି । ଏହି ବ୍ରିଜ ବନ୍ଦ ହେବ ଫଳରେ ପ୍ରତିଦିନ ପ୍ରାୟ ୧୦ ହଜାର ସ୍ଥାନୀୟ ବାସିନ୍ଦା ଙ୍କ ସହିତ ରେଳ ଯାତ୍ରୀ ମାନେ ପ୍ରଭାବିତ ହେବେ। ବିଶେଷ କରି ବରିଷ୍ଠ ନାଗରିକ ମାନେ ପ୍ରଭାବିତ ହେବାର ଲକ୍ଷ କରାଯାଉଥିଲା । ଗଳା ବାଟ ଦେଇ ବିପଦ ପୁର୍ଣ ଭବାରେ ରାତିରେ ମଧ ରେଳ ଧରଣ ପାର ହେଉଥିଲେ । ପୁରୁଣା ବ୍ରିଜ ପାଖରେ କୌଣସି ସୂଚନା ପତ୍ର ନ ଦେଇ ଟିଣ ସାହାଯ୍ୟରେ ଏହାକୁ ବନ୍ଦ କରି ଦିଆଯାଇଛି। ଏ ସଂକ୍ରାନ୍ତରେ ସ୍ଥାନୀୟ ରେଳ ଷ୍ଟେସନ ପରିଚାଳକ ମୋ ହାତରେ କିଛି ନାହିଁ ମୁଁ ଉପରକୁ ଆପଣଂକ ଦାବୀ ପଠାଇଦେବି ବୋଲି ପ୍ରକାଶ କରିଛନ୍ତି ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





# ହିନ୍ଦୋଳ ଏନଏସିରେ ଗଳିପଡିଲା କଲଭର୍ଟ

## ପଥଚାରି, ହନ୍ତସନ୍ତ ବେଫିକର କର୍ତୃପକ୍ଷ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଏନ ଏ ସି ଏଇ କିଛିଦିନ ହେ ଅଧକ୍ଷଙ୍କ ଉପରେ ଅସନ୍ତୋଷର ରାଜନୀତିକୁ ନେଇ ସରଗରମ ଥିବାବେଳେ ଏନ ଏ ସି ର ଦାୟିତ୍ୱହୀନତା ପାଇଁ ସାଧାରଣ ଜନତା ହନ୍ତସନ୍ତ ହେଉଥିବା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ।ଖବରରୁ ଜଣାପଡିଛି ହିନ୍ଦୋଳ ଏନଏସି ୱାର୍ଡନଂ -୮ ଓ ୱାର୍ଡ ନଂ -୭ ମଧ୍ୟସ୍ଥଳୀରେ ଅବସ୍ଥିତ ପ୍ରସିଦ୍ଧ ରାମେଶ୍ୱର ମନ୍ଦିର ।ପ୍ରତ୍ୟକ୍ଷ ଠାକୁର ହୋଇଥିବାରୁ ଦୈନନ୍ଦିନ ଶତାଧିକ ଭକ୍ତଙ୍କର ଆଗମନ ସହ ଦୈନିକ ଶତାଧିକ ପଥଚାରି ଯାତାୟତ କରିଥାନ୍ତି ।ରାମେଶ୍ୱର ମନ୍ଦିରକୁ ପ୍ରବେଶ କରୁଥିବା କାରିଗର ସାହି ରାସ୍ତାରେ ଏକ ପୁରୁଣା କଲଭର୍ଟ ୧୫-୨୦ଦିନ ତଳେ ଲଗାଣ ବର୍ଷା ସମୟରେ ଏକ ଲୋଡ଼ ହୋଇଥିବା ଭାରୀଯାନ ଟିପ୍ପର ସେହି ଅସୁରକ୍ଷିତ ପୁରୁଣା କଲଭର୍ଟ ଉପରେ ଯିବାରୁ ଏହା ଗଳିପଡ଼ିଥିଲା ।ତେବେ ଏଯାଏ ମରାମତି ତ ଦୂରର କଥା ଅଧକ୍ଷ କିମ୍ବା କୌଣସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ମଧ ପଡିଲା ନାହିଁ। ଏହି ରାସ୍ତା ଦେଇ ଯାତାୟତ କରୁଥିବା ଶହ ଶହ ଶ୍ରଦ୍ଧାଳୁ, ପଥଚାରି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାସହ ହଟାତ ଜାଣି ପାରୁନଥିବାରୁ ବାଇକ, ସାଇକେଲ ଆରୋହୀ, ଶ୍ରଦ୍ଧାଳୁ ଓ ପଥଚାରି,ଛୋଟଛୋଟ ଅଙ୍ଗନବାଡି ଛାତ୍ରଛାତ୍ରୀ ଓ ଗାଇଗୋରୁ ଗୃହପାଳିତ ପଶୁ ସେଥିରେ ଗଳିପଡିବା ସହ



ଛୋଟବଡ଼ ଦୁର୍ଘଟଣା ହୋଇ ଆହତ ହେଉଥିବା ଦେଖିବାକୁ ମିଳିଛି । ମାତ୍ର ହିନ୍ଦୋଳ ଏନଏସି ରେ ପୂର୍ବ ନିର୍ବାହୀ ଅଧିକାରୀଙ୍କ ସମୟରେ ବହୁ ଅର୍ଥ ହେରଫେର ସହ, କାଉନସିଲର ମାନଙ୍କ ଅଗୋଚରରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିବା, ନିୟମିତ ବୈଠକ ନକରିବା ଓ ସନ୍ତୋଷଜନକ ଆୟବ୍ୟୟ ହିସାବ ନଦେଉଥିବା ଓ ପରିଷଦ ବିନା ଅନୁମୋଦନରେ ଜୈନିକ ଧୂର୍ତ୍ତ କାଉନସିଲର ଓ କର୍ମୀଙ୍କ କଥାରେ ସେ ଦୁଇଜଣ ଠିକାଦାରୀ କରିବା ଉଧେଶ୍ୟରେ ନିର୍ଦ୍ଦିଷ୍ଟ ୱାର୍ଡରେ କୋଟିକୋଟି ଟଙ୍କାର ବିନା ଟେଣ୍ଡରରେ କାମ କରାଇବା ଯୋଗୁଁ ସହରର ପ୍ରତ୍ୟେକ ୱାର୍ଡ ର ମୌଳିକ ସମସ୍ୟା ଦୂର ହୋଇପାରୁନାହିଁ। ଆବଶ୍ୟକ ଥିବା କାର୍ଯ୍ୟ ନକରି ଅନାବଶ୍ୟକ କାର୍ଯ୍ୟ ଯେପରିକି ଜଙ୍ଗଲରେ ଫେଭର ରାସ୍ତା, ଜନବସତିରୁ ଦୂରରେ ପାର୍କ, ମିଶନ ଶକ୍ତି ଗୃହ, କଲ୍ୟାଣ ମଣ୍ଡପ ନିର୍ମାଣ କରିବା, ଡ୍ରେନ ସମସ୍ୟା ଦୂର ନହେବା, ସମସ୍ତ ନିର୍ବାଚିତ କୌଣସିଲର ମାନଙ୍କ କଥାକୁ ଗୁରୁତ୍ୱ ନଦେଇ ଅଣଦେଖା କରିବା,ଅଧକ୍ଷ ଓ ତାଙ୍କ ଦୁଇ ସମର୍ଥକଙ୍କ ମାତ୍ରାଧିକ ହସ୍ତକ୍ଷେପ ଯୋଗୁଁ ୧୪ଜଣ କାଉନସିଲର ଅସନ୍ତୁଷ୍ଟ ହୋଇ ବିଦ୍ରୋହ କରିବା ସହ ଏହିସବୁ ଅନିୟମିତତା ପାଇଁ ଭିଜିଲାନ୍ସ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ । ହିନ୍ଦୋଳ ଏନ ଏ ସି ରେ ଟଣାଓଟରା ଚାଲିଥିବା ଓ କୌଣସି ଅନୁଦାନ କିମ୍ବା ଫଣ୍ଡସ ନଥିବାରୁ ନଥିବାରୁ ଏହି କଲଭର୍ଟ ଟି ଏବେବି ସୁଦ୍ଧା ବିପଦସଂକୁଳ ଅବସ୍ଥାରେ ପଡିରହିଥିବାରୁ ହିନ୍ଦୋଳ ଏନ ଏ ସି ବୁଦ୍ଧିଜୀବୀ ଓ ଜନସାଧାରଣ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବାସହ ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ ଏହି କଲଭର୍ଟ କୁ ନିର୍ମାଣ କରିବାକୁ ଦାବି କରିଛନ୍ତି ।

## ବ୍ଲକ ପ୍ରଶାସନ ର ବିଭିନ୍ନ ଜନସେବା କେନ୍ଦ୍ର ପରିଦର୍ଶନ



ଅସ୍ତରଙ୍ଗ,(ମହାଭାରତ): ବର୍ତ୍ତମାନ ରାଜ୍ୟ ରେ ସୁଭଦ୍ରା ଯୋଜନା ଆବେଦନ ପ୍ରକ୍ରିୟା ଚାଲୁଥିବା ବେଳେ ବିଭିଓ ସହଜ ଜନସେବା କେନ୍ଦ୍ର ଓ ମୋ ସେବା କେନ୍ଦ୍ର ରେ ହିତାଧିକାରୀ ମାନଙ୍କ ନାହି ନଥିବା ଭିଡ଼ ଦେଖିବାକୁ ମିଳିଛି। ଅନେକ ସମୟ ରେ ବିଭିନ୍ନ ଲୋକ ଙ୍କ ଅଭିଯୋଗ ମଧ ଆସୁଛି ଅନେକ କେନ୍ଦ୍ର ରେ ସହଜ ରେ ଆବେଦନ କରାଇବା ପାଇଁ ଲୋକ ଙ୍କ ନିକଟରୁ କିଛି ଅର୍ଥ ମଧ ମଗାଯାଉଛି। ଏହାକୁ ଦୃଷ୍ଟି ରେ ରଖି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ର ଅତିରିକ୍ତ ମଣ୍ଡଳ ଉତ୍ତୟନ ଅଧିକାରୀ ଶ୍ରୀଯୁକ୍ତ ଯୋଗେନ୍ଦ୍ର ମହାକୁଡ଼ ଙ୍କ ନେତୃତ୍ୱ ରେ ଆଜି ଏକ ଟିମ୍ ବ୍ଲକ ର ବିଭିଓ ପଞ୍ଚାୟତ ରେ ଥିବା ଭିଓ ଭିଓ ସହଜ ଜନସେବା କେନ୍ଦ୍ର ଓ ମୋ ସେବା କେନ୍ଦ୍ର କୁ ଅଚାନକ ଗସ୍ତ କରି ସେଠାରେ ସୁଭଦ୍ରା ଯୋଜନା ଆବେଦନ ଉପରେ ଯାଞ୍ଚ କରିଛନ୍ତି, ଅତିରିକ୍ତ ବିଡ଼ିଓ ପହଞ୍ଚି କିପରି ଆବେଦନ ପ୍ରକ୍ରିୟା ଚାଲିଛି, ଆବେଦନ ରେ କେନ୍ଦ୍ର ଗୁଡିକ ହିତାଧିକାରୀ ଙ୍କ ବା ଆବେଦନକାରୀ ଙ୍କ ସହ ଭଲ ବ୍ୟବହାର କରୁଛନ୍ତି କି ନାହି, ସରକାର ଙ୍କ ନିର୍ଦ୍ଧାରିତ ସୂଚନା ଅନୁସାରେ ଆବେଦନ କେନ୍ଦ୍ର ରେ କାର୍ଯ୍ୟ କରାଯାଉଛି କି ନାହି ଏହି ସବୁ ଘଟଣା ଉପରେ ତର୍ଜମା କରିବା ସହ କାର୍ଯ୍ୟ ଗୁଡିକ ଯାଞ୍ଚ କରିଥିଲେ ବ୍ଲକ ଅଧିକାରୀ ଏହା ସହିତ କୌଣସି ହିତାଧିକାରୀ ଆବେଦନ ପାଇଁ ଆସିଲେ କୌଣସି ପରିସ୍ଥିତି ରେ ସେମାନଙ୍କ ଠୁ କୌଣସି ଅର୍ଥ ନମାଗିବା ପାଇଁ କେନ୍ଦ୍ର କର୍ମଚାରୀ ଙ୍କୁ ତାଗିଦ କରିବା ସହିତ ଆବେଦନକାରୀ କୌଣସି ପରିସ୍ଥିତି କେନ୍ଦ୍ର କର୍ମଚାରୀ ଙ୍କୁ ଅର୍ଥ ନଦେବା ପାଇଁ ପରାମର୍ଶ ଦେଇଛନ୍ତି। କିପରି ଅସ୍ତରଙ୍ଗ ବ୍ଲକ ଏହି ସୁଭଦ୍ରା ଯୋଜନା ଆବେଦନ ରେ ସୁନାମ ଅର୍ଜନ କରିବ ଆଉ ସରକାର ଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ କାର୍ଯ୍ୟ ସରିବ ଏହା ବ୍ଲକ ପ୍ରଶାସନ ରେ ସମ୍ପୂର୍ଣ୍ଣ ଦାୟିତ୍ୱ ଓ ଲକ୍ଷ ବୋଲି ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ଯୋଗେନ୍ଦ୍ର ମହାକୁଡ଼ ମତବ୍ୟକ୍ତ କରିଛନ୍ତି ।

## ସମସ୍ୟା ଘେରରେ କ୍ଷୁଦ୍ର ଜଳସେଚନ ବିଭାଗ




ଗଜପତି(ମହାଭାରତ): ଗଜପତି ଜିଲ୍ଲା ରେ ଥିବା କ୍ଷୁଦ୍ର ଜଳ ସେଚନ ବିଭାଗ ଟି ସମସ୍ୟାଘେ ରରେ ରହିଛି ଏଠାରେ ସ୍ଥାଇ ନିର୍ବାହି ଯନ୍ତ୍ରୀ ନାହାଁନ୍ତି। ଦିଘଦିନ ହେଲା କର୍ମଚାରୀ ଙ୍କ ବଦଳି ହଉ ନାହିଁ ଯାହା ଫଳରେ ବିକାଶରେ ବାଧା ପ୍ରାପ୍ତ ହଉଛି। ଦିଘ ବର୍ଷ ହେଲା କର୍ଯ୍ୟରତ ଅଛନ୍ତି। ତିନି ବର୍ଷ ହେଲେ ବଦଳି ହେବା କଥା କନ୍ତୁ ସରକାର ଙ୍କ ନିୟମ କାର୍ଯ୍ୟ କୟରି ହଉ ନାହିଁ। କେନାଲ ସଫା ହଉ ନାହିଁ ଯାହା ଫଳରେ ଚାଷି ଖରିଫ ଧାନ ଚାଷ କରିବାରେ ଅସୁବିଧା ହଉଛି ରାମସଗ ପୁନର ଉଧାର ମାଟି ଜମିରେ ନ ପକେଇ ପ୍ଲଟରେ ପକା ଯାଇଛି ଏହି ବିଷୟ ରେ ଜିଲ୍ଲା ପାଳଙ୍କ ଅଭିଯୋଗ ପ୍ରକୋଷ୍ଟ ରେ ଚାଷୀ ଅଭିଯୋଗ କରିଲେ ମଧ କିଛି ସୁଫଳ ମିଳି ନଥିବ ଜଣାୟ ପଡ଼ିଛି।

## କ୍ୟାବିନେଟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ବିଭିନ୍ନ ଜନ ସେବା କେନ୍ଦ୍ରଗୁଡିକ ପରିଦର୍ଶନ

ବାଣପୁର :( ମହାଭାରତ )ଓଡିଶା ସରକାରଙ୍କ ସୁଭଦ୍ରା ଯୋଜନା ଏକ ଫ୍ଲାଗସିପ ଯୋଜନା ହୋଇଥିବାବେଳେ ଖୁବ କମ ଦିନରେ ଏହା ବହୁତ ଲୋକପ୍ରିୟ ହୋଇପାରିଛି । ଉକ୍ତ ଯୋଜନା ଅନ୍ତର୍ଗତ ସମସ୍ତ ମହିଳାମାନଙ୍କୁ ୫୦ ହଜାର ଟଙ୍କା ରାଶି ମିଳିବ । ନିକଟରେ ଉକ୍ତ ଯୋଜନାର ଶୁଭାରମ୍ଭ ଓଡ଼ିଶାରେ ହୋଇଥିବା ବେଳେ ଏହାର ପ୍ରଥମ କିସ୍ତି ସେପ୍ଟେମ୍ବର ୧୭ ତାରିଖ ଅର୍ଥାତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସ ଅବସରରେ ଖୋଦ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସି ହିତାଧିକାରୀଙ୍କୁ ପ୍ରଦାନ କରିବେ। ତେବେ ସୁଭଦ୍ରା ଯୋଜନାର ଲାଭ



ଉଠାଇବା ପାଇଁ ମହିଳାମାନଙ୍କୁ ସ୍ଥାନୀୟ ଜନ ସେବା କେନ୍ଦ୍ର ଗୁଡିକକୁ ଯାଇ ଉକ୍ତ ଫର୍ମ ଆବେଦନ କରିବାକୁ ହେବ ।ତେଣୁ ଆଜି ଓଡିଶା କ୍ୟାବିନେଟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିଜ ନିର୍ବାଚନମଣ୍ଡଳି ଚିଲିକା ଗସ୍ତ କରି ଚିଲିକା ଏବଂ ବାଣପୁର ବ୍ଲକର ବିଭିନ୍ନ ଜନ ସେବା କେନ୍ଦ୍ରଗୁଡିକ ପରିଦର୍ଶନ କରିଥିଲେ । ଉକ୍ତ କେନ୍ଦ୍ର ଗୁଡିକରେ ମହିଳା ଆବେଦନକାରୀଙ୍କ ଆବେଦନ ସମୟରେ ଉପୁଜୁଥିବା ବିଭିନ୍ନ ସମସ୍ୟା ପରଖିଥିଲେ ମନ୍ତ୍ରୀ । ତତସହିତ ସରକାରଙ୍କ ନିୟମ ମୁତାବକ ନିଃଶୁଳ୍କ ଆବେଦନ ପ୍ରକ୍ରିୟାକୁ ଗୁରୁତ୍ୱ ଦେଇ କୌଣସି ହିତାଧିକାରୀଙ୍କଠାରୁ ଆବେଦନ ପାଇଁ ଯେପରି କେହିବି ଅର୍ଥ ଆଦାୟ ନକରନ୍ତି ସେଥିପ୍ରତି କଡ଼ା ନଜର ରଖିବାକୁ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ମନ୍ତ୍ରୀ। ତେବେ ବିଭିନ୍ନ କେନ୍ଦ୍ରରେ ସର୍ଭର ସ୍ଲୋ ଥିବା ଅଭିଯୋଗ ପାଇ ସଙ୍ଗେସଙ୍ଗେ ଏହାର ନିରାକରଣ ଦିଗରେ ପଦକ୍ଷେପ ନେଇଥିଲେ । ଯଦି କୌଣସି ଜନ ସେବା କେନ୍ଦ୍ର ମହିଳାମାନଙ୍କ ଠାରୁ ଆବେଦନ ନିମିତ୍ତ ଅର୍ଥ ଆଦାୟ କରିବାର ନଜର ଆସେ ତେବେ ସଙ୍ଗେସଙ୍ଗେ ଉକ୍ତ ସେଣ୍ଟରର ଲାଇସେନ୍ସ ରଦ୍ଦ ହେବ ବୋଲି ମନ୍ତ୍ରୀ କଡ଼ା ଚେତାବନୀ ଦେଇଛନ୍ତି । ମନ୍ତ୍ରୀଙ୍କ ଗସ୍ତ ସମୟରେ ବାଣପୁର ଓ ଚିଲିକା ବ୍ଲକ ବିଡ଼ିଓ, ଉଭୟ ବ୍ଲକ ଅଧକ୍ଷ ଏବଂ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଆକାଂକ୍ଷା ମହିଳା ସଙ୍ଗଠନ ପକ୍ଷରୁ ବିଶ୍ୱ ସାକ୍ଷରତା ଦିବସ ପାଳିତ

ଗଜପତି(ମହାଭାରତ): ସଦର ମହକୁମା ପାରଳାଖେମୁଣ୍ଡି ନିକଟସ୍ଥ କେରାଣ୍ଡି ପଞ୍ଚାୟତ ର ଡାଳିମ୍ବ ପୁର ଗ୍ରାମ ଠାରେ ଆକାଂକ୍ଷା ମହିଳା ସଙ୍ଗଠନ ତରଫରୁ ବିଶ୍ ସାକ୍ଷରତା ଦିବସ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ପ୍ରଥମେ ଏକ ସଚେତନତା ରାଲି ଗ୍ରାମ ପରିକ୍ରମା କରିବା ପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଆକାଂକ୍ଷା ମହିଳା ସଙ୍ଗଠନ ର ଉପଦେଷ୍ଟା ଶ୍ରୀମତି ସ୍ୱର୍ଣ୍ଣ ପ୍ରଭା ପାଠୀ ଅଧକ୍ଷତା କରି ଏହି ଆନ୍ତର୍ଜାତିକ ସାକ୍ଷରତା ଦିବସ ର ବିଷୟ ବସ୍ତୁ କୁ ନେଇ ବହୁ ଭାଷୀ ଶିକ୍ଷା କୁ ଉତ୍ସାହିତ କରିବା ଓ ପାରସ୍ପରିକ ବୁଝାମଣା ଏବଂ ଶାନ୍ତି ପାଇଁ ସାକ୍ଷରତା ହାର ଓ ଯୋଗା ଯୋଗ ବୃଦ୍ଧି କରିବା ଉପରେ ବୁଝାଇ କହିଥିଲେୟ ସଂପାଦିକା ଶ୍ରୀମତୀ ମିନା କୁମାରୀ ଟହଲ ଯୋଗ ଦେଇ ସାକ୍ଷରତା ଦିବସ ର ଗୁରୁତ୍ୱ ଓ ଶିକ୍ଷାର ଆବଶ୍ୟକତା ବିଷୟରେ ବୁଝାଇବା ସହ ନାରୀ ନିର୍ଯାତନା ଉପରେ ଆଲୋକପାତ କରିଥିଲେ। ଉପଦେଷ୍ଟା ଶ୍ରୀମତି ଭାଗ୍ୟ ଲକ୍ଷ୍ମୀ ନାୟକ କହିଥିଲେ ଯେ ନାରୀ ଶିକ୍ଷିତ ହେଲେ ଦେଶର ପ୍ରଗତି ହେବ। ଦେଶର ଉନ୍ନତି ପାଇଁ ସାକ୍ଷରତା ଅଭିଯାନ କୁ ଅଧିକରୁ ଅଧିକ ପ୍ରଚାର ର ଆବଶ୍ୟକତା ଅଛି ବୋଲି ମତବ୍ୟକ୍ତ କରିଥିଲେ। ଉପ ସଭାନେତ୍ରୀ ଶ୍ରୀମତି ଅନୀତା ମିଶ୍ର କହିଥିଲେ ଯେ ସାକ୍ଷରତା ଅର୍ଥ ଶିକ୍ଷିତ ହେବା। ଶିକ୍ଷା ହିଁ ମନୁଷ୍ୟ କୁ ଶୃଙ୍ଖଳିତ କରିଥାଏୟ ସାକ୍ଷରତା ମନୁଷ୍ୟ ର ଜନ୍ମ ଗତ ଅଧିକାର। ଉକ୍ତ ସଭାରେ ସମସ୍ତ ଙ୍କୁ ବର୍ଣ୍ଣବୋଧ ବହି, ଖାତା, ସିଲେଟ,ଚକ, ପେନ୍ ପେନ୍ ସିଲ ବିତରଣ କରାଯାଇଥିଲା। କିଛି ସମୟ ସେମାନଙ୍କୁ ଓଡ଼ିଆ ରେ ଶିକ୍ଷା ପ୍ରଦାନ କରାଯାଇଥିଲା। ସାକ୍ଷରତା ଉପରେ ସ୍ଲୋ ଗାନ ଦିଆଯିବା ସହିତ ସମସ୍ତେ ଦସ୍ତଖତ ଶିଖିବା ପାଇଁ ଶପଥଗ୍ରହଣ କଲେ। ସେହି ଗ୍ରାମର ଅଙ୍ଗନବାଡ଼ି ଦିଦି କେ ଈଶ୍ୱରୀ ଙ୍କୁ ଉପଢୌକନ ଦିଆଯାଇ ସମ୍ମାନିତ କରାଯାଇଥିଲା ।ସମସ୍ତେ ପଢ଼ିବା ଓ ସମସ୍ତେ ଲେଖିବା ଏହା ଏକ ଆକାଂକ୍ଷା ମହିଳା ସଙ୍ଗଠନ ର ଛୋଟିଆ ଛୋଟିଆ ପ୍ରୟାସ। ସର୍ବ ଶେଷ ରେ ଏମ୍ ରୋଜା ଧନ୍ୟ ବାଦ ଅର୍ପଣ କରିଥିଲେ।

## ଓଡ଼ିଶା ଅମଲା ସଂଘ ପକ୍ଷରୁ ଶୋକସଭା ପାଳିତ

କୋରାପୁଟ(ମହାଭାରତ): ଆଦିବାସୀ ସଂଗ୍ରାହଳୟ କୋରାପୁଟ ଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପ୍ରମୋଦ କୁମାର ଦାଶ ବିଭାଗୀୟ ଅଧିକାରୀ ଙ୍କ ବିୟୋଗରେ ଓଡ଼ିଶା ଅମଳା ସଂଘ କୋରାପୁଟ ଜିଲ୍ଲା ଶାଖା ସଭାପତି ଶ୍ରୀ ଶଶୀ ଭୂଷଣ ଦାଶ୍ ଙ୍କ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସମ୍ପାଦକ ଶ୍ରୀ ସଞ୍ଜୟ କୁମାର ପଣ୍ଡା, ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ର ପୂର୍ବ ତନ ସଭାପତି ଶ୍ରୀ ସୁନାକର ରାଉତ, ପୁର୍ବତନ ଉପ ସଭାପତି ଶ୍ରୀ ନରେନ୍ଦ୍ର ନାଥ ତ୍ରିପାଠୀ, ସାଙ୍ଗଠନିକ ସମ୍ପାଦକ ଶ୍ରୀ କେ ସୁବାସ ଚନ୍ଦ୍ର ଆଚାରି, ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ର ଉପଦେଷ୍ଟା ଶ୍ରୀ ବୃନ୍ଦାବନ ପଣ୍ଡା, କାର୍ଯ୍ୟକାରୀ ସଭାପତି ଶ୍ରୀ ରାଜିବ କୁମାର ପ୍ରଧାନ ମଞ୍ଚାସିନ ହୋଇଥିଲେ, ପ୍ରଥମେ ସମସ୍ତ ମଞ୍ଚାସିନ ନେତୃବୃନ୍ଦ ସ୍ୱର୍ଗତ ପ୍ରମୋଦ କୁମାର ଦାଶ ଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ପୁଷ୍ପ ପ୍ରଦାନ କରି ଧୂପ ଦୀପ ପ୍ରଜ୍ୱଳନ କରିଥିଲେ, ସମସ୍ତ ଉପସ୍ଥିତ ଅମଲା ଭାଇ ଓ ଭଉଣୀ ମାନେ ଜଣେ ଜଣେ କରି ଫୋଟ ଚିତ୍ର ରେ ପୁଷ୍ପ ପ୍ରଦାନ କରିଥିଲେ ପରେ ସମସ୍ତ ଉପସ୍ଥିତ ସଦସ୍ୟ ସ୍ୱର୍ଗତ ପ୍ରମୋଦ କୁମାର ଦାଶ ଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ ନିରବ ପ୍ରାର୍ଥନା ସରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ଶ୍ରୀ ଶଶୀ ଭୂଷଣ ଦାଶ୍ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସଭାରେ ସଭାପତିତ୍ୱ କରିବା ସହିତ ସମସ୍ତ ମ□ାସିନ ନେତୃବୃନ୍ଦ ଙ୍କୁ ସ୍ୱର୍ଗତ ପ୍ରମୋଦ କୁମାର ଦାଶ ଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ରଖିବା ନିମନ୍ତେ ଅନୁରୋଧ କରିଥିଲେ ସମସ୍ତ ମଞ୍ଚାସିନ ନେତୃବୃନ୍ଦ ନିଜ ନିଜର ଅଭିଭାଷଣ ରେ ସ୍ୱର୍ଗତ ଦାଶ୍ ଙ୍କ କାର୍ଯ୍ୟ ଶୈଳୀ, କର୍ମଷ୍ଠ, ନିଃସ୍ୱାର୍ଥପର, ନିରାଡମ୍ବର, ପରୋପକାରୀ ଓ ତାଙ୍କର ସଂଘୀୟ ମମତା କୁ ପ୍ରଶଂସା କରିଥିଲେ, ଶେଷରେ ଅମଲା ମାନେ ନିର୍ଯ୍ୟାତିତ, ନିଷ୍ପେସିତ, ଅବହେଳିତ ଓ ଚାପଗ୍ରସ୍ତ ହେବା ନେଇ ଶିକ୍ଷା ବିଭାଗର ଅମଲା ମାନେ ସଭାପତି ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ପଦବୀ ଖାଲି ଥିଲେ ମଧ ପଦଉତି ଦିଆ ଯାଉନଥିବା ଓ ବହୁତ ଶିକ୍ଷା ବିଭାଗର ଅମଲା ପଦଉତି ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି ସମସ୍ତ ଅମଲା ପ୍ରଶ୍ନ ଉଠାଇଥିଲେ ଶ୍ରୀ ଦାଶ୍ ସଭାପତି ଅତି ଶୀଘ୍ର ଜିଲ୍ଲା ଶିକ୍ଷା ଅଧିକାରୀ ଶିକ୍ଷା ବିଭାଗ ଅମଲା ମାନଙ୍କୁ ପଦନ୍ନତି ଦେବେ ବୋଲି ପ୍ରତିଶ୍ରୁତି ଦେବା ଯୋଗୁଁ ସମସ୍ତ ଅମଲା ଶାନ୍ତ ହୋଇଥିଲେ, ଏତଦ୍ ବ୍ୟତୀତ ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀ ରାଜେନ୍ଦ୍ର ନାରାୟଣ ପାଢ଼ୀ ଯୁଗ୍ମ ସମ୍ପାଦକ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, ବରିଷ୍ଠ ସଦସ୍ୟ ଶ୍ରୀ ଗୌରି ସତପଥି, ଭବାନୀ ରଥ, ଜଗେନ୍ଦ୍ର ଚୌଧୁରୀ, କାଳୀ ପ୍ରସାଦ ମିଶ୍ର, ତ୍ରିନାଥ ପଣ୍ଡା, ଲକେଶ୍ୱର ରାଓ ପାନାଡା, ବାଳ ଗୋପାଳ ମିଶ୍ର, ପ୍ରସାନ୍ତ କୁମାର ଭଟ୍ଟ,ମନ ମହନ ସିଂ, ପଦ୍ମେଶ୍ୱର ବିଷୟୀ, ସାନ୍ତୁନୁ କୁମାର ଜେନା, ଦିଲିପ୍ ସେନାପତି, ଶ୍ରୀମତି ଅନ୍ନପୂର୍ଣ୍ଣା ତ୍ରିପାଠୀ ଙ୍କ ସମେତ ବହୁ ବରିଷ୍ଠ ସଦସ୍ୟ ଯୋଗଦାନ କରିଥିଲେ। ପରି ଶେଷରେ ଶ୍ରୀ ଦାଶ୍ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ଶୋକସଭା କୁ ସମାପନ କରିଥିଲେ।

## ଯୁବ ଗୋଷ୍ଠୀ ଦ୍ୱାରା ପୁରୁଣାକେରାଣ୍ଡି ଗ୍ରାମରେ ଗଣେଶ ପୂଜା ପାଳିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ଗୋଶାଣୀ ବ୍ଲକ ଅନ୍ତର୍ଗତ କେରାଣ୍ଡି ପଞ୍ଚାୟତ ର ପୁରୁଣା କେରାଣ୍ଡି ଗ୍ରାମରେ ଗଣେଶ ପୂଜା ପାଳିତ ହୋଇଯାଇଛି ।ଦୀର୍ଘ ଦଶ, ପନ୍ଦର ବର୍ଷ ହେବଏହି ପୂଜା ହଉଛି। ଗ୍ରାମର ଯୁବ ଗୋଷ୍ଠି ଏକ ତ୍ରିତ ହୋଇ ପୂଜା କରାଯାଉଛି ସକାଳେ ନଡିଆ କଦଳି ଧରି ନୂତନ ବସ୍ତ୍ର ପରିଧାନ କରି ଧୁପ ଦୀପ ସହ ଆଳତୀ ହୁମ ଭଜନ ସଂକୀର୍ତ୍ତନ ଗ୍ରାମବାସୀ ଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଆଳତି ଭଜନ ସଂକୀର୍ତ୍ତନ କର୍ମଜୀବ ଅଗାମୀ ଦିନରେ ବିଭିନ୍ନ ସଂସ୍କୃତି କ କାର୍ଯ୍ୟକ୍ରମ ସହ ଅରନପ୍ରସଦ କାର୍ଯ୍ୟକ୍ରମ ରହିଛି। ପ୍ରତୀ ବର୍ଷ ଗ୍ରାମରେ ଉତ୍ତତି ଓ ମଙ୍ଗଳ ସକସେଓ ଛାତ୍ର ମାନଙ୍କର ପାଠ ପଢ଼ାର ଉନ୍ନତି ସକାଶେ ଠାକୁର ଙ୍କ ପୂଜା ଅର୍ଚ୍ଚନା କରାଯାଇଛି। ଏହି ପୂଜା କୁ ଗ୍ରାମର ୱାର୍ଡ ସଭ୍ୟ ସୋରାଜ ଜେନା ଓ ଶ୍ରୀକାନ୍ତ ବରାଡ଼ ଯୁବ ଗୋଷ୍ଠିଙ୍କୁ ଉତ୍ସାହିତ କରୁଛନ୍ତି।

## ଲଗାତାର ବର୍ଷା ଯୋଗୁଁ ମୀନକେତନ କଲେଜରେ ଆଣ୍ଠୁଏ ପାଣି

ଗଜପତି(ମହାଭାରତ):ଗତ କିଛି ଦିନ ହେବ ଲଗାତାର ଲଘୁଚାପଜନିତ ବର୍ଷା ଯୋଗୁଁ ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଗ୍ରାମସ୍ଥିତ ମୀନକେତନ ମହାବିଦ୍ୟାଳୟ ଜଳଘେରରେ ଥିବା ଦେଖିବାକୁ ମିଳୁଛି ଓ ଦୀର୍ଘ ବର୍ଷ ହେଲା ଏପରି ସ୍ଥିତି ଉପୁଜୁଥିଲେ ମଧ କଲେଜ କର୍ତ୍ତୃପକ୍ଷ କିମ୍ବା ପ୍ରଶାସନ ନିରବଦ୍ରଷ୍ଟା ସାଜୁଥିବାରୁ ଛାତ୍ରଛାତ୍ରୀଙ୍କ ସହ କର୍ମଚାରୀ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସାମାନ୍ୟ ବର୍ଷାରେ କଲେଜ ସମ୍ମୁଖରେ ଜଳ ଜମି ରହିବା ଯୋଗୁଁ କାଦୁଅଭରା ହୋଇପଡୁଛି। ଗୋଟିଏ ଥର ପାଣି ଜମାଟ ବାନ୍ଧିଲେ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ପାଞ୍ଚ ଦିନରୁ ଉର୍ଦ୍ଧ ସମୟ କଲେଜ ପରିସର କାଦୁଅଭରା ଭରା ରହୁଛିୟ ପରିବେଶ ଅପରିଷ୍କାର ସହ ସରସୃପ ଓ ମଶାମାଛିଙ୍କ ଦୌରାମ୍ ବଢୁଛି ମହାବିଦ୍ୟାଳୟକୁ ସରକାରୀ ଅନୁଦାନ ଆସୁଛି ନିର୍ମାଣ କାର୍ଯ୍ୟ ହେଉଛି ହେଲେ ଯୋଜନା ବିହୀନ କାର୍ଯ୍ୟ ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛିୟ ଜଳ ନିଷ୍କାସନ ନିମନ୍ତେ ଡ୍ରେନେଜ୍ ବ୍ୟବସ୍ଥା ପାଇଁ ଆଲୋଚନା ହେଉ ନ ଥିବା କାରଣରୁ ଏଭଳି ଏଭଳି ପରିସ୍ଥିତି ଉପୁଜୁଛି ବୋଲି ସାଧରଣରେ ଅଭିଯୋଗ ହେଉଛି।

## ବନ୍ଦେଭାରତ ଟ୍ରେନ ଟାଟା ନାଗରରୁ ବ୍ରହ୍ମପୁରଭାୟା କେନ୍ଦୁଝର ଗଡ଼ ଦେଇ ଚଳାଚଳ କରିବ




କେନ୍ଦୁଝର(ମହାଭାରତ):କେନ୍ଦୁଝର ଜିଲ୍ଲାବାସୀଙ୍କ ପାଇଁ ଏକ ବଡ ଖୁସି ଖବର ବାନ୍ଦେ ଭାରତ ଟ୍ରେନ ଆସନ୍ତା ୧୫/୦୯/୨୦୨୪ ରିଖ ଦିନ ଠାରୁ ମଙ୍ଗଳବାର ବ୍ୟତୀତ ସପ୍ତାହର ଛ'ଦିନ ଚଳାଚଳ କରିବ । ଝାଡ଼ଖଣ୍ଡ ରାଜ୍ୟ ଟାଟା ନଗର ରୁ ଓଡ଼ିଶା ରା ରାଜ୍ୟ କେନ୍ଦୁଝର ଗଡ ଦେଇ ବ୍ରହ୍ମପୁରକୁ ବନ୍ଦେ ଭାରତ ଟ୍ରେନ ଦୈନିକ ଚଳାଚଳ ପାଇଁ ଟ୍ରାଏଲ ରନ ଶେଷ ହୋଇଛି । ବନ୍ଦେ ଭାରତ ଟ୍ରେନ ଗଡିବ ଟାଟା ନଗର ରୁ ବାହାରି କେନ୍ଦୁଝରଗଡ,କଟକ, ଭୁବନେଶ୍ୱର ଦେଇ ବ୍ରହ୍ମପୁରକୁ ବନ୍ଦେ ଭାରତ ଟ୍ରେନ ଦୃତ ବେଗରେ ଚାଲିବ । ୫୮୬ କିଲୋ ମିଟର ରାସ୍ତା କୁ ମାତ୍ର ୯ ଘଣ୍ଟା ୧୦ ମିନିଟ ସମୟ ଲାଗିବ। ଗତ କାଲି ରବିବାର ବନ୍ଦେ ଭାରତ ଟ୍ରେନ ଟିକୁ ଟ୍ରାଏଲ୍ ରନ୍ ଭାବେ ଟାଟା ରୁ ସକାଳ ୫:୨୦ ମିନିଟ । ସମୟ ରେ ବାହାରି କେନ୍ଦୁଝର ୮:୫୫ ମିନିଟ ସମୟ ରେ ପହଞ୍ଚିବା ପରେ କୃ ମେମ୍ବର ବଦଳି ପରେ ୯:୦୫ ମିନିଟ ସମୟ ରେ ଛାଡ଼ି ଭୁବନେଶ୍ୱର ଦେଇ ବ୍ରହ୍ମପୁର ଅଭିମୁଖେ ଯାତ୍ରା କରିଛି। ଏହି ବନ୍ଦେ ଭାରତ ଟ୍ରେନ କୁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜି ୧୫ ତାରିଖରେ ଶୁଭ ଉଦଘାଟନ କରିବେ ବୋଲି ସୂଚନା ମିଳିଅଛି ।କେନ୍ଦୁଝର ଜିଲ୍ଲା ବାସୀ ଙ୍କ ବହୁ ଦିନର ପ୍ରତୀକ୍ଷା ସଫଳ ହୋଇଛି ।ଆସନ୍ତା ଶୁଭ ଦିବସ ରେ ଟାଟା ରୁ ସକାଳ ୫:୨୦ ମିନିଟ ସମୟ ରେ ବାହାରି ବ୍ରହ୍ମପୁର ୨:୩୦ ମିନିଟ ସମୟ ରେ ପହଞ୍ଚିବ । ପୁଣି ବ୍ରହ୍ମପୁର ରୁ ପ୍ରତ୍ୟାବର୍ତ୍ତନ ଅପରାହ୍ନ ୩ ଘଟିକା ରେ ଛାଡ଼ି, ଟାଟା ରେ ରାତ୍ର ୧୧:୫୫ ମିନିଟ ସମୟର ପହଞ୍ଚିବ। ଯିବା ଆସିବା ୧୧୭୨ କିଲୋ ମିଟର ହେବ ଟ୍ରେନ ର ବେଗ ୬୩ ରୁ ୯୨ ମଧ ରେ ରହିବ। ସକାଳେ ଟାଟା ରୁ୫:୨୦ରେ ଛାଡ଼ିବ,ଡାଙ୍ଗୁଆପଶି ୭:୦୨,ବାଂଶପାଣି ୭:୪୫, ନୟାଗଡ ୮:୩୮,କେନ୍ଦୁଝର ଗଡ ୮:୫୭,ହରିଚନ୍ଦନ ପୁର ୯:୩୬, ଯଖପୁର । ୧୦:୩୭,କଟକ ୧୧:୨୫, ଭୁବନେଶ୍ୱର ୧୨:୦୨, ଖୋର୍ଦ୍ଧା ୧୨:୩୨,ବାଲୁଗାଁ ୧:୨୫, ଶେଷ ରେ ବ୍ରହ୍ମପୁର ୨:୩୦ ମିନିଟ ସମୟ ରେ ପହଞ୍ଚିବା ଧାର୍ଯ୍ୟ ହୋଇଛ।

## ଜିଲ୍ଲାସ୍ତରୀୟ ବିଶ୍ୱ ଭୌତିକ ଚିକିତ୍ସା ଦିବସ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସି:ସିଡି: ର ସମ୍ମିଳନୀ କକ୍ଷ ଠାରେ ଆଜି ଜିଲ୍ଲାର ଭିନ୍ନକ୍ଷମ ମାନଙ୍କ ପାଇଁ କାର୍ଯ୍ୟରତ ସିସିଡି: ଓ ଭିନ୍ନକ୍ଷମ ଅନୁଷ୍ଠାନ ସମର୍ଥ ର ମିଳିତ ସହଯୋଗରେ ଜିଲ୍ଲାସ୍ତରୀୟ ବିଶ୍ ଭୌତିକ ଚିକିତ୍ସା ଦିବସ ପାଳନ ଅବସରରେ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ବ୍ୟବସ୍ଥା ଏବଂ ସୁସ୍ଥତା ସମସ୍ତଙ୍କ ପାଇଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ଅନୁଷ୍ଠିତ ଏକ ସଚେତନତା କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ଅନୁଷ୍ଠାନ ସମର୍ଥ ର ଜିଲ୍ଲା ସଭାପତି ଶ୍ରୀ ନିରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଅଧିକାରୀ ଶ୍ରୀ ଅରୁଣ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଭୌତିକ ଚିକିତ୍ସା କଣ , ତାର ଆବଶ୍ୟକତା ଓ ଗୁରୁତ୍ୱ ଉପରେ କହି ଆଧୁନିକ ଯୁଗରେ ସ୍ୱାସ୍ଥ୍ୟ ସେବା ଦୃତ ଗତିରେ ଆଗେଇ ଚାଲିଥିବା ବେଳେ ଚିକିତ୍ସା କ୍ଷେତ୍ରରେ ଯୋଡ଼ି ହେଉଛି ଏହି ଭୌତିକ ଚିକିତ୍ସା ଭଳି ନୂତନ ପଦ୍ଧତି। ବିନା କୌଣସି ଅସ୍ତ୍ରୋପଚାର , ଔଷଧ ସେବନ ଓ ପାର୍ଶ୍ୱ ପ୍ରତିକ୍ରିୟାରେ ଅଧିକ ଉପଶମ ମିଳିପାରୁଛି , ଏହି ଭୌତିକ ଚିକିତ୍ସା ଦ୍ୱାରା । ତେଣୁ ସିସିଡି କର୍ମକର୍ତ୍ତା ମାନେ ଗ୍ରାମାଞ୍ଚଳରେ ଏହି ଭୌତିକ ଚିକିତ୍ସା ମାଧମରେ ଅନେକ ଭିନ୍ନକ୍ଷମଙ୍କୁ ଶାରୀରିକ ସୁସ୍ଥତା ର ଉପଶମ ଦେଇ ଭଲ କରିଥିବା ଯୋଗୁଁ ସେମାନଙ୍କୁ ଧନ୍ୟବାଦ୍ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ସମିତିର ବରିଷ୍ଠ ସଦସ୍ୟା ମମତା ରାଣୀ ଶତପଥୀ ଯୋଗଦେଇ ଭୌତିକ ଚିକିତ୍ସା ଚିକିତ୍ସା କିଭଳି ଜଟିଳ ଅସ୍ତ୍ରୋପଚାର ପରବର୍ତ୍ତୀ ଉପଶମ ଲାଭ ହୋଇଥାଏ ସେ ସମ୍ପର୍କରେ କହି ଜିଲ୍ଲା ମଙ୍ଗଳ ସମିତି ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ସହାୟତା ସମ୍ପର୍କରେ କହିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସାମାଜିକ ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଶ୍ରୀ ସୁମନ ମିଶ୍ର , ସିସିଡି ବୋର୍ଡ ନିର୍ଦ୍ଦେଶକ ଶ୍ରୀ ସଞ୍ଜୟ ଜେନା ଏବଂ ପଣ୍ଡିତ ନରସିଂହ ଗୌଡ ପ୍ରମୁଖ ଯୋଗଦେଇ ଭୌତିକ ଚିକିତ୍ସାର ଓ ତାର ଆବଶ୍ୟକତାର ବିଭିନ୍ନ ଦିଗ ସମ୍ପର୍କରେ କହିଥିଲେ।



# ମହାଭାରତ
## ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ






## ବ୍ରିଜ୍ ଭୂଷଣଙ୍କୁ ତାଗିଦ୍

ନୂଆଦିଲ୍ଲୀ,୮।୯(ଏଜେନ୍ସି): ଭିନେଶ ଫୋଗାଟ ଓ ବଜରଙ୍ଗ ପୁନିଆ। କଂଗ୍ରେସରେ ସାମିଲ୍ ହେବାକୁ ନେଇ ଭାରତୀୟ କୁସ୍ତି ସଂଘର ଅଧକ୍ଷ ବ୍ରିଜଭୂଷଣ ଶରଣ ସିଂହ ଲଗାତାର ତାଙ୍କ ଉପରେ ଟିପ୍ପଣୀ ଦେଇ ଆସୁଛନ୍ତି। ଏଥିସହ ସେ ମହିଳା କୁସ୍ତିଯୋଦ୍ଧାଙ୍କ ଆନ୍ଦୋଳନକୁ କଂଗ୍ରେସ ଆନ୍ଦୋଳନ କହିଥିଲେ। ତେବେ ଏହାରି ଭିତରେ ଭାଜପା ହାଇକମାଣ୍ଡ ବ୍ରିଜଭୂଷଣଙ୍କୁ ତାଗିଦ୍ କରିଛନ୍ତି। ତାଙ୍କୁ ଭିନେଶ ଓ ବଜରଙ୍ଗ ପୁନିଆଙ୍କ ଉପରେ କୌଣସି ବିବାଦୀୟ ଟିପ୍ପଣୀ ନ ଦେବାକୁ କଡା ନିର୍ଦ୍ଦେଶ ଦେଇଛନ୍ତି।



କୁହାଯାଉଛି କି, ହରିୟାଣା ନିର୍ବାଚନକୁ ଦୃଷ୍ଟିରେ ରଖି ବ୍ରିଜଭୂଷଣଙ୍କୁ ଏପରି ନିର୍ଦ୍ଦେଶ ଦିଆଯାଇଛି। କାରଣ ତାଙ୍କ ବୟାନ ଭାଜପା ପାଇଁ ନିର୍ବାଚନରେ ଜିତିବାକୁ ଓଲଟା ସାବ୍ୟସ୍ତ କରିପାରେ। ଏଥିପାଇଁ ଭାଜପା ନେତାଙ୍କୁ ଏପରି କୌଣସି ବିବାଦୀୟ ବୟାନ ନ ଦେବାକୁ କୁହାଯାଇଛି ଯେଉଁଥିରେ ଦଳର ଭୋଟବ୍ୟାଙ୍କ ଉପରେ ପ୍ରଭାବ ପଡିବ। କହିରଖୁଛୁ କି, ଭାରତୀୟ ରେସଲର ଭିନେଶ ଫୋଗାଟ ଓ ବଜରଙ୍ଗ କଂଗ୍ରେସରେ ସାମିଲ୍ ହେବା ପରଠାରୁ ଭାଜପା ନେତା ବ୍ରିଜ ଭୂଷଣ ଲଗାତାର ତାଙ୍କୁ ଟାର୍ଗେଟ କରି ଆସୁଛନ୍ତି। ଭାଜପା ନେତା ଭିନେଶଙ୍କୁ ଟାର୍ଗେଟ କରି ଏମିତି ବି କହି ଦେଇଥିଲେ କି, ଭିନେଶ ଅଲିମ୍ପିକ୍ସକୁ ଯିବାକୁ ଯୋଗ୍ୟ ନ ଥିଲେ। ଯାହାକୁ ନେଇ ଲଗାତାର ଦୁଇ ପଟରୁ ବୟାନବାଜି ଲାଗି ରହିଛି।

## ବିଜେପି ଛାଡ଼ିଲେ ଆଦିତ୍ୟ ଚୌତାଲା

ଚଣ୍ଡିଗଡ଼,୮।୯(ଏଜେନ୍ସି): ହରିୟାଣା ରାଜନୀତିରେ ଏକ ବଡ଼ ଧମାକା ହୋଇଛି। ଚୌଧୁରୀ ଦେବୀଲାଲଙ୍କ ନାତି ଆଦିତ୍ୟ ଚୌତାଲା ବିଜେପି ଶିବିର ଛାଡି ଇଣ୍ଡିଆନ ନ୍ୟାସନାଲ ଲୋକଦଳରେ ଯୋଗ ଦେଇଛନ୍ତି। ଆଦିତ୍ୟ ୨ ଦିନ ପୂର୍ବରୁ ହରିୟାଣା କୃଷି ମାର୍କେଟିଂ ବୋର୍ଡରୁ ଇସ୍ତଫା ଦେଇଥିଲେ। ଇଣ୍ଡିଅରନ ନ୍ୟାସନାଲ ଲୋକଦଳ ବିଧାୟକ ଅଭୟ ସିଂ ଚୌତାଲା ଆଦିତ୍ୟଙ୍କୁ ଦଳରେ ସାମିଲ କରାଇଛନ୍ତି।

ଇଣ୍ଡିଆନ ନ୍ୟାସନାଲ ଲୋକଦଳ ଟିକଟରେ ଆଦିତ୍ୟଙ୍କ ରାଜ୍ୟ ବିଧାନସଭା ନିର୍ବାଚନରେ ଲଢ଼ିବାର ସମ୍ଭାବନା ରହିଛି ବୋଲି ରାଜନେତିକ ମହଲରେ ଚର୍ଚ୍ଚା ହେଉଛି।

ଏହି ଅବସରରେ ଅଭୟ ଏକ ବଡ଼ ଦାବି କରିଛନ୍ତି। ସେ କହିଛନ୍ତି ଯେ ଇଣ୍ଡିଆନ ନ୍ୟାସନାଲ ଲୋକଦଳର ପରିବାର କ୍ରମାଗତ ଭାବେ ବୃଦ୍ଧି ପାଉଛି। ବିଜେପିର ବହୁ ବଡ଼ ବଡ଼ ନେତା ଇଣ୍ଡିଆନ ନ୍ୟାସନାଲ ଲୋକଦଳରେ ଯୋଗ ଦେବାକୁ ଆଗ୍ରହୀ ଅଛନ୍ତି। ସେମାନେ ଆମ ଯୋଗାଯୋଗରେ ରହିଛନ୍ତି। ଏହାକୁ ନେଇ ରାଜ୍ୟରେ ବିଧାନସଭା ନିର୍ବାଚନ ପୂର୍ବରୁ ବିଜେପିର ଚିନ୍ତା ବଢ଼ିବାରେ ଲାଗିଛି।



ଆଦିତ୍ୟ ଚୌତାଲା ଚୌଧୁରୀ ଦେବୀଲାଲଙ୍କ ସାନପୁଅ ଜଗଦୀଶ ଚୌତାଲଙ୍କ ପୁଅ। ସେ ୨୦୧୪ରେ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଥିଲେ। ୨୦୧୯ରେ ବିଜେପି ସରକାର ତାଙ୍କୁ ରାଜ୍ୟ ସମବାୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ ଲିମିଟେଡର ଚେୟାରମ୍ୟାନ୍ କରିଥିଲେ। ଦୁଇ ଦିନ ପୂର୍ବେ ଆଦିତ୍ୟ ଏହି ପଦରୁ ଇସ୍ତଫା ଦେଇଥିଲେ। ୨୦୧୯ ନିର୍ବାଚନରେ ଆଦିତ୍ୟ ଡବୱାଲି ବିଧାନସଭାରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। କିନ୍ତୁ, ସେ କଂଗ୍ରେସ ପ୍ରାର୍ଥୀ ଅମିତ ସିହାଗଙ୍କଠାରୁ ପରାଜିତ ହୋଇଥିଲେ।

ଆଦିତ୍ୟ ଅଭୟ ସିଂଙ୍କ ପତ୍ନୀ ତଥା ନିଜ ଭାଉଜ କାନ୍ତା ଚୌତାଲାଙ୍କୁ ୨୦୧୬ ପଞ୍ଚାୟତ ନିର୍ବାଚନରେ ପରାଜିତ କରିଥିଲେ।

ଆଦିତ୍ୟ ସିର୍ସା ଜିଲ୍ଲା ପରିଷଦର ଜୋନ୍-୪ ରୁ ଜିଲ୍ଲା ପରିଷଦ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏହି ନିର୍ବାଚନରେ ଆଦିତ୍ୟ ଜିତିଥିଲେ। ସେ ସବୁବେଳେ ଜେଜେପିର ବିପକ୍ଷରେ ଅଛନ୍ତି। ୨୦୨୨ମସିହାରେ ସେ ଜେଜେପି ନେତା ଦୁଷ୍ୟନ୍ତ ଚେତାଲଙ୍କ ବିରୋଧରେ ଏକ ବଡ଼ ମନ୍ତବ୍ୟ ଦେଇଥିଲେ। ଆଦିତ୍ୟ କହିଥିଲେ ଯେ, ଯେତେବେଳେ ବି ସେ ଭିବାନୀକୁ ଯାଆନ୍ତି, ସେତେବେଳେ ସେ ଭିବାନୀକୁ ତାଙ୍କ କର୍ମକ୍ଷେତ୍ର ବୋଲି କହିଥାନ୍ତି। ଯେତେବେଳେ ହିସାରକୁ ଯାଆନ୍ତି, ହିସାରକୁ କର୍ମସ୍ଥଳ ବୋଲି କହିଥାନ୍ତି। ଯେତେବେଳେ ସେ ଡବୱାଲିକୁ ଆସନ୍ତି, ଡବୱାଲିକୁ ନିଜର କର୍ମଭୂମି କୁହନ୍ତି। ଏଭଳି ଲୋକଙ୍କୁ ବିଶ୍ୱାସ ନାହିଁ। ସେ କେତେବେଳେ ରାମକୁମାର ଗେଟମଙ୍କୁ ବୁବାପା କୁହନ୍ତି ତ ଅନ୍ୟ କେତେବେଳେ ଓମ୍ପ୍ରକାଶ ଚେତାଲାଙ୍କୁ ବୁବାପା କହିଥାନ୍ତି।

## ୧୦ ନୂଆ ବନ୍ଦେ ଭାରତ ଟ୍ରେନ

ନୂଆଦିଲ୍ଲୀ ୮।୯(ଏଜେନ୍ସି): ରେଳବାଇ ବନ୍ଦେଭାରତ ଟ୍ରେନ ଶୃଙ୍ଖଳାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ଯାଉଛନ୍ତି। ସେପ୍ଟେମ୍ବର ୧୫ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଝାଡଖଣ୍ଡର ଜାମସେଦପୁରରୁ ସାରା ଦେଶର ଅଲଗା ଅଲଗା ରାଜ୍ୟ ନିମନ୍ତେ ୧୦ ବନ୍ଦେ ଭାରତ ଟ୍ରେନକୁ ସବୁଜ ପତାକା ଦେଖାଇବେ୍ୟ ପ୍ରଧାନମନ୍ତ୍ରୀ ପ୍ରଥମ ଥର ଏକକାଳୀନ ଏତେ ସଂଖ୍ୟକ ବନ୍ଦେ ଭାରତ ଟ୍ରେନର ଶୁଭ ଉଦଘାଟନ କରିବେ।ଏହି ବନ୍ଦେ ଭାରତ ଟ୍ରେନଗୁଡିକ ଦେଶର ବିଭିନ୍ନ ଭାଗକୁ ସଂଯୁକ୍ତ କରି ରେଳ ଯାତ୍ରା ସୁବିଧାକୁ ଉନ୍ନତ କରିବେ।



ଏହି ଉଦଘାଟନ ସହିତ ବନ୍ଦେ ଭାରତ ଟ୍ରେନ ନେଟଓ୍ୱାର୍କର ଗୁରୁତ୍ୱପୂର୍ଣ୍ଣ ସମ୍ପ୍ରସାରଣ ହେବ, ଯାହା ଯାତ୍ରାର ସମୟ ଓ ଆରାମରେ ସୁଧାର ଆଣିବ। ଏହି ବନ୍ଦେ ଭାରତ ଟ୍ରେନଗୁଡିକ ଯେଉଁ ସବୁ ରାଜ୍ୟକୁ ଚଳିବ ସେଥିରେ ଝାଡଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଓଡିଶା, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ତେଲେଙ୍ଗାନା, କର୍ଣ୍ଣାଟକ, ଛତିଶଗଡ଼ ଓ ଉତ୍ତରପ୍ରଦେଶ ରହିଛି। ଏହି ଟ୍ରେନଗୁଡିକ ମଧ୍ୟରୁ ଅନେକ ଟ୍ରେନ ବିହାର ରାଜ୍ୟ ଦେଇଯାତ୍ରା କରିବେ।

ପ୍ରଧାନମନ୍ତ୍ରୀ ମୋଦି ନିକଟରେ ଦକ୍ଷିଣ ଭାରତରେ ବନ୍ଦେ ଭାରତ ଟ୍ରେନରୁ ୨ଟିର ସେବା ଆରମ୍ଭ କରିଥିଲେ। ମଦୁରାଇ ଓ ବେଙ୍ଗାଲୁର କ୍ୟାଣ୍ଟନମେଣ୍ଟ ମଧ୍ୟରେ ମଙ୍ଗଳବାରକୁ ଛାଡି ସପ୍ତାହରେ ୬ ଦିନ ବନ୍ଦେ ଭାରତ ସେବା ସଞ୍ଚାଳିତ ହେଉଛି। ଏହି ନୂଆ। ପଦକ୍ଷେପ ଯୋଗୁ ଯାତ୍ରା ଅଧିକ ସୁବିଧାଦାୟକ ଓ ଆରାମପ୍ରଦ ହେବ। ଏହା ସହ ଦେଶର ବିଭିନ୍ନ ଭାଗକୁ ସମ୍ପର୍କ ଆହୁରି ମଜଭୁତ ହେବ।

## ୬୦-୪୦ ଆସନ ଫର୍ମୁଲା ଚାହୁଁଛି କଂଗ୍ରେସ

ଲକ୍ଷ୍ନୌ,୮।୯(ଏଜେନ୍ସି): ଖୁବଶୀଘ୍ର ଉତ୍ତରପ୍ରଦେଶର ୧୦ଟି ବିଧାନସଭା ଆସନରେ ଉପ-ନିର୍ବାଚନ ହେବାକୁ ଯାଉଛି। ଏହି ଉପ-ନିର୍ବାଚନର ତାରିଖ ଘୋଷଣା କରାଯାଇ ନାହିଁ, କିନ୍ତୁ ସମସ୍ତ ରାଜନେତିକ ଦଳ ଏଥିପାଇଁ ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି। ଏହି ପରିପ୍ରେକ୍ଷୀରେ ନିର୍ବାଚନ ଏକାଠି ଲିବା ପାଇଁ ଏସପି ଏବଂ କଂଗ୍ରେସ ମଧ୍ୟରେ ଆଲୋଚନା ଚାଲିଛି। ଏ ସମ୍ପର୍କରେ ପ୍ରିୟଙ୍କା ଗାନ୍ଧୀ ଦିଲ୍ଲୀରେ ୟୁପି ସଭାପତି ଅଜୟ ରାୟ ଏବଂ ସମସ୍ତ ନୂତନ ନିଯୁକ୍ତ ସଚିବଙ୍କୁ ଭେଟିଥିଲେ।



ସୂଚନାନୁସାରେ, ୟୁପିର ୧୦ଟି ଆସନରେ ଉପ-ନିର୍ବାଚନ ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରକାଶ ଯେ, ଏସପି ଏବଂ କଂଗ୍ରେସ ମଧ୍ୟରେ ମେଣ୍ଟ ପାଇଁ ପ୍ରିୟଙ୍କା ଗାନ୍ଧୀ ୬୦-୪୦ ଫର୍ମୁଲା ଉପରେ ଜୋର୍ ଦେଉଛନ୍ତି।

ସେ କଂଗ୍ରେସ ନେତାମାନଙ୍କୁ ୪ ଟି ଆସନରୁ କମ୍ ଦେଲେ ରାଜି ନ ହେବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଲୋକସଭା ନିର୍ବାଚନର ସୂତ୍ର ଅନୁଯାୟୀ ଉପ-ନିର୍ବାଚନରେ ଏକ ମିଳିତ ମେଣ୍ଟ ଚାହୁଁଛି କଂଗ୍ରେସକୁ ସର୍ବାଧିକ ୨ଟି ସିଟ୍ ପ୍ରଦାନ କରାଯାଉ। କଂଗ୍ରେସ ଫର୍ମୁଲା ଅନୁଯାୟୀ, ଯଦି ଉଭୟ ଦଳର ନେତୃତ୍ୱରେ ଅନ୍ତିମ ଆଲୋଚନା ହୁଏ, ତେବେ କଂଗ୍ରେସ ୩ଟି ଆସନରେ ରାଜି ହେବ। ଏପର୍ଯ୍ୟନ୍ତ ୟୁପିରେ ଉପ-ନିର୍ବାଚନ ଘୋଷଣା କରାଯାଇ ନାହିଁ, କିନ୍ତୁ ଏସପି ସଭାପତି ଅଖିଳେଶ ଯାଦବ ଏକପାଖିଆ। ଭାବେ ଅଯୋଧ୍ୟାର ମିଲ୍କିପୁର ବିଧାନସଭା ଆସନରେ ସାଂସଦ ଅୱଧେଶ ପ୍ରସାଦଙ୍କୁ ଟିକେଟ୍ ଦେବାକୁ ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ ଏସପି ହରିୟାଣାରେ ମଧ୍ୟ ସିଟ୍ ଦାବି କରୁଛି, ଯେଉଁଠାରେ କଂଗ୍ରେସ ଏସପିକୁ ଗୋଟିଏ ଆସନ ଦେବାକୁ ପ୍ରସ୍ତୁତ ଅଛି।

ଅନ୍ୟପକ୍ଷରେ,୧୦ ଟି ସିଟ୍ ମଧ୍ୟରୁ ୬ଟି ପାଇଁ ଏସପି ପ୍ରଭାରି ଘୋଷଣା କରିଛନ୍ତି। ସମାଜବାଦୀ ପାର୍ଟି ଦ୍ୱାରା ପ୍ରକାଶିତ ଏହି ତାଲିକାରୁ ଏହା ସ୍ପଷ୍ଟ ହୋଇଛି ଯେ ସମାଜବାଦୀ ନିଜର ପ୍ରାର୍ଥୀଙ୍କୁ ୧୦ ଟି ସିଟ୍ ମଧ୍ୟରୁ ୬ ଟିରେ ପ୍ରାର୍ଥୀ ଦେବ। ନିର୍ବାଚନ ହେବାକୁଥିବା ବିଧାନସଭା ଆସନ ମଧ୍ୟରୁ ୫ରେ ସମାଜବାଦୀ ପାର୍ଟିରୁ, ୩ରେ ବିଜେପି ଏବଂ ରାଷ୍ଟ୍ରୀୟ ଲୋକ ଦଳ ତଥା ନିଶାଦ ଦଳ ଗୋଟିଏ ଲେଖାଏଁ ଆସନ ଜିତିଛନ୍ତି, ଉଭୟ ଏନଡିଏର ସହଯୋଗୀ ଅଟନ୍ତି।

## ପିଓକେ ଲୋକ ଭାରତରେ ଯୋଗ ଦିଅନ୍ତୁ

ନୂଆଦିଲ୍ଲୀ,୮।୯(ଏଜେନ୍ସି): ଜମ୍ମୁ-କାଶ୍ମୀରରେ ବିଧାନସଭା ନିର୍ବାଚନକୁ ଆଉ ମାତ୍ର କିଛି ଦିନ ଏମିତିରେ ରାଜନେତିକ ଦଳମାନେ ନିର୍ବାଚନୀ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ଦୀର୍ଘ ୧୦ ବର୍ଷର ବ୍ୟବଧାନ ପରେ ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ହେଉଛି। ଏଠାରେ ହେବାକୁ ଥିବା ନିର୍ବାଚନ ଉପରେ ସମଗ୍ର ଭାରତ ଓ ସମଗ୍ର ବିଶ୍ୱର ନଜର ରହିଛି। ଏହାରି ମଧ୍ୟରେ ନିର୍ବାଚନୀ ପ୍ରଚାର ପାଇଁ ବିଜେପି ନେତା ତଥା କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ରବିବାର ଜମ୍ମୁ-କାଶ୍ମୀର ଗସ୍ତ କରିଛନ୍ତି। ଆଉ ଏହି ଗସ୍ତ ସମୟରେ ପିଓକେ ଓ ନାସନାଲ କନଫରେନ୍ସ ନେତା ଉମର ଅବ୍ଦୁଲ୍ଲାଙ୍କ ବୟାନ ଉପରେ ପାଲଟା ଆକ୍ରମଣ କରିଛନ୍ତି।



ରାଜନାଥ କହିଛନ୍ତି ଯେ ପୂର୍ବରୁ ସମଗ୍ର ଦେଶରେ ଆତଙ୍କବାଦ ସ୍ଥଳୀ ଭାବେ ପରିଚିତ ଜମ୍ମୁ-କଶ୍ମୀର ଏବେ ପର୍ଯ୍ୟଟନର ହଟସ୍ପଟ୍ ପାଲଟିଛି। ସାଢ଼େ ତିନି ଦଶନ୍ଧି ପରେ ପ୍ରଥମ ଥର ପାଇଁ ଶ୍ରୀନଗରରେ ନଜର ଆସିଛି ତାଜିଆ। ପୂର୍ବରୁ ଜମ୍ମୁରୁ ଶ୍ରୀନଗର ଯିବାକୁ ବହୁ ସମୟ ଲାଗୁଥିଲା। କିନ୍ତୁ ଏବେ ସାଢ଼େ ଚାରି ଘଣ୍ଟା ମଧ୍ୟରେ ଜମ୍ମୁ-ଶ୍ରୀନଗରରେ ପହଞ୍ଚିହେବ। ପାକିସ୍ତାନ ସରକାର ପିଓକେକୁ ବିଦେଶୀ ଭୂମି ଭାବେ ବିବେଚନା କରୁଛନ୍ତି। ନିଜେ ପାକିସ୍ତାନର ଏଏସଜି ସତ୍ୟପାଠ ଦେଇ ଏହା କହିଛନ୍ତି। ପାକ୍ ଅଧିକୃତ କଶ୍ମୀର (ପିଓକେ)ର ବାସିନ୍ଦାମାନେ ଭାରତରେ ଯୋଗ ଦିଅନ୍ତୁ, ଆମେ ସେମାନଙ୍କୁ ଆମର ଲୋକ ବୋଲି ବିବେଚନା କରୁଛୁ।

୨୦୦୧ ସଂସଦ ଆକ୍ରମଣର ଦୋଷୀ ଅଫଜଲ ଗୁରୁଙ୍କ ଫାଶୀକୁ ନେଇ ନାସନାଲ କନଫରେନ୍ସ ନେତା ଉମର ଅବଦୁଲ୍ଲାଙ୍କ ବୟାନ ଉପରେ ପାଲଟା ଆକ୍ରମଣ କରିଛନ୍ତି। ରାଜନାଥ ସିଂହ ଜମ୍ମୁ- କାଶ୍ମୀରର ରାମବନରେ ରବିବାର ନିର୍ବାଚନୀ ରାଲିକୁ ସମ୍ବୋଧନ କରି ସେ ଏହି ଟିପ୍ପଣୀ ଦୁର୍ଭାଗ୍ୟପୂର୍ଣ୍ଣ ବୋଲି କହିଛନ୍ତି ରାଜନାଥ ସିଂହ କହିଛନ୍ତି। ଏହା ଦୁର୍ଭାଗ୍ୟପୂର୍ଣ୍ଣ ଯେ, ଉମର ଅବ୍ଦୁଲା ଏଭଳି ଟିପ୍ପଣୀ କରିଛନ୍ତି ଯଦି ଅଫଜଲ ଗୁରୁକୁ ଫାଶୀ ଦିଆଯାଇନଥାନ୍ତା, ତାହେଲେ କଣ କରାଯାଇଥାନ୍ତା ? ତାକୁ କଣ ମାଳା ପିନ୍ଧାଯାଇଥାନ୍ତା ?

ପ୍ରକୃତରେ ନିକଟରେ ଏକ ସାକ୍ଷାତକାରରେ ନାସନାଲ କନଫରେନ୍ସ ନେତା ଉମର ଅବଦୁଲ୍ଲା କହିଥିଲେ ଯେ, ଅଫଜଲ ଗୁରୁକୁ ଫାସୀ କିଛିବି ଉଦ୍ଦେଶ୍ୟ ପୂରା ହୋଇନାହିଁ। ଜମ୍ମୁ-କାଶ୍ମୀର ସରକାରଙ୍କ ଅଫଜଲ ଗୁରୁର ଫାସୀ ସହ କେଣସି ସମ୍ପର୍କ ନଥିଲା। ସେ ଆହୁରି କହିଥିଲେ ଯଦି ଅଫଜଲ ଗୁରୁକୁ ଫାଶୀ ଦେବା ପାଇଁ ଏହାର ଆବଶ୍ୟକତା ପଡ଼ିଥାନ୍ତା ତେବେବି ଜମ୍ମୁ-କାଶ୍ମୀର ସରକାର ଏହାର ଅନୁମତି ଦେଇନଥାନ୍ତେ। ସୂଚନାଥାଉକି, ସଂସଦ ଭବନରେ ୨୦୦୧ରେ ଡିସେମ୍ବର ୧୩ରେ ଆତଙ୍କୀ ଆକ୍ରମଣ ହୋଇଥିଲା।ଏହାର ଷଡ଼ଯନ୍ତ୍ର ରଚିଥିବା ଅଭିଯୋଗ ଅଫଜଲ ଗୁରୁକୁ ୨୦୧୩ ଫେବୃଆରୀ ୯ରେ ଦିଲ୍ଲୀ ତିହାର ଜେଲରେ ଫାଶୀ ଦିଆଯାଇଥିଲା।

## ବସୁନ୍ଧରା ଯୋଜନା ସମ୍ବନ୍ଧୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,(ନି.ପ୍ର): ଜମି ପରିଚାଳନା ଏବଂ ଅଭାବି ଲୋକଙ୍କୁ ଏହାର ବଣ୍ଟନ ହେଉଛି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଦୟିତ୍ୱ। ଏହି ଉପଲକ୍ଷେ ଜିଲ୍ଲାପ୍ରଶାସନ ପକ୍ଷରୁ ଆଜି ପଟ୍ଟାମୁଣ୍ଡାଇ ମୁନିସିପାଲିଟି ଅଡିଟୋରିଅମଠାରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଜିଲ୍ଲାର ସମସ୍ତ ତହସିଲଦାର, ରେଭିନ୍ୟୁ ସୁପରଭାଇଜର, ରାଜସ୍ୱ ନିରିକ୍ଷକ, ସହାୟକ ରାଜସ୍ୱ ନିରିକ୍ଷକ, ଅମିନମାନଙ୍କର ବସୁନ୍ଧରା ଯୋଜନା ସମ୍ବନ୍ଧୀୟ ଏକ ତାଲିମ, ସଚେତନତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସକାଳ ୯.୩୦ମିନିଟରୁ ଆରମ୍ଭ ହୋଇ ଅପରାହ୍ନ ୫.୩୦ମିନିଟରେ ଶେଷ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ଉକ୍ତ ତାଲିମର ଉପଦେୟତା ସମ୍ପର୍କରେ ଅବଗତ କରାଇଥିଲେ। ସେହିପରି ରାଜନଗର ତହସିଲଦାର




ଅଜୟ କୁମାର ମହାନ୍ତି ବସୁନ୍ଧରା ଯୋଜନାର କାର୍ଯ୍ୟକାରିତା ଓ ଜିଲ୍ଲାରେ ଚାଲିଥିବା ସର୍ଭେ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସୂଚନା ପ୍ରଦାନ କରାଯାଇଥିଲା ଯେ କେନ୍ଦ୍ରାପଡ଼ା ଜିଲ୍ଲାର ମୋଟ ୧୫୯୫ଗ୍ରାମ ମଧ୍ୟରୁ ଏ ପର୍ଯ୍ୟନ୍ତ ୭୨୧ ଗ୍ରାମରେ ଭୂମିହୀନ ପରିବାର ସମ୍ପର୍କରେ ସର୍ଭେ କରାଯାଇଛି। ଭୂମିହୀନ ଜମି ବସୁନ୍ଧରା ଯୋଜନାରେ ପାଇବା ପାଇଁ ମୋଟ ୧୨୪୭ ଜଣ ଦରଖାସ୍ତକାରୀ ଆବେଦନ କରିଥିବା ବେଳେ ଅନୁସୂଚିତ ଜନ ଜାତି-୨, ଅନୁସୂଚିତ ଜାତି-୧୧୦, ଏସସିବିସି-୭୦ ଓ ଅନ୍ୟାନ୍ୟ-୧୦୬୫ ଅଛନ୍ତି। ଓପିଏଲ୍ଇ ଆକ୍ଟରେ ଏସି-୨,ଏସସିବିସି-୧୩, ଅନ୍ୟାନ୍ୟ-୧୧ ମୋଟ ୨୬ ଜଣ ଭୂମିହୀନ ପରିବାର ସରକାରୀ ଜମି ଦାଖଲରେ ଅଛନ୍ତି। ସୂଚନା ଯୋଗ୍ୟ ଯେ ୧୯୭୪-୭୫ ମସିହା ପରଠାରୁ ପ୍ରତ୍ୟେକ ଗୃହହୀନ ପରିବାରକୁ ସରକାରୀ ଜମି ଯୋଗାଇ ଦିଆଯାଉଛି। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବାକୁ ସରକାରଙ୍କ ସର୍ବୋଚ୍ଚ ସ୍ତରରୁ କ୍ଷେତ୍ରସ୍ତର ପର୍ଯ୍ୟନ୍ତ ଜୋରଦାର ପ୍ରୟାସ କରାଯାଉଛି। ୨୦୦୪-୦୫ ମସିହାର ସର୍ଭେ ରପୋର୍ଟ ଅନୁଯାୟୀ ରାଜ୍ୟରେ ପ୍ରାୟ ୨,୪୯,୩୩୪ ଗୃହହୀନ ପରିବାର ଥିଲେ। ୨୦୦୫-୦୮ ମସିହା ଅର୍ଥାତ ୩ ବର୍ଷ ମଧ୍ୟରେ ୨,୨୯,୮୮୫ ସଂଖ୍ୟାର ଗୃହହୀନ ପରିବାରକୁ ହୋମଷ୍ଟେଡ ଜମି ଯୋଗାଇ ଦିଆଯାଇଛି। ଗୃହହୀନ ଓ ଭୂମିହୀନ ବ୍ୟକ୍ତିଙ୍କ ବାର୍ଷିକ ଆୟ ସୀମାକୁ ୧୫,୦୦୦ରୁ ୨୪,୦୦୦କୁ ବୃଦ୍ଧି କରାଯାଇଛି। ଡେପୁଟି କଲେକ୍ଟର (ରେଭିନ୍ୟୁ) କୁଇନି ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶେଷରେ ସେ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ।

## ମହମ୍ମଦ ଫଜଲେ ବାରୀଙ୍କ ବିୟୋଗରେ ଶୋକ



କେନ୍ଦ୍ରାପଡ଼ା,(ନି.ପ୍ର): କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟର ସୁନାମଧନ୍ୟ ପ୍ରାକ୍ତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ମହମ୍ମଦ ଫଜଲେ ରବ୍ଙ୍କ ସୁପୁତ୍ର ତଥା କେନ୍ଦ୍ରାପଡା ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ସହକାରୀ ଶିକ୍ଷକ ପୂର୍ବତନ ଉପ ଜିଲ୍ଲା ଶିକ୍ଷାଧିକାରୀ ମହମ୍ମଦ ଫଜଲେ ବାରୀଙ୍କ ବିୟୋଗରେ ଫକିରାବାଦ୍ ଉର୍ଦ୍ଦୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କେନ୍ଦ୍ରାପଡା ମଣ୍ଡଳ ନିମ୍ନ ପ୍ରାଥମିକ ଶିକ୍ଷକ ସଙ୍ଘ ସଭାପତି ରାଜେନ୍ଦ୍ର ପ୍ରସାଦ ରାଉତଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବରେ ଶିକ୍ଷକ ନେତା ଭ୍ରମରବର ରାଉତଙ୍କ ସମେତ କେନ୍ଦ୍ରାପଡା ଏବଂ ଡେରାବିଶ ବ୍ଲକର ଶିକ୍ଷକ ଓ ଶିକ୍ଷିକାମାନେ ଯୋଗଦେଇ ସ୍ୱର୍ଗତ ବାରୀସାର୍ଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ବାରୀ ଜଣେ ଆଦର୍ଶ ଶିକ୍ଷକ, ସଚ୍ଚୋଟ ପ୍ରଶାସନିକ ଅଧିକାରୀ ଓ ସରଳ ଜୀବନ ଯାପନ କରୁଥିବା ଜଣେ ଭଲ ମଣିଷ ଥିଲେ ବୋଲି ବକ୍ତାମାନେ କହିଥିଲେ। ଏହି ଶୋକ ସଭାରେ ସେକ୍ ମନସୁର ଅଲ୍ଲୀ, ସେଖ ରଇସୁଦ୍ଦିନ୍, ଜୟଶ୍ରୀ ଦାସ, ସେଖ ବରକାତୁଲ୍ଲା, ମହମ୍ମଦ ସିଦ୍ଦିକ, ସେଖ ଅବଦୁଲ ହସରତ୍, ସେଖ ଜିଆଉଲ୍ କରିମ୍, ମୀର ରଫିକ୍ ପ୍ରମୁଖ ଶତାଧିକ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯୋଗଦେଇ ସ୍ୱର୍ଗତ ବାରୀ ସାରଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ବୈଶାଳୀ ଫାର୍ମା ୧:୧ ବୋନସ୍ ଇସ୍ୟୁ ଏବଂ ୧:୫ ଷ୍ଟକ ବିଭାଜନ ସୁପାରିଶ

ଭୁବନେଶ୍ୱର,୯।୯ (ମହାଭାରତ): ମୁମ୍ବଇସ୍ଥିତ ବୈଶାଳୀ ଫାର୍ମା ଲିମିଟେଡ (ଏନ୍ଏସଇ- ଭିଏଆଇଏସ୍ଏଚଏଏଲ୍ଆଇ)ର ବୋର୍ଡ ଅଫ ଡାଇରେକ୍ଟର୍ସ ନିକଟରେ ୧:୧ରେ ବୋନସ୍ ଇକ୍ୱିଟି ସେୟାର ଇସ୍ୟୁ କରିବା (ରେକର୍ଡ ତାରିଖ ସୁଦ୍ଧା କମ୍ପାନୀରେ ଧାରଣ କରାଯାଇଥିବା ପ୍ରତ୍ୟେକ ୧ଟି ଇକ୍ୱିଟି ସେୟାର ନିମନ୍ତେ ୧ଟି ବୋନସ୍ ସେୟାର ଇକ୍ୱିଟି) ସହିତ ଆବଶ୍ୟକ ନିୟାମକ ଏବଂ ଅଂଶୀଦାରଙ୍କ ଅନୁମୋଦନ ପରେ ଷ୍ଟକ ବିଭାଜନ ପ୍ରସ୍ତାବକୁ ୨୦୨୪ ଅଗଷ୍ଟ ୨୮ ତାରିଖରେ ଅନୁଷ୍ଠିତ ବୈଠକରେ ସୁପାରିଶ କରିଥିଲା। କମ୍ପାନୀ ପ୍ରତ୍ୟେକ ୧୦ ଟଙ୍କା ଫେସ୍ ଭାଲ୍ୟୁ ବିଶିଷ୍ଟ ୧ଟି ଇକ୍ୱିଟି ସେୟାରକୁ ପ୍ରତ୍ୟେକ ୨ ଟଙ୍କା ଫେସ୍ ଭାଲ୍ୟୁ ବିଶିଷ୍ଟ ପାଞ୍ଚଟି ଇକ୍ୱିଟି ସେୟାର୍‌ରେ ଉପବିଭାଜନକୁ ଅନୁମୋଦନ କରିଛି। ସମ୍ପ୍ରତି ରହିଥିବା ଅଂଶୀଦାରଙ୍କୁ ପୁରସ୍କୃତ କରିବା, ନଗଦ ଅର୍ଥ ପ୍ରବାହରେ ବୃଦ୍ଧି ଘଟାଇବା ଏବଂ ଅଂଶୀଦାର ଭିତ୍ତି ପରିବ୍ୟାପ୍ତ କରିବା ଲକ୍ଷ୍ୟରେ ବୋନସ୍ ଇସ୍ୟୁ କରାଯାଉଛି।

## ଏନଏସ୍ଇ ବୁଲ୍ ପ୍ରତିମୂର୍ତ୍ତି ଓ କଫି ଟେବୁଲ୍ ବୁକ୍‌ର ଉନ୍ମୋଚିତ

ଭୁବନେଶ୍ୱର,୯।୯ (ମହାଭାରତ): ମହାରାଷ୍ଟ୍ର ରାଜ୍ୟପାଳ ଶ୍ରୀ ସିପି ରାଧାକ୍ରିଷ୍ଣନ ମୁମ୍ବାଇ ସ୍ଥିତ ଏନ୍ଏସ୍ଇ ମୁଖ୍ୟ କାର୍ଯ୍ୟାଳୟରେ ଏନ୍ଏସ୍ଇର ଏମ୍ଡି ଓ ସିଇଓ ଆଶିଷ ଚୌହ୍ୱାନଙ୍କ ସହ ଆଇକନିକ୍ ଏନ୍ଏସ୍ଇ ବୁଲ୍ ପ୍ରତିମୂର୍ତ୍ତିକୁ ଉଦ୍‌ଘାଟନ କରିଥିବା ବେଳେ “ଦି ଜର୍ଣ୍ଣି ଅଫ ଏମ୍ପାଓ୍ୱରିଂ ୧.୪ ବିଲିଅନ୍ ଡ୍ରିମ୍ସ’ ନାମକ କଫି ଟେବୁଲ୍ ବୁକ୍‌କୁ ଉନ୍ମୋଚନ କରିଛନ୍ତି।

ଏନ୍ଏସ୍ଇ ବୁଲ୍ ପ୍ରତିମୂର୍ତ୍ତି ଦୃଢ଼ତା, ଶକ୍ତି ଓ ସ୍ଥିରତାକୁ ଦର୍ଶାଉଛି ଯାହା ଭାରତର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ପ୍ରମୁଖ ଆବଶ୍ୟକତା। ଏହାର ଚାରି ପାଖରେ ଭାରତର ବିବିଧ ପୃଷ୍ଠଭୂମିର ଲୋକ ଯଥା ସ୍କୁଲ ଯାଉଥିବା ବାଳକ, ଜଣେ ଗ୍ରାମୀଣ ମହିଳା ଏବଂ ପ୍ରଫେସନାଲଙ୍କ ସ୍ଥାପତ୍ୟ କଳା ରହିଛି ଯାହା ଭାରତର ନିବେଶ ପୃଷ୍ଠଭୂମିରେ ଏକତା ଓ ଅନ୍ତର୍ଭୁକ୍ତୀକରଣକୁ ଦର୍ଶାଉଛି

ସେହିପରି, ଏନ୍ଏସ୍ଇର କଫି ଟେବୁଲ୍ ବୁକ୍ “ଦି ଜର୍ଣ୍ଣି ଅଫ ଏମ୍ପାଓ୍ୱରିଂ ୧.୪ ବିଲିଅନ ଡ୍ରିମ୍ସ’ ହେଉଛି ଏନଏସଇର ଅଭ୍ୟୁଦୟ ଓ ଗତ ୩୦ ବର୍ଷ ମଧ୍ୟରେ ଭାରତର ଅଭିବୃଦ୍ଧି କାହାଣୀ ପ୍ରତି ଯୋଗଦାନ। ୧୯୯୪ରେ ଶୁଭାରମ୍ଭ ହେବା ପରଠାରୁ ଗତ ୩୦ ବର୍ଷ ମଧ୍ୟରେ ଭାରତୀୟ ପୁଂଜି ବଜାରରେ ଏନଏସ୍ଇ ବିପ୍ଳବ ଆଣିପାରିଛି। ଏହି କଫି ଟେବୁଲ୍ ବୁକ୍ ହେଉଛି ଭାରତୀୟ ପୁଂଜି ବଜାର ଯାତ୍ରାରେ ରହିଥିବା ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟଗୁଡ଼ିକର ପ୍ରତୀକ। ଭାରତ ବିଶ୍ୱର ପଂଚମ ବୃହତ ଅର୍ଥନୀତି ଓ ଚତୁର୍ଥ ବୃହତ ପୁଞ୍ଜି ବଜାର ହୋଇଥିବା ବେଳେ ବରାଦ ସଂଖ୍ୟା ଓ ଟ୍ରେଡ୍ ଦୃଷ୍ଟିରୁ ଏନଏସଇ ହେଉଛି ବିଶ୍ୱର ସର୍ବବୃହତ ଷ୍ଟକ୍ ଏକ୍ସଚେଂଜ୍। ଏନ୍ଏସ୍ଇ କେବଳ ଏକ ଆର୍ଥିକ ଅନୁଷ୍ଠାନ ନୁହେଁ, ଏହା ହେଉଛି ଭାରତର ଅଭିବୃଦ୍ଧି ଓ ଆକାଂକ୍ଷାର ପ୍ରତିକ। ନିବେଶକଙ୍କ ମଧ୍ୟରେ ଏନଏସଇ ସୃଷ୍ଟି କରିଥିବା ବିଶ୍ୱାସ ଉଲ୍ଲେଖନୀୟ। ତାହାକୁ କେବଳ ଅଭିବୃଦ୍ଧି କୁହାଯାଇପାରିବ ନାହିଁ। ତାହା ହେଉଛି ଏକ ବିପ୍ଳବ। ସାରା ବିଶ୍ୱରୁ ଏନଏସଇ ନିବେଶ ହାସଲ କରିପାରିଛି। ଏନଏସଇର ଭୂମିକା ବିନା ବିକଶିତ ଭାରତ ସମ୍ଭବପର ନୁହେଁ।’’

## ବନ୍ଧନ ବ୍ୟାଙ୍କ ପକ୍ଷରୁ ଦ୍ରବ୍ୟ ଓ ସେବା ଟିକସ ସହଜ ପୈଠ ଲାଗି ସେବା ଶୁଭାରମ୍ଭ

ଭୁବନେଶ୍ୱର,୯।୯ (ମହାଭାରତ): ବନ୍ଧନ ବ୍ୟାଙ୍କ ପକ୍ଷରୁ ଘୋଷଣା କରାଯାଇଛି ଯେ ଗ୍ରାହକ ଓ ଅଣ-ଗ୍ରାହକମାନଙ୍କଠାରୁ ଅନଲାଇନ୍ ଓ ଅଫ୍‌ଲାଇନ୍‌ରେ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ସଂଗ୍ରହ କରିବା ଲାଗି ଏକ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। ଏହା ଦ୍ୱାରା ବ୍ୟାଙ୍କର ଗ୍ରାହକ ଓ ଅନ୍ୟ ଟିକସଦାତାମାନଙ୍କ ଲାଗି ଜିଏସ୍‌ଟି ପ୍ରଦାନ କରିବା ସହଜ ହେବ।

ଏହି ସୁବିଧା ଫଳରେ ବ୍ୟାଙ୍କର ଖୁଚୁରା ଇଂଟରନେଟ୍ ବ୍ୟାଙ୍କିଙ୍ଗ ଓ କର୍ପୋରେଟ୍ ଇଂଟରନେଟ୍ ବ୍ୟାଙ୍କିଙ୍ଗ ପ୍ଲାଟଫର୍ମରେ ବ୍ୟାଙ୍କର ଗ୍ରାହକ ଓ ଅନ୍ୟମାନେ ଶୀଘ୍ର, ନିରବଚ୍ଛିନ୍ନ ଓ ସୁବିଧାରେ ସେମାନଙ୍କ ଦ୍ରବ୍ୟ ଓ ସେବା ଟିକସ ପ୍ରଦାନ କରିପାରିବେ। ନଗଦ ରାଶି, ଚେକ୍ କିମ୍ବା ଡିମାଣ୍ଡ ଡ୍ରାଫ୍‌ଟ ଜରିଆରେ ସେମାନେ ବ୍ୟାଙ୍କର ଯେକୌଣସି ଶାଖାରେ ମଧ୍ୟ ଟିକସ ପଇଠ କରିପାରିବେ।

ଦେଶର ୩୬ ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ମଧ୍ୟରୁ ବନ୍ଧନ ବ୍ୟାଙ୍କ ୩୫ ଟିରେ ଉପସ୍ଥିତ ଥିବା ବେଳେ ଏହାର ୬୩୦୦ରୁ ଅଧିକ ବ୍ୟାଙ୍କିଙ୍ଗ ଆଉଟ୍‌ଲେଟ୍ ଜରିଆରେ ୩.୪୪ କୋଟି ଗ୍ରାହକଙ୍କୁ ସେବା ପ୍ରଦାନ କରୁଛି। ଏ ସମ୍ପର୍କରେ ବନ୍ଧନ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ମୁଖ୍ୟ ବ୍ୟବସାୟ ଅଧିକାରୀ ରାଜିନ୍ଦର ବବର୍ କହିଛନ୍ତି ଯେ, “ସରକାରୀ ସେବାକୁ ଗ୍ରାହକଙ୍କ ନିକଟତର କରିବା ଲାଗି ଆମର ରହିଥିବା ଉଦ୍ୟମ ଦିଗରେ ଜିଏସ୍‌ଟି ରାଜସ୍ୱ ସଂଗ୍ରହର ଶୁଭାରମ୍ଭ ହେଉଛି ଆଉ ଏକ ମାଇଲଖୁଂଟ। ନାଗରିକମାନଙ୍କ ଲାଗି ବ୍ୟବସାୟକୁ ସହଜ କରିବା ଉପରେ ସରକାର ଗୁରୁତ୍ୱାରୋପ କରୁଥିବା ବେଳେ ବନ୍ଧନ ବ୍ୟାଙ୍କରେ ଆମେ ଆମର ଉତ୍କୃଷ୍ଟ ଡିଜିଟାଲ୍ ଓ ପ୍ରଯୁକ୍ତି ଦକ୍ଷତା ଜରିଆରେ ସକାରାତ୍ମକ ପ୍ରଭାବ ଆଣିବାକୁ ପ୍ରତିବଦ୍ଧ ରହିଛୁ। ବନ୍ଧନ ବ୍ୟାଙ୍କରେ ଆମେ ଯାହା କରୁ ତାହାର କେନ୍ଦ୍ରରେ ଗ୍ରାହକ କୈନ୍ଦ୍ରୀକତାକୁ ରଖିବା ଲାଗି ଆମେ ପ୍ରତିବଦ୍ଧ ରହିଛୁ। ଆମର ବିଶ୍ୱାସ ରହିଛି ଯେ ଉଲ୍ଲେଖନୀୟ ସେବା ପ୍ରଦାନ କରିବା ଲାଗି ଗ୍ରାହକଙ୍କ ଆବଶ୍ୟକତାକୁ ବୁଝିବା ଓ ଆକଳନ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ।”

## ଗୋଦରେଜ୍ ଆପ୍ଲାଏନ୍ସେସ୍ ପକ୍ଷରୁ ମାନୁଫାକଚରିଂ ଲାଇନ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୯।୯ (ମହାଭାରତ): ଗୋଦରେଜ ଏଂଟରପ୍ରାଇଜେସ ଗ୍ରୁପର ଅଂଶ ଗୋଦରେଜ୍ ଆଣ୍ଡ ବଏସ୍ ପକ୍ଷରୁ ଏଆଇର ଶକ୍ତି ଥିବା ଫ୍ରଂଟ୍ ଲୋଡ୍ ୱାସିଂ ମେସିନ୍ ପାଇଁ ଏକ ସ୍ୱୟଂଚାଳିକ ମାନୁଫାକଚରିଂ ଲାଇନ୍‌ର ଶୁଭାରମ୍ଭ କରାଯାଇଛି। ପୁଣେର ସିରୱାଲରେ ଏକ ଲକ୍ଷ ବର୍ଗଫୁଟରୁ ଅଧିକ ଅଂଚଳରେ ବ୍ୟାପିଥିବା ଏହି ନୂତନ ବ୍ୟବସ୍ଥାରେ ମେସିନ୍, ଟୁଲ୍ସ, ଭିତିଭୂମି ଓ ପ୍ରଚ୍ଛଦ ସମନ୍ୱୟ ଲାଗି ୧୦୦ କୋଟି ଟଙ୍କାର ନିବେଶ କରାଯାଇଛି। ସିରୱାଲରେ ଗୋଦରେଜ୍ ଆପ୍ଲାଏନ୍ସେସ୍‌ର ଥିବା ଏହି ବ୍ୟବସ୍ଥା କଂପାନିର ଫ୍ରଂଟ୍ ଲୋଡ୍‌ୱାସିଂ ମେସିନ୍‌କ୍ଷମତାରେ ବାର୍ଷିକ ୩ ଲକ୍ଷ ୟୁନିଟ ଯୋଡ଼ିବ। ଏହା କଂପାନିର ଅଟାମେଟିକ୍ ୱାସିଂ ମେସିନ୍ ପୋର୍ଟଫୋଲିଓକୁ ପ୍ରାୟ ଦ୍ୱିଗୁଣିତ କରିବ। ଗ୍ରିନକୋ ପ୍ଲାଟିନମ୍ ପ୍ଲସ ସାର୍ଟିଫିକେସନ୍ ହାସଲ କରିଥିବା ଏହି କାରଖାନାରେ ରେଫ୍ରିଜରେଟର, ଏୟାର କଣ୍ଡିସନର, ସେମି ଓ ଟପ-ଲୋଡ ୱାସିଂ ମେସିନ, ମେଡିକାଲ ରେଫ୍ରିଜରେଟର, ଇନସୁଲିକୁଲ ଓ କ୍ୟୁବ୍ ଭଳି ଅନ୍ୟାନ୍ୟ ଆପ୍ଲାଏନ୍ସେସ୍‌ର ମଧ ଉତ୍ପାଦନ କରାଯିବ।

## ଭାରତରେ ବିଶ୍ୱ ସମବାୟ ସମ୍ମିଳନୀ

ଭୁବନେଶ୍ୱର,୯।୯ (ମହାଭାରତ): ବିଶ୍ୱସ୍ତରରେ ସମବାୟ ଆନ୍ଦୋଳନ ନିମନ୍ତେ ରହିଥିବା ପ୍ରମୁଖ ଓ ସର୍ବପୁରାତନ ସଂସ୍ଥା ଇଂଟରନ୍ୟାସନାଲ କୋଅପରେଟିଭ ଆଲାଏନ୍ସ (ଆଇସିଏ)ର ଦୀର୍ଘ ୧୩୦ ବର୍ଷ ଇତିହାସରେ ପ୍ରଥମ ଥର ପାଇଁ ଇଫକୋ ପ୍ରୟାସରେ, ଆଇସିଏ ସାଧାରଣ ପରିଷଦ ବୈଠକ ଏବଂ ବିଶ୍ୱ ସମବାୟ ସମ୍ମିଳନୀ ଭାରତରେ ଅନୁଷ୍ଠିତ ହେବ। ୨୦୨୩ ଜୁନ୍ ୨୮ ତାରିଖରେ ବ୍ରସେଲ୍ସଠାରେ ଆଇସିଏ ସାଧାରଣ ପରିଷଦ ବୈଠକ ଅବସରରେ ଇଫକୋ ଭାରତରେ ଆଇସିଏ ସାଧାରଣ ପରିଷଦ ବୈଠକ ଏବଂ ବିଶ୍ୱ ସମବାୟ ସମ୍ମିଳନୀ ଆୟୋଜନ କରିବାକୁ ପ୍ରସ୍ତାବ ଦେଇଥିଲା ଏବଂ ବୋର୍ଡ ସଦସ୍ୟମାନେ ସେଥିରେ ରାଜି ହୋଇଥିଲେ। ପୁନଶ୍ଚ ଜାତିସଂଘ ସଂଗଠନ (ୟୁଏନଓ) ମୁଖ୍ୟଦପ୍ତରରେ ଅନୁଷ୍ଠିତ ବୈଠକରେ ନିଷ୍ପତି ନିଆଯାଇଥିଲା ଯେ ଭାରତରେ ବିଶ୍ୱ ସମବାୟ ସମ୍ମିଳନୀ ଅବସରରେ ଜାତିସଂଘ ଆନ୍ତର୍ଜାତିକ ସମବାୟ ବର୍ଷ (ୟୁଏନ ଆଇଓ୍ୱାଇସି ୨୦୨୫)ର ଆନୁଷ୍ଠାନିକ ଶୁଭାରମ୍ଭ କରାଯିବ। ଶ୍ରୀ ଅମିତ ଶାହ, ସମ୍ମାନନୀୟ ସହକାରିତା ମନ୍ତ୍ରୀ, ଭାରତ ସରକାର ଏହି କାର୍ଯ୍ୟକ୍ରମରେ ୨୦୨୪ ନଭେମ୍ବର ୨୫ ତାରିଖ ଅପରାହ୍ନ ୩ଟାରେ ଉପସ୍ଥିତ ରହିବେ। ସେ ବିଶ୍ୱ ସମବାୟ ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବରେ ଅଧ୍ୟକ୍ଷତା କରିବେ। ଆନ୍ତର୍ଜାତିକ ସମବାୟ ବର୍ଷ-୨୦୨୫ ଉପରେ ଏକ ସ୍ମାରକୀ ଡାକଟିକଟ ମଧ୍ୟ କାର୍ଯ୍ୟକ୍ରମ ଅବସରରେ ଉନ୍ମୋଚିତ ହେବ। ଏହି କାର୍ଯ୍ୟକ୍ରମକୁ ସମ୍ମାନନୀୟ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବା ନିମନ୍ତେ ନିବେଦନ କରାଯାଉଛି।

ଶ୍ରୀ ଜେରୋଏନ୍ ଡଗ୍‌ଲାସ- ଡିଜି- ଆଇସିଏ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ ୨୦୨୪ ନଭେମ୍ବର ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀର ଭାରତ ମଣ୍ଡପମ୍, ଆଇଟିପିଓ, ପ୍ରଗତି ମଇଦାନରେ ଅନୁଷ୍ଠିତ ହେବ। ଶ୍ରୀ ଜେରୋଏନ୍ ଡଗ୍‌ଲାସ ଏହି ତଥ୍ୟ ଉପରେ ଜୋର୍‌ଦେ କହିଥିଲେ ଯେ, “ଏହି କାର୍ଯ୍ୟକ୍ରମର ଆୟୋଜକ ଇଫକୋ ହେଉଛି ଆଇସିଏର ପ୍ରମୁଖ ଅଂଶୀଦାର ଏବଂ ବିଶ୍ୱ ସମବାୟ ମନିଟର (ଡବ୍ଲ୍ୟୁସିଏମ୍)ରେ ବିଶ୍ୱରେ କ୍ରମାଗତ ତିନିବର୍ଷ ଧରି ୧ ନମ୍ବର ର୍ୟାଙ୍କ ହାସଲ କରିଆସିଛି (କାରବାର/ମୁଣ୍ଡପିଛା ଜିଡିପି ଆଧାରରେ)।”

# ଭାରତୀୟ ହକି ଟିମର କ୍ରମାଗତ ଦ୍ୱିତୀୟ ବିଜୟ

## ଜାପାନ ବିପକ୍ଷରେ ଶତକ ପ୍ରତିଶତ ରେକର୍ଡ, ୫-୧ରେ ହରାଇଲା



**ନୂଆଦିଲ୍ଲୀ,୯।୯:** ଏସିଆନ ଚମ୍ପିୟନ୍ସ ଟ୍ରଫିରେ ଭାରତୀୟ ହକି ଟିମର ବିଜୟ ଧାରା ଜାରି ରହିଛି। ପ୍ରଥମ ମ୍ୟାଚ୍‌ରେ ଚାଇନାକୁ ମାତ ଦେଇଥିବା ହକି ଟିମ ଆଜି ଜାପାନକୁ ଏକତରଫା ଭାବେ ୫-୧ରେ ଚିତ କରିଛି। ଆଜିର ମ୍ୟାଚ୍‌ରେ ଭାରତୀୟ ହକି ଟିମ ଆରମ୍ଭରୁ ହିଁ ନିଜ ଦବଦବା ଦେଖାଇଥିଲା। ପ୍ରଥମ ୨ ମିନିଟରେ ୨ଟି ଗୋଲ ସ୍କୋର କରି ଦଳ ଅଗ୍ରଣୀ ହାସଲ କରିଥିଲା।

ଦ୍ୱିତୀୟ କ୍ୱାର୍ଟରର ଦ୍ୱିତୀୟ ମିନିଟରେ ଦଳ ଆଉ ଗୋଟିଏ ଗୋଲ କରି ଲିଡ୍‌କୁ ୩-୦ କରି ନେଇଥିଲା। ହାଫ ଟାଇମ ସୁଦ୍ଧା ୦-୩ରେ ପଛରେ ଥିବା ଜାପାନ କମବ୍ୟାକ କରିବାକୁ ଚେଷ୍ଟା କରିଥିଲା ଏଥିସହ ତୃତୀୟ କ୍ୱାର୍ଟର ସରିବାକୁ ୪ ମିନିଟ ବାକି ଥିବା ବେଳେ କାଜୁମାସା ମାଟସୁମୋଟୋ ଗୋଟିଏ ଗୋଲ ଦେଇଥିଲେ।

ଶେଷ ତଥା ୪ର୍ଥ କ୍ୱାର୍ଟରରେ ଜାପାନ ଆଟାକ କରିଥିଲେ ହେଁ ଭାରତ ସବୁ କିଛି ଉଦ୍ୟମକୁ ପଣ୍ଡ କରି ଦେଇଥିଲା ବରଂ ଏହି କ୍ୱାର୍ଟରରେ ଉତ୍ତମ ସିଂହ ଓ ସୁଖଜୀତ ସିଂହ ଭାରତ ପାଇଁ ଦୁଇଟି ଗୋଲ ସ୍କୋର କରିଥିଲେ ଶେଷରେ ଭାରତ ୫-୧ରେ ମ୍ୟାଚ୍ ଜିତିବା ସହ ଜାପାନ ବିପକ୍ଷରେ ନିଜର ୧୦୦% ବିଜୟ ରେକର୍ଡ ବଳବତ୍ତର ରଖିଛି। ଭାରତ ପକ୍ଷରୁ ମ୍ୟାଚ୍‌ର ଦ୍ୱିତୀୟ ମିନିଟରେ ସୁଖଜୀତ ସିଂହ ଓ କିଛି ସେକେଣ୍ଡ ମଧ୍ୟରେ ଅଭିଷେକ ଗୋଲ କରିଥିଲେ। ମ୍ୟାଚ୍‌ର ୧୭ ତମ ମିନିଟରେ ଭାରତକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ସଞ୍ଜୟ ଗୋଲରେ ପରିଣତ କରିଥିଲେ। ଶେଷ କ୍ୱାର୍ଟରରେ ଜରମନପ୍ରୀତଙ୍କ ସୁନ୍ଦର ପାସକୁ ଗୋଲରେ ବଦଳାଇ ଉତ୍ତମ ସିଂହ(୫୪ତମ ମିନିଟ) ଭାରତକୁ ୪-୧ରେ ଆଗୁଆ କରି ଦେଇଥିଲେ। ମ୍ୟାଚ୍ ସରିବାକୁ ଆଉ ମାତ୍ର କିଛି ସେକେଣ୍ଡ ଥିବା ବେଳେ ସୁଖଜୀତ ମ୍ୟାଚ୍‌ରେ ଦ୍ୱିତୀୟ ଓ ଦେଶ ପାଇଁ ୫ମ ଗୋଲ ସ୍କୋର କରିଥିଲେ। ଭାରତ ଆସନ୍ତା ବୁଧବାର ଏସିଆନ ଚମ୍ପିୟନ୍ସ ଟ୍ରଫିର ତୃତୀୟ ମ୍ୟାଚ୍‌ରେ ମ୍ୟାଲେସିଆକୁ ଭେଟିବ। ମଙ୍ଗଳବାରକୁ ବିଶ୍ରାମ ଦିବସ ଭାବେ ରଖାଯାଇଛି।

# ୨୦୩୦ ଯୁବ ଅଲିମ୍ପିକ୍ସ ଓ ୨୦୩୬ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ଆୟୋଜନ ସ୍ୱପ୍ନ

ନୂଆଦିଲ୍ଲୀ,୯।୯: ୨୦୩୦ରେ ଯୁବ ଅଲିମ୍ପିକ୍ସ ଓ ୨୦୩୬ରେ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ଆୟୋଜନ ପାଇଁ ଭାରତ ବିଡ୍ କରିବ ବୋଲି ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡ. ମନସୁଖ ମାଣ୍ଡବ୍ୟ କହିଛନ୍ତି। ନୂଆଦିଲ୍ଲୀଠାରେ ୪୪ତମ ଅଲିମ୍ପିକ୍ କାଉନସିଲ୍ ଅଫ୍ ଏସିଆ। ସାଧାରଣ ସଭାକୁ ସମ୍ବୋଧିତ କରି ସେ କହିଥିଲେ ଯେ ସରକାର କ୍ରୀଡ଼ା ବଜେଟକୁ ୨୦୧୪-୧୫ରେ ପ୍ରାୟ ୧୪୩ ନିୟୁତ ଡଲାରରୁ ବର୍ତ୍ତମାନ ପ୍ରାୟ ୪୭୦ ନିୟୁତ ଡଲାରକୁ ବୃଦ୍ଧି କରିଛନ୍ତି। ଏହା ଏସୀୟ କ୍ରୀଡ଼ାରେ ୧୦୭ ଓ ଏସୀୟ ପାରା ଗେମ୍ସରେ ୧୧୧ ପଦକ ସହ ଦେଶର ଅସାଧାରଣ ପ୍ରଦର୍ଶନରେ ସହାୟକ ହୋଇଛି।

ଏହି ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା କହିଛନ୍ତି ଯେ ଅଲିମ୍ପିକ୍ସ କାଉନସିଲ ଅଫ୍ ଏସିଆ। ନିଜେ ପ୍ରମାଣ କରୁଛି ଯେ କ୍ରୀଡ଼ା କିପରି ଏକ ବିବିଧ ଗୋଷ୍ଠୀକୁ ଏକାଠି କରିପାରିବ ଏବଂ ଭାଇଚାରାର ଭାବନା ସୃଷ୍ଟି କରିପାରିବ। ସେ କହିଛନ୍ତି ଯେ ନିଆଯାଇଥିବା ନିଷ୍ପତ୍ତି ଏସୀୟ କ୍ରୀଡ଼ାବିତଙ୍କ ଭବିଷ୍ୟତ ଗଠନରେ ସହାୟକ ହେବ।

# ଗ୍ରେଟର ନୋଏଡା ଷ୍ଟାଡିୟମ ନେଇ ଆଫଗାନିସ୍ତାନ ଅସନ୍ତୁଷ୍ଟ





## ଓଦା ଆଉଟ୍‌ଫିଲ୍ଡ ପାଇଁ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଦିନ ଖେଳ ବାତିଲ

ଗ୍ରେଟର ନୋଏଡ଼ା: ଆଫଗାନିସ୍ତାନ କ୍ରିକେଟ୍ ଦଳ ସଂପ୍ରତି ଭାରତରେ ରହିଛି। ଦଳ ଏଠାରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବିପକ୍ଷରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ଖେଳୁଛି। ଆଫଗାନିସ୍ତାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଏହି ଟେଷ୍ଟ ମ୍ୟାଚ୍ ସେପ୍ଟେମ୍ବର ୯ରୁ ସେପ୍ଟେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଗ୍ରେଟର ନୋଏଡ଼ାର ସହୀଦ ବିଜୟ ସିଂ ପଥିକ ଷ୍ଟାଡିୟମରେ ଖେଳା ଯାଉଛି।

ମାତ୍ର ମ୍ୟାଚ୍‌ର ପ୍ରଥମ ଦିନରେ ବର୍ଷାର ପ୍ରଭାବ ଦେଖିବାକୁ ମିଳିଛି। ଓଦା ଆଉଟଫିଲ୍ଡ କାରଣରୁ ଖେଳ ଆରମ୍ଭ ହୋଇ ପାରିନି। ମ୍ୟାଚ୍‌ର ପ୍ରଥମ ଦିନର ଖେଳ ବିନା ବଲ୍‌ରେ ଧୋଇ ହୋଇ ଯାଇଛି।ତେବେ ଷ୍ଟାଡିୟମରେ ରହିଥିବା ଅସୁବିଧାକୁ ନେଇ କ୍ଷୋଭ ପ୍ରକାଶ କରିଛି ଆଫଗାନିସ୍ତାନ କ୍ରିକେଟ୍ ପ୍ରବନ୍ଧକ। ଉଲ୍ଲେଖନୀୟ ଆଫଗାନିସ୍ତାନ ଦଳ ନିଜର ଘରୋଇ ମୁକାବିଲା ଭାରତ ଓ ୟୁଏଇ ମାଟିରେ ଖେଳିଥାଏ। ଦଳ ଭାରତର ଗ୍ରେଟର ନୋଏଡା, ଲକ୍ଷ୍ନୌ ଓ ଡେରାଡୁନ ଏହି ତିନି ଗ୍ରାଉଣ୍ଡକୁ ନିଜର ଘରୋଇ ପଡ଼ିଆ ଭାବେ ବ୍ୟବହାର କରି ଆସିଛି। ଅଧିକାରୀ କହିଛନ୍ତି, ତାଙ୍କ ଦଳ ଏହି ଷ୍ଟାଡିୟମର ବ୍ୟବସ୍ଥାକୁ ନେଇ ଆଦୌ ଖୁସି ନାହାନ୍ତି। ସେମାନେ ଆଉ କେବେ ବି ଏହି ଷ୍ଟାଡିୟମକୁ ଆସିବେ ନାହିଁ। ଏଠାକାର ଭୋଜନଠୁ ନେଇ ଟ୍ରେନିଂ ସୁବିଧା ପର୍ଯ୍ୟନ୍ତ ସବୁଥିରେ ଅବ୍ୟବସ୍ଥା ରହିଛି।ଏହାକୁ ନେଇ ଦଳର ଖେଳାଳି ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଏସିବିର ଅଧିକାରୀ କହିଛନ୍ତି, ଏହି ଷ୍ଟାଡିୟମକୁ କେବେ ଆଉ ଆସିବୁ ନାହିଁ।ଏଠାରେ ଆନୁସଙ୍ଗିକ ସୁବିଧା ବି ନାହିଁ।ଏହା ସଂପୂର୍ଣ୍ଣ ଭାବେ ଅବ୍ୟବସ୍ଥିତ ଜାଗା। ତେଣୁ ଏବେ ଲକ୍ଷ୍ନୌ ଆମର ପ୍ରାଥମିକତା ରହିବ। ଆଫଗାନିସ୍ତାନ ଦଳର ଅଧିନାୟକ ହସମତୁଲ୍ଲା ସାହିଦି ମଧ୍ୟ ଉନ୍ନତ ଭେନ୍ୟୁ ମିଳିବା ନେଇ ଆଶା ପ୍ରକାଶ କରିଛନ୍ତି। ଥରେ ଭଲ ଭେନ୍ୟୁ ମିଳିଗଲେ ସେଠି ନିୟମିତ କ୍ରିକେଟ୍ ଖେଳିବୁ। ଭାରତ ହେଉଛି ଆମର ଘର। ଆଶା କରୁଛି ଭାରତରେ ଆମକୁ ଭଲ ଷ୍ଟାଡିୟମ ମିଳିବ।

# ପାରାଦୀପରେ ୨୫ରୁ ସାହାଣୀ ଫୁଟବଲ କପ

## ଫାଓ ବିଶେଷଜ୍ଞ ଦଳର ଗୋପବନ୍ଧୁ ଷ୍ଟାଡିୟମ ପରିଦର୍ଶନ



ପାରାଦୀପ,୯।୯: ପାରାଦୀପ ବନ୍ଦର ଓ ଫୁଟବଲ ଆସୋସିଏସନ ଓଡିଶା ଆନୁକୂଲ୍ୟରେ ପ୍ରଥମ ଥର ପାଇଁ ପାରାଦୀପ ସ୍ଥିତ ଗୋପବନ୍ଧୁ ଷ୍ଟାଡିୟମ ଠାରେ ଆସନ୍ତା ସେପ୍ଟେମ୍ବର ମାସ ୨୫ ରୁ ଅକ୍ଟୋବର ମାସ ୨ ତାରିଖ ପର୍ଯ୍ୟନ୍ତ ଆନ୍ତଃ ଜିଲ୍ଲା ସିନିୟର ଫୁଟବଲ ଟୁର୍ଣ୍ଣାମେଣ୍ଟ 'ସାହାଣୀ କପ' ଆୟୋଜିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଓଡିଶା ଫୁଟବଲ ଆସୋସିଏସନ ର ଏକ ୪ ଜଣିଆ ବିଶେଷଜ୍ଞ କମିଟି ଗତ ରବିବାର ଦିନ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମକୁ ପରିଦର୍ଶନ କରିଥିଲେ। ଏଥିରେ କମିଟିର ସଦସ୍ୟ ମାନେ ଖେଳ ପଡିଆ ର ମାନ, ଖେଳାଳି ମାନଙ୍କ ରହିବା,ଖାଇବା,ଗମନାଗମନ ବ୍ୟବସ୍ଥା, ଚିକିତ୍ସା ସୁବିଧା ଇତ୍ୟାଦି ବିଷୟରେ ଷ୍ଟାଡିୟମର କର୍ତ୍ତୃପକ୍ଷ ସହ ଆଲୋଚନା କରି ବୁଝିଥିଲେ। ଏହି ବୈଠକରେ ଓଡିଶା ଫୁଟବଲ ଆସୋସିଏସନ ବିଶେଷଜ୍ଞ କମିଟି ର ସଦସ୍ୟ ସଚଦେବ ରାଉତ, ବୀରେନ୍ଦ୍ର କୁମାର ବେହେରା, ମାନସ ରଞ୍ଜନ ସାମଲ ଓ ରମେଶ ଚନ୍ଦ୍ର ମଲ୍ଲିକ ଏବଂ ପାରାଦୀପ ବନ୍ଦର ଗୋପବନ୍ଧୁ କ୍ରୀଡା ସଂସଦ ର ଡା.ଦୁର୍ଗା ପ୍ରସାଦ ସେଠୀ, ରବୀନ୍ଦ୍ର କୁମାର ଦାସ, ସଞ୍ଜୟ କୁମାର ଦାସ, ଧ୍ରୁବ ଚନ୍ଦ୍ର ତରାଇ, ଶିଶିର କୁମାର ପତି ଓ ବିପ୍ଳବ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ପନ୍ତ ହେବେ ଟେଷ୍ଟର ବାଦ୍‌ଶାହା : ଗାଙ୍ଗୁଲି





ନୂଆଦିଲ୍ଲୀ,୯।୯: ଟିମ ଇଣ୍ଡିଆର ତାରକା ଖେଳାଳି ବିରାଟ କୋହଲିଙ୍କୁ ଆଧୁନିକ କ୍ରିକେଟର ଶ୍ରେଷ୍ଠ ଖେଳାଳି ଭାବେ ବିବେଚନା କରାଯାଏ। ଯେତେବେଳେ ଟେଷ୍ଟ ଫର୍ମାଟ କଥା ଆସେ, ଜୋ ରୁଟଙ୍କ ନାମ ଆଜିକାଲି ଆଗରେ ଅଛି। କୁହାଯାଏ ଯେ, ରୁଟ ଟେଷ୍ଟରେ ସର୍ବାଧିକ ରନ ସ୍କୋର କରିବାର ରେକର୍ଡ ମଧ୍ୟ ଭାଙ୍ଗିପାରେ। ଏସବୁ ମଧ୍ୟରେ ଟିମ ଇଣ୍ଡିଆର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ଏକ ବଡ଼ ଭବିଷ୍ୟବାଣୀ କରିଛନ୍ତି।

ଭାରତୀୟ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ସବୁ ସମୟର ଟେଷ୍ଟ କ୍ରିକେଟର ଶ୍ରେଷ୍ଠ ଖେଳାଳିଙ୍କ ମଧ୍ୟରେ ସାମିଲ କରାଯାଇପାରିବ ବୋଲି ସୌରଭ ଗାଙ୍ଗୁଲି ପୂର୍ବାନୁମାନ କରିଛନ୍ତି। ଏକ ପ୍ରମୋସନାଲ ଇଭେଣ୍ଟରେ ଗାଙ୍ଗୁଲି କହିଛନ୍ତି, ମୁଁ ରିଷଭ ପନ୍ତଙ୍କୁ ଭାରତର ଶ୍ରେଷ୍ଠ ଟେଷ୍ଟ ବ୍ୟାଟ୍ସମ୍ୟାନ ବୋଲି ବିବେଚନା କରେ। ସେ ଭାରତ ପାଇଁ ଟେଷ୍ଟ କ୍ରିକେଟ ଖେଳିବା ଜାରି ରଖିବେ। ଯଦି ସେ ଏହିପରି ପ୍ରଦର୍ଶନ ଜାରି ରଖନ୍ତି, ତେବେ ତାଙ୍କୁ ଟେଷ୍ଟ କ୍ରିକେଟର ସର୍ବକାଳୀନ ମହାନ ଖେଳାଳିଙ୍କ ମଧ୍ୟରେ ସାମିଲ କରାଯିବ। ସେ ଦକ୍ଷ ଏବଂ ମୁଁ ନିଶ୍ଚିତ ଯେ ସେ ଶୀଘ୍ର ଏହା କରିବାରେ ସଫଳ ହେବେ। ଡିସେମ୍ବର ୨୦୨୨ରେ ଏକ କାର ଦୁର୍ଘଟଣାରେ ଆହତ ହେବା ପରେ ପନ୍ତଙ୍କୁ ପ୍ରଥମ ଥର ପାଇଁ ଭାରତୀୟ ଟେଷ୍ଟ ଦଳରେ ସାମିଲ କରାଯାଇଛି। ବାଂଲାଦେଶ ବିପକ୍ଷରେ ଖେଳାଯିବାକୁ ଥିବା ଟେଷ୍ଟ ସିରିଜ ପାଇଁ ସେ ଦଳରେ ମନୋନୀତ ହୋଇଛନ୍ତି ଏଥି ସହିତ ଚେନ୍ନାଇରେ ସେପ୍ଟେମ୍ବର ୧୯ରୁ ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ ପାଇଁ ସେ ପ୍ଲେଇଙ୍ଗ୍-୧୧ରେ ହେବେ ବୋଲି ସମ୍ପୂର୍ଣ୍ଣ ଆଶା ରହିଛି।

# ସୂର୍ଯ୍ୟକୁମାରଙ୍କୁ ଆଣିବାକୁ ଚାହୁଁଛି ଆରସିବି

ନୂଆଦିଲ୍ଲୀ: ଇଣ୍ଡିଆନ୍ ପ୍ରିମିୟର ଲିଗ୍ ୨୦୨୫ରେ ଅନେକ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳିପାରେ। ଆଇପିଏଲ୍‌ର ଆଗାମୀ ସିଜିନକୁ ନେଇ ବେଶ୍ ଚର୍ଚ୍ଚା ଲାଗି ରହିଛି। ଏହା ପୂର୍ବରୁ ଅନୁଷ୍ଠିତ ହେବ ଖେଳାଳିଙ୍କ ମେଗା ନିଲାମୀ ସବୁ ଫ୍ରାଞ୍ଚାଇଜ୍ ୪ ଜଣ ଲେଖାଏଁ ପ୍ଲେୟରଙ୍କୁ ଛାଡି ଅନ୍ୟ ପ୍ଲେୟରଙ୍କୁ କରିବ ରିଲିଜ୍। ଏପରି ହେବା ଦ୍ୱାରା ଅନେକ ପ୍ଲେୟର ଅନ୍ୟ ଟିମ୍ ପାଇଁ ଖେଳୁଥିବା ଦେଖିବାକୁ ମିଳିବେ।



ତେବେ ଆଗାମୀ ସିଜିନ୍‌ରେ ଟ୍ରଫି ପାଇଁ ଜୋରଦାର ପ୍ରୟାସ ଆରମ୍ଭ କରିଛି ଆରସିବି। ଖାସ୍ କରି ଟିମ୍ ମଜବୁତ କରିବାକୁ ଚାହୁଁଛି ଫ୍ରାଞ୍ଚାଇଜ୍। ତେଣୁ ଏକ ନୂଆ। କ୍ୟାପଟେନ୍ ଆଣିବାକୁ ଚେଷ୍ଟା କରୁଛି ଫ୍ରାଞ୍ଚାଇଜ୍। ବର୍ତ୍ତମାନ ଫାଫ୍ ଡୁ ପ୍ଲେସିସ୍ ରିଲିଜ୍ କରିବାକୁ ହେଉଛି ପ୍ରସ୍ତୁତ। ଏଭଳି ପରିସ୍ଥିତିରେ ଫ୍ରାଞ୍ଚାଇଜ୍ ଜଣେ ଭାରତୀୟ ଖେଳାଳିଙ୍କ ଉପରେ ରଖିଛି।ନଜର ଯିଏକି ଆସନ୍ତା କିଛି ବର୍ଷ ମଧ୍ୟରେ ଦଳର ଦାୟିତ୍ୱ ନେଇପାରିବ ଏବଂ ଟିମ୍‌କୁ ପ୍ରଥମ ଟାଇଟଲ୍ ଜିତାଇ ପାରିବ।

ରିପୋର୍ଟ ଅନୁଯାୟୀ, ଆରସିବି ସୂର୍ଯ୍ୟକୁମାର ଯାଦବଙ୍କୁ ନିଜ ଟିମ୍‌କୁ ଆଣିବାକୁ ଚାହୁଁଛି। ରିପୋର୍ଟରେ କୁହାଯାଇଛି କି ଆରସିବି ସୂର୍ଯ୍ୟକୁମାରଙ୍କୁ ଅଧିନାୟକ କରିବାକୁ ଚାହୁଁଛନ୍ତି। ଖେଳାଳିଙ୍କ ପାଇଁ ମୁମ୍ବାଇ ଇଣ୍ଡିଆନ୍ସକୁ ଯେ କୌଣସି ରାଶି ଦେବାକୁ ଫ୍ରାଞ୍ଚାଇଜ୍ ମଧ୍ୟ ପ୍ରସ୍ତୁତ ରହିଛି। ତେବେ ଏହି ଡିଲ୍ କେବଳ ଟ୍ରେଡ୍ ଜରିଆରେ ହୋଇପାରିବ। ଆଇପିଏଲ୍ ନିୟମ ଅନୁଯାୟୀ ସବୁ ଟିମ୍ ମେଗା ଅକ୍ସନ ପୂର୍ବରୁ ୪ଜଣ ଲେଖାଏଁ ପ୍ଲେୟରଙ୍କୁ ନିଜ ପାଖରେ ରଖିପାରିବ ଏବଂ ଅନ୍ୟ ପ୍ଲେୟରଙ୍କୁ କରିବ ରିଲିଜ୍ ଏହାବ୍ୟତୀତ ଅକ୍ସନ ପୂର୍ବରୁ ଟିମ ନିଜ ମଧ୍ୟରେ ଟ୍ରେଡ କରିପାରିବ। ଏଥିରେ ପ୍ଲେୟରଙ୍କର ଅଦଳ-ବଦଳ ହୋଇଥାଏ ନଚେତ୍ ଗୋଟିଏ ଟିମ୍ ଅନ୍ୟ ଟିମ୍‌ରୁ ପ୍ଲେୟରଙ୍କୁ ନେବା ପାଇଁ ଟଙ୍କା ଦେଇଥାଏ । ଯଦି ଆରସିବିକୁ ସୂର୍ଯ୍ୟକୁମାର ଆବଶ୍ୟକ ତେବେ ସେ ମୁମ୍ବାଇ ଠାରୁ ଟ୍ରେଡ କରିପାରିବ। ଆଇପିଏଲ୍ ୨୦୨୫ରେ ରିଟେନ ପ୍ଲେୟରଙ୍କୁ ନେଇ ହୋଇପାରେ ବଡ ପରିବର୍ତ୍ତନ। ଏହି ନିୟମ ଲାଗୁ ହେଲେ ସବୁ ଫ୍ରାଞ୍ଚାଇଜ୍ ନିଜ ରିଟେନ ପ୍ଲେୟରଙ୍କ ସଂଖ୍ୟା ବଢାଇବେ। ଏହି ସଂଖ୍ୟା ୪ରୁ ବଢ଼ି ୬ ହୋଇପାରେ ତେବେ ବିସିସିଆଇ ଏଥିପାଇଁ ପ୍ରସ୍ତୁତ ନୁହେଁ।

# କେନ୍ଦୁଝର କେବିଏଲ ଆମାଜନ ଚମ୍ପିଅନ

ପାଟଣା,୯।୯: ପାଟଣା ବ୍ଲକ ଅନ୍ତର୍ଗତ କଣ୍ଟିଆପଡା ପଞ୍ଚାୟତ ଜାମୁନାଳିଆର ସବୁଜ ବନାନୀ କ୍ଲବ ପକ୍ଷରୁ ଅନୁଷ୍ଠିତ ୧୫ଶ ବାର୍ଷିକ ଫୁଟବଲ ପ୍ରତିଯୋଗିତାରେ କେନ୍ଦୁଝରର କେବିଏଲ ଆମାଜନ ଚମ୍ପିଅନ ହୋଇଛି। ସେହିପରି ରନର୍‌ଅପରେ ଆରଜେପିପି ସାରଙ୍ଗଗଡ଼, ତୃତୀୟରେ ଏଚଏଚ ବଡ ନୂଆଗାଁ ଓ ଚତୁର୍ଥ ଦଳ ଭାବେ ଭାଇ ଭାଇ ଦଳ ସ୍ଥାନ ପାଇ ଯଥାକ୍ରମେ ୬୦ ହଜାର,୪୦ ହଜାର ଓ ୨୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପାଇଛନ୍ତି। ରେଫରୀ ଉତ୍କଳମଣି ବେହେରା, ମହମ୍ମଦ ହାଲିମ, ଜନ୍ମେଜୟ ବେହେରା ଓ ସୁଦର୍ଶନ ଗିରି ଫାଇନାଲ ଖେଳ ପରିଚାଳନା କରିଥିବାବେଳେ ଅରୁଣ କୁମାର ମହାନ୍ତ, ଟଙ୍କଧର ମହାନ୍ତ ଓ ଅନନ୍ତ ଚରଣ ମୁଣ୍ଡା ଧାରା ବିବରଣୀ ପ୍ରଦାନ ସହ ସଭା ସଂଯୋଜନା କରିଥିଲେ। ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ସାଂସଦ ଅନନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ବିଧାୟକ ଅଖିଳ ଚନ୍ଦ୍ର ନାଏକ, ମଇଦାନକେଲ ସରପଞ୍ଚ ଭାଗିରଥି ସିଂ, ଓଡ଼ିଶା କୁଡୁମିସେନା ରାଜ୍ୟ ଉପସଭାପତି ମିତ୍ରଭାନୁ ମହାନ୍ତ, କଣ୍ଟିଆପଡା ସରପଞ୍ଚ ଲିନା ନାଏକ ପ୍ରମୁଖ ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ।

# ଏଲ୍‌ଏସ୍‌ଜିରୁ ବାଦ୍ ପଡ଼ିପାରନ୍ତି ୩ ଖେଳାଳି

ନୂଆଦିଲ୍ଲୀ,୯।୯: ସିଜିନ୍‌ରେ ଦେଖିବାକୁ ମିଳିବ ବଡ ପରିବର୍ତ୍ତନ ଅନେକ ପ୍ଲେୟରଙ୍କୁ ଟିମ୍ କରିବ ରିଟେନ୍ ତ ଆଉ କିଛିକୁ କରିବ ରିଲିଜ୍। ଖୁବ୍‌ଶୀଘ୍ର ଟିମ୍ ରିଟେନ୍ ପ୍ଲେୟରଙ୍କ ନାଁ ଘୋଷଣା କରିବ। ଆଉ ଅନ୍ୟ ପ୍ଲେୟର ଅକ୍ସନ ପାଇଁ ଓହ୍ଲାଇବେ ପଡିଆକୁ ଖାସ୍ କରି ଟିମ୍‌ରେ ଦେଖିବାକୁ ମିଳିବ। ଅନେକ ପରିବର୍ତ୍ତନ ଏହି ଲିଷ୍ଟରେ ରହିଛି ଲକ୍ଷ୍ନୌ ସୁପର ଜଏଣ୍ଟସ୍ ।



ଫ୍ରାଞ୍ଚାଇଜ ନିଜ ଟିମରେ କରିବ ଅନେକ ପରିବର୍ତ୍ତନ ଟିମ୍ ୩ ପ୍ଲେୟରଙ୍କୁ ବିଦା କରିବା ନିଶ୍ଚିତ । ଟିମ୍ କ୍ୱିଣ୍ଟନ୍ ଡି କକ୍ ଏବଂ ଦୀପକ ହୁଡାଙ୍କୁ ଡ୍ରପ୍ କରିବ। ଏହାବ୍ୟତୀତ ନବୀନ ଉଲ୍ ହକଙ୍କ ନାଁ ମଧ୍ୟ ଏହି ତାଲିକାରେ ସାମିଲ୍ ହୋଇଛି। ଖାସ୍ କରି କ୍ୟାପଟେନସିପ୍‌କୁ ନେଇ ଲକ୍ଷ୍ନୌରେ ଦେଖିବାକୁ ମିଳିପାରେ ଉତ୍ତେଜନା। କେ.ଏଲ୍ ରାହୁଲଙ୍କୁ ଅଧିନାୟକ କରିବାକୁ ଟିମ୍ ଆଗ୍ରହ ଦଖାଉନି। ତେଣୁ ରାହୁଲଙ୍କ ଅଧିନାୟକତ୍ୱ ଛଡ଼ାଇ ନିଆଯାଇପାରେ।

ଲକ୍ଷ୍ନୌ କେ.ଏଲ୍ ରାହୁଲଙ୍କୁ ଅଧିନାୟକତ୍ୱରୁ ହଟାଇପାରେ। ଗତ ସିଜନରେ ଟିମର ପ୍ରଦର୍ଶନକୁ ନେଇ ଖୁସି ନଥିଲେ ସଞ୍ଜୀବ ଗୋଏଙ୍କା ଏକଥାକୁ ନେଇ ଗୋଏଙ୍କା ଓ ରାହୁଲଙ୍କ ମଧ୍ୟରେ ହୋଇଥିଲା କଥା କଟାକଟି ନିକଟରେ ଦୁହେଁ ମଧ୍ୟ ସାକ୍ଷାତ କରିଥିଲେ । ଏହାପରେ ଖବର ଆସିଲା ଯେ ଦଳ ରାହୁଲଙ୍କ ପ୍ରତି ଆଗ୍ରହ ଦେଖାଉ ନାହିଁ। ତେଣୁ ଏହା ସମ୍ଭବ ଯେ ଲକ୍ଷ୍ନୌ ୨୦୨୫ରେ ଟିମ୍‌ର ଅଧିନାୟକ ପରିବର୍ତ୍ତନ କରିପାରନ୍ତି।

ତେବେ କ୍ୱିଣ୍ଟନ୍ ଡି କକ୍ ଆଇପିଏଲ୍ ୨୦୨୪ରେ କିଛି ଖାସ୍ ପ୍ରଦର୍ଶନ କରିପାରିନଥିଲେ। ୨୦୨୩ରେ ମଧ୍ୟ ହୋଇଥିଲେ ବିଫଳ ଡି କକ୍ ୨୦୨୩ରେ ୪ଟି ମ୍ୟାଚରେ ୧୪୩ ରନ୍ ସ୍କୋର କରିଥିଲେ। ସେହିପରି ସେ ଆଇପିଏଲ୍ ୨୦୨୪ରେ ୧୧ଟି ମ୍ୟାଚ୍ ଖେଳି ସେ କରିଥିଲେ ମାତ୍ର ୨୫୦ ରନ୍ ।ତେଣୁ ଲକ୍ଷ୍ନୌ ଏଥର ଡିକକ୍ ରିଲିଜ୍ କରିପାରେ।

ତାଙ୍କ ସହିତ ଦୀପକ ହୁଡ୍ଡାଙ୍କୁ ମଧ୍ୟ ବାହାରର ରାସ୍ତା ଦେଖାଇପାରେ ଫ୍ରାଞ୍ଚାଇଜ୍ । ଆଇପିଏଲ ୨୦୨୪ରେ ହୁଡ୍ଡା ମାତ୍ର ୧୧ ମ୍ୟାଚ୍ ଖେଳି କରିଥିଲେ ୧୪୫ ରନ୍। ଏଥିସହିତ ସେ ବୋଲିଂରେ ମଧ୍ୟ କିଛି ଆଶ୍ଚର୍ଯ୍ୟଜନକ ପ୍ରଦର୍ଶନ କରିପାରିନଥିଲେ। ଆଇପିଏଲ୍ ୨୦୨୩ରେ ୧୨ଟି ମ୍ୟାଚରେ ହୁଡା ମାତ୍ର ୮୪ ରନ୍ ସଂଗ୍ରହ କରିଥିଲେ। ଏମାନଙ୍କ ବ୍ୟତୀତ ଆଇପିଏଲ୍ ୨୦୨୩ରେ ନବୀନ ଉଲ୍ ହକ୍ ୮ଟି ମ୍ୟାଚ୍ ଖେଳିଥିଲେ।

ଏହି ସମୟରେ ସେ ନେଇଥିଲେ ୧୧ଟି ୱିକେଟ ଏବଂ ୨୦୨୪ରେ ୧୦ଟି ମ୍ୟାଚ୍ ଖେଳି ନେଇଥିଲେ। ୧୪ଟି ୱିକେଟ ତଥାପି ନବୀନ ଉଲ୍ ହକ୍‌ଙ୍କୁ ରିଲିଜ କରିପାରେ ଟିମ୍ ଟିମ ଗୁଡିକ କେତେ ଖେଳାଳିଙ୍କୁ ରିଟେନ କରିବେ। ସେନେଇ କୌଣସି ସ୍ପଷ୍ଟ ସୂଚନା ଏପର୍ଯ୍ୟନ୍ତ ସାମ୍ନାକୁ ଆସିନି। କୁହାଯାଉଛି କି ଏଥର ମେଗା ନିଲାମ ପୂର୍ବରୁ ନିୟମରେ ହୋଇପାରେ ପରିବର୍ତ୍ତନ।

# କାହିଁକି କାହାକୁ ଉପ ଅଧିନାୟକ କଲା ନାହିଁ ବିସିସିଆଇ ?

ନୂଆଦିଲ୍ଲୀ,୯।୯: ଟିମର ଷ୍ଟାର ଦ୍ରୁତ ବୋଲର ଯଶପ୍ରୀତ ବୁମରାଙ୍କୁ ଏହି ସିରିଜରେ ବିଶ୍ରାମ ମିଳିବ ବୋଲି କୁହାଯାଉଥିଲେ ହେଁ ବିସିସିଆଇ ତାଙ୍କୁ ସ୍କ୍ୱାଡରେ ସାମିଲ କରିଛି। ସେହିପରି ୱିକେଟ କିପର ଋଷଭ ପନ୍ତ ମଧ୍ୟ ପ୍ରାୟ ୨୦ ମାସ ପରେ ନାଲି ବଲ କ୍ରିକେଟକୁ ଫେରିଛନ୍ତି। କିଛି ବଡ଼ ନାଁ ସ୍କ୍ୱାଡରେ ରହିଥିବା ବେଳେ କିଛି ଚର୍ଚ୍ଚିତ ଖେଳାଳି ମଧ୍ୟ ବାଦ ପଡ଼ିଛନ୍ତି। ତେବେ ବାଂଲାଦେଶ ବିପକ୍ଷ ଟେଷ୍ଟ ପାଇଁ ବିସିସିଆଇ କାହାକୁ ଉପ ଅଧିନାୟକ ଭାବେ ଚୟନ ନ କରିବା ସବୁ ଠାରୁ ଚର୍ଚ୍ଚାର ବିଷୟ ପାଲଟିଛି। ଭାରତ ଶେଷଥର ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ସିରିଜ ଖେଳୁଥିବା ବେଳେ ଯଶପ୍ରୀତ ବୁମରା ଉପ ଅଧିନାୟକ ଦାୟିତ୍ୱରେ ଥିଲେ କିନ୍ତୁ ବାଂଲାଦେଶ ବିପକ୍ଷ ଟେଷ୍ଟ ସ୍କ୍ୱାଡରେ ବୁମରା ସାମିଲ ହୋଇଥିଲେ ହେଁ ତାଙ୍କୁ ଉପ ଅଧିନାୟକ ନ କରାଯିବା ଫ୍ୟାନ୍ସଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। କଣ ପାଇଁ ବୁମରାଙ୍କୁ ଉପ ଅଧିନାୟକ କରାଗଲା ନାହିଁ ବୋଲି ମଧ୍ୟ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି।

ବୁମରାଙ୍କ ବ୍ୟତୀତ ନେତୃତ୍ୱ ନେବାର କଳା ଥିବା ଋଷଭ ପନ୍ତ ଓ କେଏଲ ରାହୁଲ ମଧ୍ୟ ସ୍କ୍ୱାଡରେ ରହିଛନ୍ତି। ରାହୁଲ ଓ ପନ୍ତଙ୍କୁ ଭାରତର ଭବିଷ୍ୟତ କ୍ୟାପ୍ଟେନ ଭାବେ ମଧ୍ୟ ବିବେଚନା କରାଯାଉଛି। କିନ୍ତୁ ଏମାନଙ୍କ ମଧ୍ୟରୁ କାହାକୁ ମଧ୍ୟ ବିଧିବଦ୍ଧ ଭାବେ ବାଂଲାଦେଶ ବିପକ୍ଷ ମ୍ୟାଚ୍ ପାଇଁ ଉପ ଅଧିନାୟକ କରାଯାଇ ନାହିଁ।



ବୋର୍ଡ ପକ୍ଷରୁ ମଧ୍ୟ ଉପ ଅଧିନାୟକ ପଦକୁ ଖାଲି ରଖାଯିବା ସମ୍ପର୍କରେ କିଛି ବି କୁହାଯାଇ ନାହିଁ ବାଂଲାଦେଶ ମ୍ୟାଚ୍ ପୂର୍ବରୁ ଅଧିନାୟକ ରୋହିତ ଶର୍ମା ଓ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ସାମ୍ବାଦିକ ସମ୍ମିଳନୀ କରିବେ ସମ୍ଭବତଃ ଏହି ସମୟରେ ଉପ ଅଧିନାୟକ ପଦ ସମ୍ପର୍କରେ ସେମାନେ ଉତ୍ତର ରଖି ପାରନ୍ତି।

ଇଂଲଣ୍ଡ ବିପକ୍ଷ ୫ ଟିକିଅ। ଘରୋଇ ସିରିଜରେ ଅନୁପସ୍ଥିତ ଥିବା ବିରାଟ କୋହଲି ଏବେ ଫେରିଛନ୍ତି। ସେ ନିଜର ଦ୍ୱିତୀୟ ସନ୍ତାନର ଜନ୍ମ ପାଇଁ ଛୁଟି ନେଇଥିଲେ। ବିଶ୍ୱକପ ପରେ ଆହତ ହୋଇଥିବା ମହମ୍ମଦ ଶାମି ଫେରିବାକୁ ସଂଘର୍ଷ କରୁଥିବା ବେଳେ ତାଙ୍କୁ ସୁଯୋଗ ମିଳିନାହିଁ। ତାଙ୍କ ବଦଳରେ ଅନକ୍ୟାପଡ ବାମ ହାତୀ ଉତ୍ତର ପ୍ରଦେଶର ଦ୍ରୁତ ବୋଲର ଯାଶ ଦୟାଲଙ୍କୁ ପ୍ରଥମଥର ପାଇଁ ଟେଷ୍ଟ ଲାଇନ ଅପରେ ସାମିଲ କରାଯାଇଛି। ୨୦୨୨ ଡିସେମ୍ବର ୨୨ରୁ ୨୫ ଯାଏ ପନ୍ତ ମୀରପୁରରେ ବାଂଲାଦେଶ ବିପକ୍ଷରେ ନିଜର ଶେଷ ଟେଷ୍ଟ ମ୍ୟାଚ୍ ଖେଳିଥିଲେ । ଏହାପରେ ଡିସେମ୍ବର ୩୦ରେ ସେ ଭୟଙ୍କର କାର ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଚଳିତ ବର୍ଷ ସେ ପ୍ରଫେସନାଲ କ୍ରିକେଟକୁ ଫେରିବା ସହ ଦଲିପ ଟ୍ରଫିରେ ମଧ୍ୟ ଠିକଠାକ ପ୍ରଦର୍ଶନ କରିଥିଲେ। ତେଣୁ ତାଙ୍କୁ ୨୦ ମାସ ପରେ ଭାରତୀୟ ଟେଷ୍ଟ ଟିମରେ ସୁଯୋଗ ମିଳିଛି। ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ପରେ ଆହତ ହୋଇଥିବା କେଏଲ ରାହୁଲ ମଧ୍ୟ ଟେଷ୍ଟ ସ୍କ୍ୱାଡକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେ ଦଲିପ ଟ୍ରଫରେ ଯଥାକ୍ରମେ ୩୭ ଓ ୫୭ ରନର ଇନିଂସ ଖେଳିଥିଲେ।

ୱିକେଟ କିପର ଧ୍ରୁବ ଜୁରେଲ ଇଂଲଣ୍ଡ ବିପକ୍ଷ ରାଞ୍ଚି ଟେଷ୍ଟରେ ମ୍ୟାଚ୍ ବିଜୟୀ ୯୦ ଓ ଅପରାଜିତ ୩୯ କରିଥିଲେ ତେଣୁ ସେ ନିଜ ସ୍ଥାନ ବଜାୟୀ ରଖିଛନ୍ତି। ବେଙ୍ଗଲର ଦ୍ରୁତ ବୋଲର ଆକାଶ ଦୀପ ରାଞ୍ଚି ଟେଷ୍ଟରେ ଡେବ୍ୟୁ କରି ୩ଟି ୱିକେଟ ନେଇଥିଲେ। ଦଲିପ ଟ୍ରଫିରେ ମଧ୍ୟ ସେ ଇଣ୍ଡିଆ। ଏ ପାଇଁ ୯ ୱିକେଟ ଦଖଲ କରିଛନ୍ତି। ଏହି ପ୍ରଦର୍ଶନ ଯୋଗୁ ସେ ମଧ୍ୟ ୧୬ ଜଣିଆ। ସ୍କ୍ୱାଡରେ ସୁଯୋଗ ପାଇଛନ୍ତି। ଭାରତୀୟ ସ୍ୱାଡ : ରୋହିତ ଶର୍ମା(ଅଧିନାୟକ), ଯଶସ୍ୱୀ ଜୈସାଲ, ଶୁବମନ ଗିଲ, ବିରାଟ କୋହଲି, କେଏଲ୍ ରହୁଲ, ସର୍ଫରାଜ ଖାନ, ଋଷଭ ପନ୍ତ (ୱିକେଟ କିପର), ଧ୍ରୁବ ଜୁରେଲ (ୱିକେଟ କିପର), ରବିଚନ୍ଦ୍ର ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ, ମହମ୍ମଦ ସିରାଜ, ଆକାଶ ଦୀପ, ଯଶପ୍ରୀତ ବୁମରା ଓ ଯଶ ଦୟାଲ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ